ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, May 12/2025 | Page 12 | ₹ 7.00
୫୧ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 166 | ମୂଲ୍ୟ ₹୭/-

# ୩ୟ ପକ୍ଷ ହସ୍ତକ୍ଷେପକୁ ଭାରତର ନା

## ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ,୧୧।୫

କଶ୍ମୀରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଦୀର୍ଘ ବିବାଦର ସମାଧାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଏହାକୁ ସ୍ୱାଗତ କରିଛନ୍ତି। କିନ୍ତୁ ଭାରତ ନିଜ ପୂର୍ବ ଆଭିମୁଖ୍ୟକୁ ପୁଣିଥରେ ସ୍ପଷ୍ଟ ଭାବେ ଦୋହରାଇ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। କଶ୍ମୀର ପ୍ରସଙ୍ଗରେ ଭାରତ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହେଁନାହିଁ ବୋଲି ରବିବାର ସ୍ପଷ୍ଟ କରିଛି। ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଫେରାଇ ଆଣିବାକୁ ଭାରତ ଚାହେଁ। ତେଣୁ ଆଗକୁ କଶ୍ମୀର ନୁହେଁ, ବରଂ ପିଓକେ ଉପରେ ହିଁ ଆଲୋଚନା ହେବ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଭାରତ ଓ ପାକିସ୍ତାନକୁ ଅସ୍ତ୍ରବିରତି ଜରିଆରେ ଉତ୍ତେଜନା ହ୍ରାସ ପାଇଁ ସହମତି ପ୍ରକାଶ କରିଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ କଶ୍ମୀର ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ସେ ଆଗ୍ରହୀ ଥିବା ଦୁଇଦେଶକୁ ପ୍ରସ୍ତାବ ଦେଇଛନ୍ତି। ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି, ଯଦି ୧,୦୦୦ ବର୍ଷ ପରେ କଶ୍ମୀର ପ୍ରସଙ୍ଗରେ ଏକ ସମାଧାନ ବାହାରିପାରିବ ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ। ଦୁଇଦେଶର ନେତୃତ୍ୱଙ୍କୁ ଭଗବାନ ☞ପୃଷ୍ଠା-୨

## ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ: ମୋଦି


ନରେନ୍ଦ୍ର ମୋଦି

ପାକିସ୍ତାନ କିଛି କଲେ ଭାରତ ଆହୁରି କଡ଼ା ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି। ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିବା ସମୟରେ ଉପରାଷ୍ଟ୍ରପତି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ସ୍ତ୍ରୀ ଉଷା ଓ ପିଲାମାନଙ୍କ ସହ ଭାରତରେ ଥିଲେ। ଏହା ପରଠୁ ଭାରତ ଓ ପାକସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଇତିମଧ୍ୟରେ ଶୁକ୍ରବାର ଉପରାଷ୍ଟ୍ରପତି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରିଥିଲେ। ଏହି ସାମରିକ ଉତ୍ତେଜନା ଆଗକୁ ଆଣବିକ ଯୁଦ୍ଧର ରୂପ ନ ନେଉ ବୋଲି ଭାନ୍ସ ☞ପୃଷ୍ଠା-୨

# ବେସାମରିକ ସୁରକ୍ଷାରେ ଯୋଗଦେବାକୁ ଯୁବସମାଜକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୫(ରବିନାରାୟଣ ଜେନା)

ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଲାଗି ବେସାମରିକ ସୁରକ୍ଷା(ସିଭିଲ ଡିଫେନ୍ସ)ରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ରଖି ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଜନସାଧାରଣଙ୍କୁ ବିଶେଷକରି ଯୁବ ସମାଜକୁ ଆହ୍ୱାନ କରୁଛି। ଯୁବ ସମାଜ ହିଁ ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ। ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲାସ୍ତରରେ ଜିଲାପାଳଙ୍କୁ ଆବେଦନ କରିପାରିବେ। ଜିଲାପାଳ ହେଉଛନ୍ତି ଜିଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ଆବଶ୍ୟକ ହେଲେ, ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ। ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି। ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନଗୁଡ଼ିକରେ ନୂଆ ସଙ୍ଗଠନ ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୋର ଆଶା ଓ ବିଶ୍ୱାସ, ସେବା ଓ ଜାତୀୟତାର ମନୋଭାବ ରଖି ଅନେକ ବ୍ୟକ୍ତିବିଶେଷ, ବିଶେଷକରି ଯୁବ ବର୍ଗ ଏଥିପାଇଁ ଆଗେଇ ଆସିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।





ସାଧାରଣ ସଭା
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଦୟ ଉପସ୍ଥିତି
ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର,
ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ, ଓଡ଼ିଶା
ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ,
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା, ଓଡ଼ିଶା
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ,
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀ ପ୍ରତାପ ଷଡ଼ଙ୍ଗୀ, ସାଂସଦ (ଲୋକସଭା), ବାଲେଶ୍ୱର
ଶ୍ରୀ ଅନନ୍ତ ନାୟକ, ସାଂସଦ (ଲୋକସଭା), କେନ୍ଦୁଝର
ଶ୍ରୀ ନବ ଚରଣ ମାଝୀ, ସାଂସଦ (ଲୋକସଭା), ମୟୂରଭଞ୍ଜ
ଶ୍ରୀମତୀ ମମତା ମହାନ୍ତ, ସାଂସଦ (ରାଜ୍ୟସଭା)
ଶ୍ରୀ ଜଲେନ ନାଏକ, ବିଧାୟକ, ରାଇରଙ୍ଗପୁର
ଶ୍ରୀ ଭାଦବ ହାଁସଦା, ବିଧାୟକ, ସାରସକଣା
ଶ୍ରୀ ପଦ୍ମଚରଣ ହାଇବୁରୁ, ବିଧାୟକ, କରଞ୍ଜିଆ
ଶ୍ରୀ ଭାସ୍କର ମଢେଇ, ବିଧାୟକ, ଉଦଳା
ଶ୍ରୀ ପ୍ରକାଶ ସୋରେନ, ବିଧାୟକ, ବାରିପଦା
ଶ୍ରୀ ସନାତନ ବିଜୁଳି, ବିଧାୟକ, ବଡ଼ସାହି
ସୁଶ୍ରୀ ସଞ୍ଜଳି ମୁର୍ମୁ, ବିଧାୟିକା, ବାଙ୍ଗିରିପୋଷି
ଶ୍ରୀମତୀ ଭାରତୀ ହାଁସଦା, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, ମୟୂରଭଞ୍ଜ
୧୨- ୧୪ ମଇ ୨୦୨୫ ମହୁଲଡିହା, ଦାଣ୍ଡବୋଷ, ରାଇରଙ୍ଗପୁର
• ପୂର୍ବାହ୍ନ ୧୧ ଘଟିକା - ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠରେ ମାଲ୍ୟାର୍ପଣ
• ପୂର୍ବାହ୍ନ ୧୧.୩୦ ଘଟିକା - ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅଲଚିକି ଲିପି ଉଦ୍ଭାବନ ଏବଂ ସମାଜପ୍ରତି ଅବଦାନର ସଂକ୍ଷିପ୍ତ ଅବଲୋକନ
ଜନସାଧାରଣଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ।
ନିବେଦକ- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ
OIPR-03029/13/0054/2526


# ଆହୁରି ୩ ଡିଗ୍ରୀ ବଢ଼ିବ ତାପମାତ୍ରା

## ୪୩.୨ ଡିଗ୍ରୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୧୧।୫ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଥିବାବେଳେ ଖରା ଓ ଗୁଳୁଗୁଳି କଲବଲ କରୁଛି। ତେବେ ଆଗାମୀ ୩ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ମଧ୍ୟ ୧୯ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ୪୩.୨ ଡିଗ୍ରୀ ସେଲସିୟସ୍ ସହ ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ, ବଲାଙ୍ଗୀର ୪୨, ସୁନ୍ଦରଗଡ଼ ୪୧.୮, ଅନୁଗୋଳ ୪୧.୭, ହୀରାକୁଦ ଓ ଝାରସୁଗୁଡ଼ାରେ ୪୧.୬, ସୋନପୁର, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୪୧.୨, ଢେଙ୍କାନାଳ ଓ ଭୁବନେଶ୍ୱରରେ ୪୦.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ତେବେ ଭୁବନେଶ୍ୱରରେ ଏହା ଚଳିତବର୍ଷର ସର୍ବାଧିକ ତାପମାତ୍ରା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ସୋମବାର ଖରା ଓ ଗୁଳୁଗୁଳି ନେଇ ୧୧ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଜିର ସମ୍ପାଦକୀୟ
ବ୍ୟାଖ୍ୟାନ ଜରୁରୀ







DADLS-22



ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0652/2526



# ଭାରତ-ପାକ୍ ସଂଘର୍ଷ







ପାକିସ୍ତାନ ସେନା ଗୁଳିମାଡ଼ରେ ଜମ୍ମୁରେ ଶହୀଦ ହୋଇଥିବା କର୍ତ୍ତବ୍ୟରତ ବିଏସ୍ଏଫ୍ ସବ୍ଇନ୍ସପେକ୍ଟର ମହମ୍ମଦ ଇମ୍ତିଆଜ୍‌ଙ୍କ ମରଶରୀରକୁ ଯବାନମାନେ ରବିବାର ଶୋଭାଯାତ୍ରାରେ ତାଙ୍କ ଘର ଅଭିମୁଖେ ନେଉଛନ୍ତି।



ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହୋଇଥିବାବେଳେ ବିଏସ୍ଏଫ୍ ଓ ପଞ୍ଜାବ ପୋଲିସର ମିଳିତ ଯାଞ୍ଚ ସମୟରେ ରବିବାର ସୀମାବର୍ତ୍ତୀ ଫିରୋଜପୁର ସନ୍ନିକଟ ଏକ ଗାଁର ବିଲରୁ ଡ୍ରୋନ୍ ଏବଂ ପିସ୍ତଲ ଜବତ କରାଯାଇଛି।



ପାକ୍ ସେନାର ଗୁଳିଗୋଳା ଆକ୍ରମଣରେ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ରାଜୌରୀର ଅତିରିକ୍ତ ଜିଲା ଡେଭଲପମେଣ୍ଟ କମିଶନର ରାଜ କୁମାର ଥାପାଙ୍କ ମରଶରୀର ରବିବାର ଜମ୍ମୁସ୍ଥିତ ତାଙ୍କ ସରକାରୀ ଆବାସରେ ପହଞ୍ଚିବା ପରେ ମ୍ରିୟମାଣ ହୋଇପଡ଼ିଥିବା ପରିବାରବର୍ଗ।



ଜମ୍ମୁ ଜିଲାର ଟ୍ରେୱା ଗାଁରେ କର୍ତ୍ତବ୍ୟରତ ଯବାନ ସୁନୀଲ କୁମାର ପାକ୍ ସେନା ଗୁଳିରେ ଶହୀଦ ହୋଇଥିବାବେଳେ ରବିବାର ତାଙ୍କ ମରଶରୀରକୁ ସମ୍ମାନ ଜଣାଉଛନ୍ତି ଜମ୍ମୁ-କଶ୍ମୀର ଲ୍ୟାଫ୍ଟନାଣ୍ଟ ଗର୍ଭନର ମନୋଜ ସିହ୍ନା।



ଅପରେଶନ 'ସିନ୍ଦୂର' ଏବଂ ଭାରତୀୟ ସଶସ୍ତ୍ର ବଳର ପ୍ରଶଂସାରେ ରବିବାର ବେଙ୍ଗାଲୁରୁରେ ବାହାରିଥିବା 'ୱାକ୍ ଫର୍ ନେଶନ' ଶୋଭାଯାତ୍ରା।

## ଅସ୍ତ୍ରବିରତି ପରେ



ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଅନୁଯାୟୀ ଶନିବାର ବିଳମ୍ବିତ ରାତିରୁ ପ୍ରାୟତଃ ଗୁଳି ବିନିମୟ ବନ୍ଦ ରହିଥିବାବେଳେ ରବିବାର ପଞ୍ଜାବର ଅମୃତସରରେ ସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ଏକ ଦୋକାନ ସମ୍ମୁଖରେ ଲୋକମାନେ ବସି ଜଳପାନ କରୁଛନ୍ତି।



ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ଯୋଗୁ ରବିବାର ଶ୍ରୀନଗର ମାର୍କେଟରେ ଲୋକେ ସ୍ୱାଭାବିକ ଭାବେ କିଣାକିଣି କରୁଛନ୍ତି।




ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ବୁଝାମଣା ହୋଇଥିବାବେଳେ ରବିବାର ଶ୍ରୀନଗରରେ ସୁରକ୍ଷା କର୍ମୀମାନେ ସଜାଗ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବ୍ରହ୍ମୋସ୍ ଆମ ସଶସ୍ତ୍ର ବଳ ସାମର୍ଥ୍ୟର ବାର୍ତ୍ତା

### ବ୍ରହ୍ମୋସ୍ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ

ଲକ୍ଷ୍ନୌ,୧୧।୫(ପି.ଟି.)

ବ୍ରହ୍ମୋସ୍ କେବଳ ଏକ ଅସ୍ତ୍ର ନୁହେଁ, ଭାରତୀୟ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲକ୍ଷ୍ନୌଠାରେ ଏହି ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ ସିଷ୍ଟମ୍‌ର ସର୍ବବୃହତ୍ ସମନ୍ୱିତ ଓ ପରୀକ୍ଷଣ ୟୁନିଟ୍‌କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ଭାରତ ଏବେ ବିଶ୍ୱର ଅନ୍ୟତମ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଆମେ ଆମର ସାମର୍ଥ୍ୟ କ୍ରମାଗତ ଭାବେ ବଢ଼ାଇ ଚାଲିଛୁ ଏବଂ ମୋର ବିଶ୍ୱାସ ବ୍ରହ୍ମୋସ୍‌ର ଏହି ନୂଆ ଉତ୍ପାଦନ ଓ ପରୀକ୍ଷଣ କେନ୍ଦ୍ର ଭାରତର ଶକ୍ତି ସାମର୍ଥ୍ୟକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଦିଲ୍ଲୀରୁ ଉକ୍ତ ଫାସିଲିଟିକୁ ଭର୍ଚୁଆଲି ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ବିଶ୍ୱର ଦ୍ରୁତତମ, ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟରେ ବ୍ରହ୍ମୋସ୍ ଅନ୍ୟତମ। ଏହା ଆମ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା, ଶତ୍ରୁ ପ୍ରତି ଆମ ଅବରୋଧ ଶକ୍ତିର ବାର୍ତ୍ତା ଏବଂ ଆମ ସୀମାକୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତିବଦ୍ଧତା ବୋଲି ରାଜନାଥ କହିଛନ୍ତି।




ଉତ୍ତରପ୍ରଦେଶ ପ୍ରତିରକ୍ଷା ଶିଳ୍ପାଞ୍ଚଳ କରିଡରରେ ୩୦୦ କୋଟି ଟଙ୍କା ବ୍ୟୟରେ ବ୍ରହ୍ମୋସ୍ ଉତ୍ପାଦନ ଓ ପ୍ରଶିକ୍ଷଣ ୟୁନିଟ୍ ସ୍ଥାପନ କରାଯାଇଛି, ଯାହା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଠାରେ ବର୍ଷକୁ ୧୦୦ରୁ ୧୫୦ ବ୍ରହ୍ମୋସ୍ ମିଶାଇଲ୍ ଉତ୍ପାଦନ କରାଯିବ। ଏହି ଫାସିଲିଟି କ୍ଷେପଣାସ୍ତ୍ର ଉତ୍ପାଦନ ସହ ପରୀକ୍ଷା, ସମନ୍ୱୟ ସମେତ ଏରୋସ୍ପେସ୍-ଗ୍ରେଡ୍ ଉପକରଣ ପାଇଁ ଏକ କମ୍ପ୍ଲେକ୍ସ ଭାବେ କାର୍ଯ୍ୟ କରିବ। ୨୯୦ରୁ ୪୦୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ଥିବା ବ୍ରହ୍ମୋସ୍‌ର ସର୍ବାଧିକ ବେଗ ମାକ୍ ୨.୮। ଭାରତ ଏବଂ ରୁଷିଆର ମିଳିତ ଉଦ୍ୟୋଗ ବ୍ରହ୍ମୋସ୍ ଏରୋସ୍ପେସ୍ ଏହାର ଉତ୍ପାଦନ କରୁଛି। ସ୍ଥଳ, ଜଳ ଓ ଆକାଶରୁ ଏହାକୁ ନିକ୍ଷେପ କରାଯାଇପାରିବ। ୩ ବର୍ଷ ୬ ମାସ ମଧ୍ୟରେ ଏହି କାରଖାନା ନିର୍ମାଣ କରାଯାଇଛି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ | Bhubaneswar, Monday, May 12/2025 | ପୃଷ୍ଠା-୧



ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଅସ୍ତ୍ରବିରତି ସହମତି ପରେ ରବିବାର ଜମ୍ମୁ-କଶ୍ମୀରର ବାରମୂଲା ଅଞ୍ଚଳର ଲୋକେ ନିଜ ଘରକୁ ଫେରିବା ପାଇଁ ସରକାରୀ ଅନୁମତି ଅପେକ୍ଷାରେ।

# ଅସ୍ତ୍ରବିରତି ପରେ ରାଜନୀତି

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ, ଖାର୍ଗେ

**ପାକିସ୍ତାନ ସହ ଅସ୍ତ୍ରବିରତି ନେଇ କେନ୍ଦ୍ର ସରକାର ଘୋଷଣା କରିବାର ଦିନକ ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। 'ଅପରେଶନ୍ ସିନ୍ଦୂର' ସିଜ୍‌ଫାୟାର ସମ୍ପର୍କରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେ ଦାବି କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଅସ୍ତ୍ରବିରତି ସମ୍ପର୍କରେ ଘୋଷଣା କରିଥିବା ପ୍ରସଙ୍ଗ ମଧ୍ୟ ରାହୁଲ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୂପ କଥା କହିଛନ୍ତି। ଏତିକି ନୁହେଁ, କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି। କଶ୍ମୀର ଉପରେ କେନ୍ଦ୍ର ସରକାର ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରିନେଇଛନ୍ତି କି ବୋଲି ବିରୋଧୀ ଦଳ ସରକାରଙ୍କଠାରୁ ଜବାବ ମାଗିଛି। ଶନିବାର ଅପରାହ୍ଣ ୫ଟାରୁ ଅସ୍ତ୍ରବିରତି ଘୋଷଣା କରାଯାଇଥିବାବେଳେ ରବିବାର ସକାଳୁ ଦେଶରେ ରାଜନୀତି ସରଗରମ ହେବାରେ ଲାଗିଛି।**

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ପ୍ରତିଟି କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। କିନ୍ତୁ ରବିବାର ଅସ୍ତ୍ରବିରତିକୁ ୨୪ ଘଣ୍ଟା ନ ବିତୁଣୁ ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପହଲଗାମ୍ ଆକ୍ରମଣଠାରୁ ନେଇ 'ଅପରେଶନ୍ ସିନ୍ଦୂର' ଓ ତତ୍ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ଏବଂ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବାବେଳେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ୍ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନନ୍ତି, ୧୯୭୧ ଯୁଦ୍ଧ ପରେ ମଧ୍ୟ ତତ୍କାଳୀନ ସରକାରଙ୍କ ଉପରେ ଅନୁରୂପ ଚାପ ସୃଷ୍ଟି କରାଯାଇଥିଲା। ସେତେବେଳେ ଆମେରିକା ସରକାର ନିଜ ସେନାର ସପ୍ତମ ଫ୍ଲିଟ୍ ପଠାଇବାକୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଜ କାର୍ଯ୍ୟ କରିଥିଲେ। ବର୍ତ୍ତମାନର ସିଜ୍‌ଫାୟାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଏପରି କି ସେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣ ଉଦ୍ୟମ ହୋଇଥିବାରୁ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ସରକାର ସଂସଦର ଅଧିବେଶନ ଡାକି ୧୯୯୪ରେ ନିଆଯାଇଥିବା ସଂକଳ୍ପନାମାକୁ ପୁନର୍ବାର ଗୃହୀତ କରାନ୍ତୁ। ୧୯୯୪ ସଂକଳ୍ପନାମା ଅନୁସାରେ କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ତୃତୀୟ ପକ୍ଷର ସମ୍ପୃକ୍ତିକୁ ଏଥିରେ ଅଗ୍ରାହ୍ୟ କରାଯାଇଛି।

ତେବେ କେବଳ କଂଗ୍ରେସ ନୁହେଁ, ଶିବସେନା ୟୁବିଟି ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଅନୁରୂପ ଦାବି କରିଛନ୍ତି। ଆପ୍‌ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଆମେରିକା କାହିଁକି ସିଜ୍‌ଫାୟାର ଘୋଷଣା କଲା ? ଭାରତର ସାର୍ବଭୌମତ୍ୱକୁ ନେଇ କାହିଁକି ପ୍ରଶ୍ନ ଉଠୁଛି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି ବୋଲି ସଞ୍ଜୟ କହିଛନ୍ତି।

ସରକାର ବର୍ତ୍ତମାନ ସୁଦ୍ଧା ସ୍ଥିତି ଉପରେ ପ୍ରତିକ୍ରିୟା ଦେବା ପାଇଁ ଅଧିକାରୀମାନଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇଛନ୍ତି। ତେଣୁ ଅସ୍ତ୍ରବିରତି ଚୂଡ଼ାନ୍ତ ନୁହେଁ ଏବଂ ଆଗକୁ କ'ଣ ହେଉଛି ତା' ଉପରେ ନଜର ରଖାଯାଇଥିବା ସଙ୍କେତ ମିଳୁଛି ବୋଲି ଅନେକେ କହୁଛନ୍ତି। ଏଭଳି ସମୟରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ଓ କଂଗ୍ରେସକୁ ସମାଲୋଚନା କରାଯାଇଛି। ୧୯୭୧ ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀଙ୍କ ସରକାର କୌଣସି ରଣନୈତିକ ଲାଭକୁ ସୁନିଶ୍ଚିତ ନ କରି ୯୦,୦୦୦ରୁ ଊର୍ଦ୍ଧ୍ୱ ଯୁଦ୍ଧବନ୍ଦୀଙ୍କୁ ଛାଡ଼ିଦେଇଥିଲେ। କିନ୍ତୁ ମୋଦିଙ୍କ ନେତୃତ୍ୱରେ ପାକିସ୍ତାନ ମାତ୍ର ୭୨ ଘଣ୍ଟା ଭିତରେ ଆଣ୍ଠେଇ ପଡ଼ିଛି ବୋଲି ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ଅବଗତ କରାଇଲେ ୩ ସେନା ମୁଖ୍ୟ



ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ସିଡିଏସ୍ ଅନିଲ ଚୌହାନ ଏବଂ ୩ ସେନାମୁଖ୍ୟ ।

ନୂଆଦିଲ୍ଲୀ,୧୧।୫

ପାକିସ୍ତାନ ସହ ଅସ୍ତ୍ରବିରତି ଘୋଷଣାର ଦିନକ ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ଯୋଗଦେଇଥିଲେ। ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶଲ ଏ.ପି. ସିଂ ଓ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସୀମା ଉପରେ କଡ଼ା ନଜର ରଖି ପାକିସ୍ତାନ ପଟୁ ସମ୍ଭାବ୍ୟ ଅତିକ୍ରମଣର କଡ଼ା ଜବାବ ଦେବା ପାଇଁ ପ୍ରଧାନମନ୍ତ୍ରୀ ୩ ସେନା ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ସୂତ୍ରରୁ ଜଣାପଡ଼ିଛି।

## କରାଚୀ ଆକ୍ରମଣ ପାଇଁ ନୌସେନା ପ୍ରସ୍ତୁତ ଥିଲା

ନୂଆଦିଲ୍ଲୀ,୧୧।୫

ଅପରେଶନ ସିନ୍ଦୂର ବେଳେ ନୌସେନାର ଯୁଦ୍ଧଜାହାଜ ଆରବ ସାଗରରେ ମୁତୟନ ଥାଇ କରାଚୀ ଉପରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ରହିଥିଲା। ଭାରତୀୟ ଯୁଦ୍ଧଜାହାଜର ଉପସ୍ଥିତି ଯୋଗୁ ପାକିସ୍ତାନୀ ନୌସେନା ଆଗକୁ ବଢ଼ି ନ ପାରି ଏହାର ଉପକୂଳରେ ରହିବାକୁ ବାଧ୍ୟ ହୋଇଥିବା ନୌସେନା ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୌସେନାର ଯୁଦ୍ଧବିମାନବାହୀ ଜାହାଜ, ବୁଡ଼ାଜାହାଜ ଏବଂ ଅନ୍ୟ ଆସେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଯୁଦ୍ଧପ୍ରସ୍ତୁତି ସହ ସମୁଦ୍ରରେ ମୁତୟନ କରାଯାଇଥିଲା। ଆତଙ୍କବାଦୀ ଆକ୍ରମଣର ୯୬ ଘଣ୍ଟା ମଧ୍ୟରେ ଆରବ ସାଗରରେ ଏକାଧିକ ଅସ୍ତ୍ର ପରୀକ୍ଷା କରାଯାଇଥିଲା। ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଟାର୍ଗେଟ କରିବା ପାଇଁ ଆମ ସୈନ୍ୟ, ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ତଥା ପ୍ଲାଟ୍‌ଫର୍ମ ପ୍ରସ୍ତୁତିକୁ ସ୍ପଷ୍ଟ କରିବା ଏହାର ଲକ୍ଷ୍ୟ ଥିଲା। ପାକିସ୍ତାନ ପକ୍ଷର କୌଣସି ଆକ୍ରମଣକୁ ପ୍ରତିହତ କରିବା ସହ କରାଚୀ ସମେତ ବିଭିନ୍ନ ଟାର୍ଗେଟକୁ ଆକ୍ରମଣ ପାଇଁ ଆମେ ପ୍ରସ୍ତୁତ ରହିଥିଲୁ ବୋଲି ଭାଇସ୍ ଆଡମିରାଲ କହିଛନ୍ତି।

# ଅପରେଶନ ସିନ୍ଦୂରରେ ୫ ଯବାନଙ୍କୁ ହରାଇଛି ଭାରତ

## ୩୫ରୁ ଅଧିକ ପାକ୍ ସୈନ୍ୟ ନିହତ

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜବାବରେ ନିଆଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂରରେ ଭାରତ ୫ ଯବାନଙ୍କୁ ହରାଇଥିବା ସେନା ପକ୍ଷରୁ ରବିବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିଗୋଳା ବିନିମୟ ବେଳେ ପାକିସ୍ତାନର ପ୍ରାୟ ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି। ୭ ତାରିଖରେ ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ୯ଟି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଆମେ ଆକ୍ରମଣ କରିଥିଲୁ। ସେମାନେ ଆମ ସୀମାରେ ପ୍ରବେଶ କରି ଭିତ୍ତିଭୂମିକୁ ଟାର୍ଗେଟ କରିବାରୁ ଓଜନଦାର ଅସ୍ତ୍ରରେ ଏହାର ଜବାବ ଦିଆଯାଇଥିଲା ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି।

# ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ କରାଇଥିବା ପାକିସ୍ତାନ ମାନିଲା

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ୨୦୧୯ରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଭୂମିକା ଥିବା ଏହାର ସେନା ଅଧିକାରୀ ସ୍ୱୀକାର କରିଛନ୍ତି। ଏହି ଆକ୍ରମଣରେ ସିଆରପିଏଫ୍‌ର ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାକିସ୍ତାନୀ ସେନାର ଏକ 'ସାମରିକ ପ୍ରତିଭା' ବୋଲି ଏହାର ବାୟୁସେନା ଭାଇସ୍ ମାର୍ଶାଲ ଔରଙ୍ଗଜେବ୍ ଅହମଦ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ସେ ପାକିସ୍ତାନ ବାୟୁସେନାର ଜନସମ୍ପର୍କ ଡିଜି ରହିଛନ୍ତି। ପୁଲ୍‌ୱାମା ଆକ୍ରମଣରେ ସମ୍ପୃକ୍ତିକୁ ପାକିସ୍ତାନ ଆଜି ପର୍ଯ୍ୟନ୍ତ ଅସ୍ୱୀକାର କରିଆସୁଥିବାବେଳେ ଏବେ ନିଜେ ସତ ଓକାଳିଛି। ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଦ୍ୱାରା କେବଳ ପୁଲ୍‌ୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ପଦାରେ ପଡ଼ିନାହିଁ, ବରଂ ଗତ ମାସ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଏହାର ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ନ ଥିବା କହି ଭାରତକୁ ପ୍ରମାଣ ମାଗୁଥିବାବେଳେ ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଏହା ବିରୋଧରେ ଯାଇଛି।

# ରାୱଲପିଣ୍ଡିରେ ଅନୁଭୂତ ହେଲା ଭାରତୀୟ ସାମରିକ ଶକ୍ତି: ରାଜନାଥ

ନୂଆଦିଲ୍ଲୀ,୧୧।୫

'ଅପରେଶନ ସିନ୍ଦୂର' ଅଧୀନରେ ଭାରତୀୟ ସଶସ୍ତ୍ର ବଳ କେବଳ ସୀମାନ୍ତବର୍ତ୍ତୀ ପାକିସ୍ତାନୀ ସେନାଘାଟିଗୁଡ଼ିକୁ ଉଡ଼ାଇଦେଇଛି ତାହାନୁହେଁ, ଭାରତୀୟ ସାମରିକ ଶକ୍ତି ପାକିସ୍ତାନୀ ସେନାର ମୁଖ୍ୟାଳୟ ରାୱଲପିଣ୍ଡିରେ ମଧ୍ୟ ଅନୁଭୂତ ହୋଇଛି ବୋଲି ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଲକ୍ଷ୍ନୌରେ ବ୍ରହ୍ମୋସ ମିଶାଇଲ୍‌ର ଏକ ପ୍ରଡକ୍ସନ ୟୁନିଟ୍‌ର ଉଦ୍‌ଘାଟନ ବେଳେ ଭର୍ଚୁଆଲି ସମ୍ବୋଧିତ କରି ରାଜନାଥ ଏପରି ମନ୍ତବ୍ୟ ଦେଇଛନ୍ତି। ରାଜନାଥ କହିଛନ୍ତି, ଭାରତୀୟ ସେନା ଭାରତବିରୋଧୀ ତତ୍ତ୍ୱ ଓ ଆତଙ୍କବାଦୀମାନଙ୍କୁ ଦଣ୍ଡିତ କରିଛି, ଯେଉଁମାନେ କି ପହଲଗାମ୍ ଆକ୍ରମଣ ଜରିଆରେ ଅନେକ ପରିବାରର ସିନ୍ଦୂର ଲିଭାଇଦେଇଥିଲେ। ଉଲ୍ଲେଖଯୋଗ୍ୟ ମେ' ୭ ତାରିଖ ଭୋର ସମୟରେ ଭାରତ ପକ୍ଷରୁ ଅପରେଶନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା। ଏଥିରେ ପାକିସ୍ତାନ ଏବଂ ପିଓକେସ୍ଥିତ ୯ ସ୍ଥାନରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଓ ଶିବିରଗୁଡ଼ିକୁ ମିଶାଇଲ ମାଡ଼ କରି ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ମୋଟାମୋଟି ଭାବେ ପାକିସ୍ତାନୀ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି ଅପରେଶନ୍ ସିନ୍ଦୂର।

SIKSHA 'O' ANUSANDHAN
SAAT-2025
Empowering students for a brighter future
AGRICULTURAL PROGRAMMES OFFERED
B.Sc. (H) Agriculture
M.Sc. Agriculture
APPROVAL & RECOGNITIONS
Approved by UGC and ICAR
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2024
14th Best in University Category
21st Best in Medical Category
09th Best in Dental Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

**ଆଜିର ମନ୍ତବ୍ୟ**

ଏଣିକି ପାକିସ୍ତାନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନେବାର ଦୁଃସାହସ କରେ, ତେବେ ଆମେ କ'ଣ କରିବୁ ତାହା ଇସ୍‌ଲାମାବାଦ ଭଲଭାବେ ଜାଣେ।
–ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ, ନୌସେନା ଅଭିଯାନ ଡିଜି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରେନିଂ ଆଣ୍ଡ କୋଚିଂ ଏକାଡେମୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତ୍ରିଶୂଳିଆ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ୪୬ତମ ଶ୍ରୀ ନୃସିଂହନାଥ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରମ୍ଭେଇ–ଖୁଣ୍ଟୁଣୀ ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:କୁସୁନ୍ଦାସପୁର, ଔପଦା,ସମୟ:ଦିବସବ୍ୟାପୀ।
- ଭାଗବତ କଥାମୃତ ପ୍ରବଚନ ସଭାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବବିବାହ ଉପଲକ୍ଷେ ଲଗ୍ନଧରା, ସ୍ଥାନ: ଆରଡ଼ି, ସମୟ: ଅପରାହ୍ନ ୪ଟା।
- ଭାଗବତ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଅଷ୍ଟପ୍ରହର ଓ ନାମଯଜ୍ଞ, ସ୍ଥାନ: ଶୀର୍ଷାପାଳ, ଅଡ଼ିଆ, ମୋରଡ଼ା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ–୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମଦିବସ ପାଳନ, ସ୍ଥାନ: ମହୁଲଡିହା, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ,ସ୍ଥାନ: ଉଦଳା ହାଇସ୍କୁଲ ଛକ (ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ),ସମୟ:ଅପରାହ୍ନ ୩ଟା୩୦।
- ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ୍, ବାରିପଦା, ସମୟ: ଅପରାହ୍ନ ୪ଟା।
- ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ ମଦନମୋହନଙ୍କ ନୌକା ଯାତ୍ରା, ସ୍ଥାନ: ଚିତ୍ରଡ଼ା ରାଜା ବନ୍ଧ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶର ଷଡତ୍ରିଂଶତମ ସଂସ୍ଥାପନ ଦିବସ, ସ୍ଥାନ: ଶ୍ରୀ ଅରବିନ୍ଦ ଭବନ, ସମୟ: ସକାଳ ୭ଟା।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଗୋଷାଣୀ ନୂଆଗାଁ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଗାୟକ ଓ ବାୟକ ମାନଙ୍କର ପାଠଶାଳା ଓ ଆଲୋଚନାଚକ୍ର, ସ୍ଥାନ: ସତ୍ୟ ନାରାୟଣ ପାଲା ମଣ୍ଡପ, ତରଭା, ସମୟ: ସକାଳ ୯ଟା।
- ଲ୍ୟାମ୍ପ ଲାଇଟିଂ ସେରେମୋନି, ସ୍ଥାନ: ସିନର୍ଜି ନର୍ସିଂ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ସକାଳ ୮ଟା ୩୦।
- ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାର ବେଶ, ସ୍ଥାନ: ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଶଙ୍କୁକର୍ଣ୍ଣ ପୋଡ଼ି ଉତ୍ସବ, ସ୍ଥାନ: ନନ୍ତାର, କୋରୋ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'କଣସରା ଓ ଶ୍ରୀହନୁମାନଜୀଉ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।

## ଯାଜପୁର
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ରାତି ୮ଟା।

## ନୟାଗଡ଼
- ଚନ୍ଦନଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡ଼ୁବାବାଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ଶରଣକୁଳ ଲଡ଼ୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- ଗଙ୍ଗା ମା'ଙ୍କ ଘଟଯାତ୍ରା ଶୁଭାରମ୍ଭ, ସ୍ଥାନ: ଦୁର୍ଗାମନ୍ଦିର ପରିସର, ସେମିଳିଗୁଡା, ସମୟ: ସକାଳ ୬ଟା।
- ପରୁଆମାଳି ଗୁମ୍ଫାରେ ପାହାଡ ଯାତ୍ରା, ଡଙ୍ଗରଦେବୀଙ୍କ ପୂଜା, ସ୍ଥାନ:ପରୁଆମାଳି ପାହାଡ, ଡାରେଙ୍ଗବା, ସମୟ: ସକାଳ ୭ଟା।

## ସମ୍ବଲପୁର
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜମନକିରା ବ୍ଲକ ପରିସର, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଶିଶୁ ଉଦ୍ୟାନ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ଭୀମ ଭୋଇ ନଗର ସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନର ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ହରିଶଙ୍କର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ହରିଶଙ୍କର ପୀଠ, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୭ଟା।
- ଭୀମ ଭୋଇ ଜୟନ୍ତୀ ସମାରୋହ, ସ୍ଥାନ: ଆଇନ ମହାବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ସାଇବାବା ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତିନଗର, ସମୟ: ସକାଳ ୫ଟା।
- ଶିଶୁ ନାଟ୍ୟ କର୍ମଶାଳା, ସ୍ଥାନ: ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର–୨୦, ସମୟ: ସକାଳ ୭ଟା ୩୦।
- ଚନ୍ଦନ ଯାତ୍ରା ଉଦ୍‌ଯାପନ ଉତ୍ସବ, ସ୍ଥାନ: ସେକ୍ଟର–୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବୈଶାଖୀ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ,ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ:ସକାଳ ୭ଟା।
- ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନୋତ୍ସବ, ସ୍ଥାନ:ବଗେଇବିରା ଡୁଙ୍ଗୁରି, ବରଗଡ଼, ସମୟ:ସକାଳ ୯ଟା।
- ମାହେଶରୀ ନର୍ସିଂ କଲେଜରେ ବାର୍ଷିକ ଉତ୍ସବ ଓ ନର୍ସ ଡେ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମେଳାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ,ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼,ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ବୁଦ୍ଧ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଭୀମ ପାହାଡ, କେଳାକଟା, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ସନ୍ଥକବି ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ଗୋପପୁର, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ, ସ୍ଥାନ: ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ ସନ୍ଧ୍ୟା ୬ଟା।
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ଅହୋରାତ୍ର।
- ଭୀମଭୋଇ କଳା ନିକେତନ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା୩୦।
- ଭୀମ ଭୋଇ ଜନ୍ମ ସ୍ମୃତି ପୀଠ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ଜଟେସିଙ୍ଘା ପଞ୍ଚାୟତ କାର୍ଯ୍ୟାଳୟ ସମୟ: ସକାଳ ୯ଟା।
- ଦେଉଳମୁଣ୍ଡା ଭାଗବତ ସପ୍ତାହ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ରାହୁ ପ୍ରଭାବରୁ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥି ପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ** — ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଦ୍ୱାଦଶସ୍ଥ ରବିଙ୍କ ଯୋଗୁ ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** — ଆଜି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମ ହାସଲ କରିବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ହେତୁ ବ୍ୟବସାୟିକ ଦିଗ ମଧ୍ୟମ ପ୍ରକାର ରହିବ। ଆଲୋଚନା ପରିସରରେ କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହ ଝଗଡ଼ା ଲାଗିପାରେ।

**କର୍କଟ** — ଖଟଣି ବଢ଼ିବ କିନ୍ତୁ ଯାହା ଯେତିକି ଓ ଯେମିତି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହେବେ। ମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** — ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା** — ଆନୁସଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଆଶା ପୂରଣ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ସପ୍ତମସ୍ଥ ପାପଗ୍ରହଜନିତ ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ଦୁଃଖ ଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** — ସପ୍ତମାଧିପ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** — ଦୀର୍ଘଦିନ ହେଲା ଯାହା ହୋଇ ପାରି ନ ଥିଲା ଆଜି ତାହାର ସରଳ ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳ ହେବେ। ଭୁଲ୍ ବୁଝାମଣାରୁ ପରିବାର ସଦସ୍ୟଙ୍କଠାରୁ ସମସ୍ୟା ଆସିପାରେ। ଶନିଙ୍କ କୁପ୍ରଭାବରୁ ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** — ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଆର୍ଥିକ ଦିଗରୁ ସମସ୍ୟା ଲାଗିରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରିଚାଲିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** — ରାଶ୍ୟାଧିପ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। କୌଣସି ବ୍ୟକ୍ତିଠାରୁ ଦୁଃଖଦ ଖବର ପାଇ ବିଚଳିତବୋଧ କରିପାରନ୍ତି। ପଡ଼ୋଶୀମାନେ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ** — ଆଜି ମୁଖଭାବରେ ପାପଗ୍ରହ ଯୋଗୁ ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** — ରାଶିରେ ପାପଗ୍ରହ ପ୍ରଭାବରୁ ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିପାରନ୍ତି।

ଆଜି ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ବୁଦ୍ଧ ଜୟନ୍ତୀ, ବୈଶାଖ ପୂର୍ଣ୍ଣିମା ସୋମବାର, ସନ୍ଥକବି ଭୀମ ଭୋଇ ଜୟନ୍ତୀ, ବୈଶାଖ ବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର–ବିଶାଖା/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୫ ଗତେ ଘ.୦୬.୫୨ ମଧ୍ୟେ, ଘ.୧୦.୨୫ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୨ ଗତେ ଘ.୦୮.୨୯ ମଧ୍ୟେ ରାହୁ କାଳ।

# ପାକିସ୍ତାନ ପାଇଁ ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ୨ ଗିରଫ

**ଅମୃତସର, ୧୧।୫**

ଭାରତର ଗୁପ୍ତ ସାମରିକ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗରେ ରବିବାର ପଞ୍ଜାବ ପୋଲିସ ଅମୃତସରର ଅଜନାଲା ଅଞ୍ଚଳରୁ ପାଲକ ଶେର ମସିହ ଏବଂ ସୁରଜ ମସିହ ନାମକ ୨ ବ୍ୟକ୍ତିଙ୍କୁ ଗିରଫ କରିଛି। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଏହି ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଉଭୟ ଅଭିଯୁକ୍ତ ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତୀୟ ସେନାର କାର୍ଯ୍ୟକଳାପକୁ ନେଇ ବିଭିନ୍ନ ସମ୍ବେଦନଶୀଳ ସୂଚନା ଲିକ୍ କରୁଥିଲେ। ଉଭୟେ ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନରରେ ନିଯୁକ୍ତ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତର ସାମରିକ ଗୁପ୍ତ ସୂଚନା ଲିକ୍ କରୁଥିବା ସେ କହିଛନ୍ତି।

# ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପୁଟିନ୍‌ଙ୍କ ପ୍ରସ୍ତାବ

**ମସ୍କୋ,୧୧।୫(ପି.ଟି.)**

କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ୟୁକ୍ରେନ୍ ସହ ଆସନ୍ତା ୧୫ରେ ଇସ୍ତାନବୁଲ୍‌ରେ ସିଧାସଳଖ ଶାନ୍ତି ଆଲୋଚନା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରବିବାର ପ୍ରସ୍ତାବ ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ ସ୍ୱାଗତ କରିଥିବାବେଳେ ମସ୍କୋ ପ୍ରଥମେ ଅସ୍ତ୍ରବିରତି ପାଇଁ ରାଜି ହେବା ଆବଶ୍ୟକ ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣକୁ



ଦୂର କରି ଏକ ଦୀର୍ଘମିଆଦୀ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ପହଞ୍ଚିବା ଆଲୋଚନାର ଉଦ୍ଦେଶ୍ୟ। ଏଥିପାଇଁ ୧୫ ତାରିଖରୁ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ ହେବା ଆବଶ୍ୟକ। ଏଥିରେ କୌଣସି ପ୍ରାକ୍ ସର୍ତ୍ତ ରହିବା ଉଚିତ ନୁହେଁ ବୋଲି ପୁଟିନ୍ କହିଛନ୍ତି। ସୂଚନାଯୋଗ୍ୟ, କିଛି ଘଣ୍ଟା ପୂର୍ବରୁ କିଭ୍‌ରେ ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଏବଂ ପୋଲାଣ୍ଡର ନେତାମାନେ ଜେଲେନସ୍କିଙ୍କ ସହ ଏକାଠି ହୋଇ ସୋମବାରରୁ ୩୦ ଦିନିଆ ଯୁଦ୍ଧବିରତି ଆରମ୍ଭ କରିବାକୁ ରାଜି ହେବା ନିମନ୍ତେ ପୁଟିନ୍‌ଙ୍କୁ ନିବେଦନ କରିଥିଲେ। ଯୁଦ୍ଧବିରତି ପାଇଁ ରାଜି ନ ହେଲେ ମସ୍କୋକୁ ଅଧିକ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ଚଳନ୍ତା କାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

**ବୁଲନ୍ଦସହର, ୧୧।୫**

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଜଣେ ନାବାଳିକାଙ୍କୁ ଚଳନ୍ତା କାରରେ ଗଣବଳାତ୍କାର କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ରବିବାର ଏହି ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସକୁ ଏନ୍‌କାଉଣ୍ଟର କରିବାକୁ ପଡ଼ିଥିଲା। ଏହାପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସର ଏନ୍‌କାଉଣ୍ଟରରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ବୁଲନ୍ଦସହର ଏସ୍‌ପି (ଗ୍ରାମୀଣ) ତେଜଓ୍ୱିର ସିଂ ସୂଚନା ଦେଇ କହିଛନ୍ତି, ଗତ ୬ ତାରିଖ ସନ୍ଧ୍ୟାରେ ଗିରଫ ଅଭିଯୁକ୍ତମାନେ ସୁରଜପୁର ଥାନା ଅନ୍ତର୍ଗତ ଜନପଦ ଗୌତମବୁଦ୍ଧ ନଗର ଅଞ୍ଚଳରେ ଚାକିରି ଦେବା ପାଇଁ ସାହାଯ୍ୟ କରିବା ବାହାନାରେ ୨ ଜଣ ନାବାଳିକାଙ୍କୁ କାର୍‌ରେ ବସାଇ ନେଇଥିଲେ। ମିରଟର ଥାନାଜାନି ଅଞ୍ଚଳରେ ସେମାନେ ପୀଡ଼ିତାଙ୍କ ବନ୍ଧୁଙ୍କୁ ଧକ୍କା ଦେଇ ଚଳନ୍ତା କାର୍‌ରୁ ତଳେ ପକାଇ ଦେଇଥିଲେ। ଘଟଣାରେ ଉକ୍ତ ନାବାଳିକା ଗୁରୁତର ଆହତ ହୋଇଥିବାବେଳେ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଚଳନ୍ତା କାର୍‌ରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ପୋକ୍‌ସୋ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୫(୨), ୭୦ (୨), ୩୫୧ (୨) ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପେଚା ବୋବାଏ ଯାହାର ବାଡ଼ି,
ତା' ଘରେ ପଶେ କଳି ଧୋକଡି ।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା'ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଟି ସୁଆଦ୍,
ପେଟ ନ ଜାଣଇ ତହିଁର ଭେଦ।**

ପାଟି ସୁଆଦିଆ ଚିଜ ବାରିପାରେ। ପରନ୍ତୁ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ। ପେଟ ମଧ୍ୟ ପାଟିର ସ୍ୱାଦ ଜାଣିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଖାତକୁ ଖସିଲା ବସ୍: ୨୧ ମୃତ



କୋଟମାଲେଠାରେ ରବିବାର ଏକ ଯାତ୍ରୀବାହୀ ବସ୍ ଖାତରେ ଖସି ପଡିବା ପରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

**କଲମ୍ବୋ, ୧୧।୫**

ଶ୍ରୀଲଙ୍କାର ସେଣ୍ଟ୍ରାଲ ପ୍ରୋଭିନ୍ସ ଅନ୍ତର୍ଗତ କୋଟମାଲେଠାରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପାହାଡ଼ିଆ ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଯାଉଥିବାବେଳେ ଏହା ନିୟନ୍ତ୍ରଣ ହରାଇ ଖାତକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ସହ ୩୦ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହ ପୋଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଶ୍ରୀଲଙ୍କାର ପରିବହନ ଏବଂ ରାଜପଥ ଉପମନ୍ତ୍ରୀ ପ୍ରସନ୍ନ ଗୁଣସେନା ସୂଚନା ଦେଇଛନ୍ତି। ଉକ୍ତ ବସ୍‌ରେ ୭୫ ଜଣ ଯାତ୍ରୀ ଯାଉଥିବା ସେ କହିଛନ୍ତି।

# ମଣିପୁରରୁ ୧୧ ଉଗ୍ରବାଦୀ ଗିରଫ

**ଇମ୍ଫାଲ, ୧୧।୫**

ମଣିପୁରର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ଅଭିଯୋଗରେ ରବିବାର ୧୧ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଇମ୍ଫାଲ ପଶ୍ଚିମ, କାକଚିଂ, ବିଷ୍ଣୁପୁର, ଥୌବଲ ଆଦି ଜିଲାରୁ ଏହି ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ଉଗ୍ରବାଦୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପାକିସ୍ତାନ କିଛି କଲେ ଆହୁରି...

କହିଥିଲେ। ମୋଦି ସବୁ ଶୁଣିବା ପରେ ଭାନ୍ସଙ୍କୁ କହିଥିଲେ, ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ। ଭାନ୍ସ ଭାରତ–ପାକିସ୍ତାନ ଯୁଦ୍ଧରେ ଆମେରିକା ମୁଣ୍ଡ ପୂରାଇବ ନାହିଁ ବୋଲି କହିବା ପରେ ପ୍ରଧାନମନ୍ତ୍ରୀଙ୍କୁ ନୀତି ବାଣୀ ଶୁଣାଇବାକୁ ଉଦ୍ୟମ କରିଥିବାରୁ ସେ ଏପରି ଜବାବ ଦେଇଥିବା ମନେକରାଯାଉଛି।

### ୩ୟ ପକ୍ଷ ହସ୍ତକ୍ଷେପକୁ ...

ଆଶୀର୍ବାଦ କରନ୍ତୁ। ଟ୍ରମ୍ପ୍ ଏହି ପ୍ରସ୍ତାବ ଦେବା ମାତ୍ରେ ପାକିସ୍ତାନ ଏହାକୁ ସ୍ୱାଗତ କରିଛି। ଦକ୍ଷିଣ ଏସିଆରେ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ପାଇଁ ଏହି ଦୀର୍ଘ ସମସ୍ୟାର ସମାଧାନ ଆବଶ୍ୟକ ବୋଲି ଇସ୍‌ଲାମାବାଦ କହିଛି। କେବଳ ଏତିକି ନୁହେଁ, ପାକିସ୍ତାନ ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ ଅସ୍ତ୍ରବିରତି ଆଲୋଚନାରେ ଆମେରିକାର 'ସକାରାତ୍ମକ' ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଂକଳ୍ପନାମା ଅନୁସାରେ କଶ୍ମୀରୀ ଲୋକଙ୍କ ଆତ୍ମନିର୍ଦ୍ଧାରଣ ସମ୍ପର୍କିତ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଯିବା ଜରୁରୀ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ

**ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ ଘଟଣା**

- ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା, ଶ୍ରୀମନ୍ଦିର ପ୍ରବେଶ ମନା
- ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ ପ୍ରାପ୍ୟ, ପୁରସ୍କାର ବନ୍ଦ


ରାମକୃଷ୍ଣ ଦାସ ମହାପାତ୍ର

ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ନେଇ ବିବାଦ ଘଟଣାରେ ପୁରୀ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକମାସ ଅର୍ଥାତ୍ ୩୦ ଦିନ ପାଇଁ ନିଲମ୍ବିତ କରାଯାଇଛି। ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟ ଭିତରେ ଦାସ ମହାପାତ୍ର ମହାପ୍ରଭୁଙ୍କ କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ସେ ନିଲମ୍ବନ ଅବଧି ସମୟରେ ଦଇତାପତି ଏବଂ ଅନ୍ୟ ନିଯୋଗର ସେବକ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ ଶ୍ରୀମନ୍ଦିରର ସେବାପୂଜା ଓ ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ, ନିଲମ୍ବନ ଅବଧିକୁ ବୃଦ୍ଧି କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଦାସ ମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ଦେବେ। ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଦାସ ମହାପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା ଓ ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି।

କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାସ ମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା। ପ୍ରଥମେ ଗତ ୪ତାରିଖ ନୋଟିସରେ ଦାସ ମହାପାତ୍ର କେଉଁ ପରିସ୍ଥିତିରେ ନବକଳେବର ବେଳେ ସଂଗୃହୀତ ବଳକା ଦାରୁନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁଣ୍ଣ କଲେ ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା। ପରେ ୯ ତାରିଖରେ ଆଉ ଏକ ନୋଟିସ ଜରିଆରେ ଜଗନ୍ନାଥଧାମ ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବକ ଭାବେ ସେ କାହିଁକି ଯୋଗଦେଲେ ଏବଂ ସେତେବେଳେ ସମ୍ପୃକ୍ତ ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ ସେନେଇ କୈଫିୟତ ମଗାଯାଇଥିଲା। ସେ ଜବାବ ରଖିଥିଲେ ମଧ୍ୟ ତାହା ଶ୍ରୀମନ୍ଦିର ପ୍ରଶାସନକୁ ସନ୍ତୋଷଜନକ ମନେହୋଇ ନ ଥିଲା। ଉକ୍ତ କାର୍ଯ୍ୟାନୁଷ୍ଠାନ ଅବସରରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ।

# ଖରିଫରେ ୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର,୧୧।୫(ରବିନାରାୟଣ ଜେନା)

**୧୦ ସ୍ଥାନରେ ହେବ ଚାଷୀ ସମାବେଶ**

ଚଳିତ ଖରିଫ ଋତୁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଏହି ପ୍ରୟାସ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି।

ସେ କହିଛନ୍ତି, ଚଳିତଥର ରେକର୍ଡ ପରିମାଣର ଧାନ ସଂଗ୍ରହ ପାଇଁ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ୧୦ ପ୍ରମୁଖ ସ୍ଥାନରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ କରାଯିବ। ଏନେଇ ମେ’ ୧୩ରେ ଚାନ୍ଦବାଲି, ୧୫ରେ କରଞ୍ଜିଆ, ୧୭ରେ ଜଗତ୍‌ସିଂହପୁର, ୧୮ରେ ଅନୁଗୋଳ, ୨୦ରେ ସୁବର୍ଣ୍ଣପୁର, ୨୨ରେ ଭବାନୀପାଟଣା, ୨୬ରେ ରାୟଗଡ଼ା, ୨୮ରେ ଭଞ୍ଜନଗର, ୩୦ରେ ସୁନ୍ଦରଗଡ଼ ଓ ୩୧ରେ ଢେଙ୍କାନାଳଠାରେ ଚାଷୀ ସମାବେଶ କରାଯିବ। ଏସବୁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓ କେନ୍ଦ୍ରର ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଭାଜପାର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମହେଶ୍ୱର କହିଛନ୍ତି।

# ୩ ଆଦିବାସୀ ନାବାଳିକା ନିଖୋଜ

ପାଟଣା,୧୧।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଚିନାମାଳିପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମର ୩ ଆଦିବାସୀ ନାବାଳିକା ଗତ ଗୁରୁବାରଠାରୁ ନିଖୋଜ ହୋଇଛନ୍ତି। ଏ ନେଇ ୩ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପହରଣ ନେଇ ସନ୍ଦେହ କରାଯାଉଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୩ ନାବାଳିକା ସାଙ୍ଗ ହୋଇଥିବାରୁ ମିଶିକି ଖେଳାଖେଳି କରନ୍ତି। ମାତ୍ର ଗୁରୁବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସବୁଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଶନିବାର ରାତିରେ ଘଟଗାଁ ଥାନାରେ ଅଭିଯୋଗ କରାଯାଇଛି। ନାବାଳିକାଙ୍କ ବୟସ ୧୩, ୧୪ ଓ ୧୫ ହୋଇଥିବା ବେଳେ ସେମାନଙ୍କୁ କେହି ଅପହରଣ କରି ନେଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି, ଏ ନେଇ ପରିବାର ଶନିବାର ରାତିରେ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କୁ ଝିଅମାନଙ୍କ ଫଟୋ ଆଣିବାକୁ କୁହାଯାଇଛି। ସେମାନେ ରବିବାର ଥାନାରେ ପହଞ୍ଚି ନ ଥିବା ବେଳେ ଗ୍ରାମରକ୍ଷୀଙ୍କ ଜରିଆରେ ଖବର ଦିଆଯାଇଛି। ଏଥିସହ ତଦନ୍ତ ଆରମ୍ଭ କରାଯାଇଥିବା କହିଥିଲେ। ଏ ନେଇ ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବଡ଼ଭାଇଙ୍କ ସମେତ ୪ ଗିରଫ

ଯୋଡ଼ା,୧୧।୫(ମାନସ ମହାନ୍ତି)

**ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଉଚ୍ଚବାଲି ବଡ଼ମାଗୋଡ଼ା ସାହିରେ ସଂଘବଦ୍ଧଭାବେ ଜଣେ ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ରାମ ନାଏକ। ଘଟଣାରେ ପୋଲିସ ରବିବାର ରାମଙ୍କ ବଡ଼ଭାଇଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବାମେବାରି ଥାନା ଅଧିକାରୀ ଯସକେତନ ଭୋଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୭ ତାରିଖରେ ରାମ ନିକଟସ୍ଥ ମୁଣ୍ଡାସାହିର ମହେଶ୍ୱର ମୁଣ୍ଡାଙ୍କ ଘରେ ପଶି ତାଙ୍କ ଭାଇବୋହୂଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହେଶ୍ୱରଙ୍କ ଭାଇ ଦିବାକର ମୁଣ୍ଡା, ରମେଶ କିଶାନ ଓ ମହେଶ୍ୱର ମୁଣ୍ଡା ମିଶି ରାମଙ୍କୁ ମାଡ଼ ମାରିଥିଲେ। ପରେ ତାଙ୍କୁ ଆଣି ଘରେ ଶୁଆଇ ଦେଇଥିଲେ। ଘଟଣା ସମ୍ପର୍କରେ ରାମଙ୍କ ବଡ଼ଭାଇ ଯୁଧିଷ୍ଠିରଙ୍କୁ ଜଣାଇଥିଲେ। ସେ ଘଟଣା ସମ୍ପର୍କରେ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ ପୁଣି ରାମଙ୍କୁ ସମସ୍ତଙ୍କ ସହ ମିଶି ମାଡ଼ ମାରିଥିଲେ। ରାମ ଗୁରୁତର ହୋଇଯିବାରୁ ପ୍ରଥମେ ଝୁମ୍ପୁରା ପରେ କେନ୍ଦୁଝର ଓ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ରାମ ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପୋଲିସ ଏକ ମାମଲା (ନଂ. ୬୨/୨୦୨୫) ରୁଜୁ କରି ମୃତକଙ୍କ ଭାଇଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସେବା ମନୋବୃତ୍ତିରେ ଜୀବନ ଉତ୍ସର୍ଗ



**ଆଜି ଅନ୍ତର୍ଜାତୀୟ ନର୍ସ ଦିବସ**

କଥାରେ ଅଛି ମଣିଷ ସେବା ହିଁ ଭଗବାନଙ୍କ ସେବା। ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ’ ୧୨ ତାରିଖରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ ହୋଇଆସୁଛି। ୧୯୬୫ରେ ଅନ୍ତର୍ଜାତୀୟ ନର୍ସେସ କାଉନ୍‌ସିଲ ପକ୍ଷରୁ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ। ଏହି ସେବା ଓ ମନୋବଳକୁ ନଜରରେ ରଖି ଏହି ଦିବସ ନର୍ସମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

## ମା’ଙ୍କ ମୃତ୍ୟୁ ଯୋଗୁ ଏହି ବୃତ୍ତିକୁ ଆପଣାଇଛି



ଦଶମରେ ପାଠ ପଢୁଥିବା ବେଳେ ମୋ ମା’ଙ୍କ ମୃତ୍ୟୁ ହୋଇଥିଲା। ହେଲେ କେଉଁ କାରଣରୁ ମୃତ୍ୟୁ ହୋଇଛି, ତାହା ଜାଣି ପାରି ନ ଥିଲି। ସେବେଠୁ ହିଁ ଶପଥ ନେଇଥିଲି ମେଡିକାଲ ଲାଇନରେ ଆସିବି ଏବଂ ନର୍ସ ହେବି। ମେଡିକାଲରେ ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ରୋଗୀଙ୍କ ଅତି ନିକଟତର ହୋଇ ଆମେ ସେବା କରୁ ଏବଂ ସେଥିରୁ ଆତ୍ମାକୁ ଶାନ୍ତି ମିଳେ। ମୁଁ ଲୋକଙ୍କୁ ସେବା ମନୋବୃତ୍ତି ନେଇ ନର୍ସିଂ ବୃତ୍ତିକୁ ଚୟନ କରିଥିଲି। ଏଥିରୁ ମୋତେ ଖୁସି ମିଳୁଛି। ପ୍ରତ୍ୟେକ ଘରେ ଜଣେ ସେବିକା ରହିବା ଦରକାର। ଫଳରେ ପରିବାର ସଦସ୍ୟ ସେବା ପାଇ ପାରିବେ।

**– ସରୋଜିନୀ ଜେନା, ସମ୍ପାଦିକା, ଓନିଆ, ଏସ୍‌ସିବି ଶାଖା**



ଡାକ୍ତର କମ୍ ସମୟ ରହିଥାଏ ହେଲେ ନର୍ସ ଦିନରାତି ସେବା ଯୋଗାଇଥାନ୍ତି। ରୋଗୀ ସେବା କରି ଆତ୍ମସନ୍ତୋଷ ମିଳିଥାଏ।

**– ଝରଣା ଜେନା, ସଭାପତି, ଓନିଆ, ଏସ୍‌ସିବି ଶାଖା**

## ରୋଗୀଙ୍କ ଦୁଃଖରେ ଆମେ ସହଭାଗୀ ହେଉ

ସ୍କୁଲ ସମୟରୁ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାକୁ ପସନ୍ଦ ଥିଲା। ଏହାକୁ ନଜରରେ ରଖି ମୁଁ ଏହି ବୃତ୍ତିକୁ ଆପଣାଇଛି। ରୋଗୀ ମେଡିକାଲରେ ଥିବା ସମୟରେ ତାଙ୍କ ଦୁଃଖରେ ଆମେ ସହଭାଗୀ ହୋଇଥାଉ। ରୋଗୀଙ୍କ ଅତି ନିକଟତର ହୋଇ ସେବା ଯୋଗାଇଥାଏ। ଜଣେ ରୋଗୀ ପାଖରେ

## ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ



ଡାକ୍ତର ହେବାକୁ ଲକ୍ଷ୍ୟ ଥିଲା। ହେଲେ କୌଣସି କାରଣରୁ ସେଥିରେ ସକ୍ଷମ ହୋଇ ପାରି ନ ଥିଲି। ରୋଗୀ ସେବା କରିବା ମନୋବୃତ୍ତି ଥିବାରୁ ନର୍ସ ବୃତ୍ତିକୁ ଆପଣାଇ ଥିଲି। ଆଜିକୁ ୨୨ ବର୍ଷ ହେବ ନର୍ସ ଭାବେ କାର୍ଯ୍ୟ କରୁଛି। ସର୍ବଦା ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ ରଖି ଏହି କାମ ଜାରି ରଖିଥାଏ। ସେବା ଯୋଗୁ ଅନେକ ରୋଗୀ ମନେ ରଖି ସମ୍ମାନ ଦିଅନ୍ତି। ଏଥିପାଇଁ ଏହି ବୃତ୍ତିକୁ ନେଇ ଗର୍ବ ଲାଗେ। ଏହା ଆମ ବୃତ୍ତି ପ୍ରତି ସମ୍ମାନ।

**– ସସ୍ମିତା ସାହୁ, ନର୍ସିଂ ଅଫିସର ଇନ୍ ଇନ୍‌ଚାର୍ଜ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଏସ୍‌ସିବି ମେଡିକାଲ**

## ଚାକିରି ନୁହେଁ, ଏହା ଏକ ସେବା କାର୍ଯ୍ୟ



ସମାଜ ସେବା ଓ ରୋଗୀ ସେବା ପାଇଁ ଏହି କାର୍ଯ୍ୟ କରୁଛି। ରୋଗୀ ନିଜ ସୁଖଦୁଃଖ ଆମ ସହ ବାଣ୍ଟିଥାନ୍ତି। ଏହା କେବଳ ଏକ ଚାକିରି ନୁହେଁ ବରଂ ଏହା ସେବା କାର୍ଯ୍ୟ। ସୀମାରେ ଯେପରି ଯବାନ ସଂଘର୍ଷ କରନ୍ତି ସେପରି ଆମେ ରୋଗୀ ସେବାରେ ସଂଘର୍ଷ କରିଥାଉ। ରୋଗୀଙ୍କ ମୁହଁରେ ହସ ଦେଖି ଆତ୍ମ ସନ୍ତୋଷ ମିଳିଥାଏ। ଏହି ବୃତ୍ତିରେ କାମ କରି ବହୁ ଗର୍ବିତ ଅନୁଭବ ହେଉଛି।

**– ମନସ୍ୱିତା ପରିଡ଼ା, ନର୍ସିଂ ଅଫିସର, ଏସ୍‌ସିବି ମେଡିକାଲ**

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ। ସେବିକା ଦିବସ ଅବସରରେ ରହିଥିବା ଥିମ୍ ‘ଆୱାର ନର୍ସେସ୍, ଆୱାର ଫ୍ୟୁଚର’କୁ ବାସ୍ତବ ରୂପ ଦେବା ପାଇଁ ହେଲେ ଆମ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ। ଆଗ ଅପେକ୍ଷା ନର୍ସିଂ କ୍ଷେତ୍ରରେ ଆମ ରାଜ୍ୟ ତଥା ଦେଶ ବହୁ ଉନ୍ନତି କରିଛି। ତେବେ ଏହାକୁ ଆହୁରି ଅଧିକ ସୁଦୃଢ଼ କଲେ ଆମର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସେହିପରି ରୋଗୀଙ୍କ ସେବା କରିବାଠାରୁ ଆରମ୍ଭ କରି ସେମାନଙ୍କର ସମସ୍ତ ଦାୟିତ୍ୱ ସେବିକାମାନଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ସେବା କ୍ଷେତ୍ରରେ ନର୍ସମାନେ ସର୍ବଦା ଫ୍ରଣ୍ଟଲାଇନ୍ ୱାର୍କର ଭାବେ କାମ କରନ୍ତି।

**–ସୁମତି ପାଇକରାୟ, ନର୍ସିଂ ଅଫିସର, କ୍ୟାପିଟାଲ ହସ୍ପିଟାଲ**

## ନର୍ସିଂ ଅଫିସର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ



ନର୍ସିଂ ଅଫିସରମାନେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ। ମାନବ ସେବା ଓ ଜୀବନ ରକ୍ଷାର ଅଗ୍ରଣୀ ସୈନ୍ୟ। ସେବା ହେଉଛି ଆମର ଗର୍ବ, ଏକତା ହେଉଛି ଆମର ଶକ୍ତି, ସମର୍ପଣ ହେଉଛି ଆମର ପରିଚୟ। ତେଣୁ ନର୍ସିଂ ଅଫିସରଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ସମାଜର ସାଧାରଣ ଦାୟିତ୍ୱ। ସେମାନେ ହସ୍ପିଟାଲରେ ରୋଗୀଙ୍କ ଦୈନିକ ଦେଖାଶୁଣାଠାରୁ ଆରମ୍ଭ କରି ଶାରୀରିକ ଓ ମାନସିକ ସ୍ଥିତି ଅନୁଯାୟୀ ସେବା, ସମୟରେ ଔଷଧ ପ୍ରଦାନ, ଚିକିତ୍ସା ସହଯୋଗ, ଇଞ୍ଜେକ୍ସନ, ଡ୍ରେସିଂ, ଟେଷ୍ଟ ପ୍ରସ୍ତୁତି, ରିପୋର୍ଟ ମୂଲ୍ୟାୟନ, ଆଶା ଓ ଆତ୍ମବିଶ୍ୱାସ ଦେବା, ଶାନ୍ତି ଓ ଧୈର୍ଯ୍ୟ ଦେଇ ସ୍ଥିର କରିବା, ଆକସ୍ମିକ ସମୟରେ ତ୍ୱରିତ ପ୍ରତିକ୍ରିୟା, ଅନୁଶାସନ ଓ ସଫାସୁତୁରା ରଖିବା ଭଳି ଅନେକ ଦାୟିତ୍ୱ ନିଭାଇ ଥାନ୍ତି। ମହାମାରୀ କିମ୍ବା ଜରୁରୀ ସ୍ଥିତିରେ ନିଜ ପରିବାର ଓ ସୁରକ୍ଷାକୁ ପଛକୁ ରଖି ଅନ୍ୟମାନଙ୍କୁ ବଞ୍ଚାଇବାର ମହାନତା ଏମାନଙ୍କୁ ସବୁବେଳେ ସ୍ୱତନ୍ତ୍ର କରିଥାଏ।

**–ଅଶ୍ୱିନୀ କୁମାର ଦାସ, ସାଧାରଣ ସମ୍ପାଦକ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ**

## ସେବିକାଙ୍କ ସମର୍ପଣ ଭାବ ପ୍ରଶଂସନୀୟ



“ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା ବା ନର୍ସମାନଙ୍କର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁଭଳି ସମର୍ପଣ ଭାବନେଇ ରୋଗୀଙ୍କ ସେବା କରିଥାନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ତେବେ ଅନେକ ସ୍ଥାନରେ ସେବିକାମାନଙ୍କୁ କାମ କରିବା ପାଇଁ ସୁରକ୍ଷିତ ବାତାବରଣ ମିଳି ନ ଥାଏ। ତେଣୁ ପ୍ରତ୍ୟେକ ସେବିକାଙ୍କୁ ସୁସ୍ଥ ଓ ସୁରକ୍ଷିତ ବାତାବରଣ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆହୁରି ଭଲ କାମ କରିପାରିବେ। ସେହିପରି ମଡର୍ଣ୍ଣ ହେଲ୍‌ଥ କେୟାରରେ ସେମାନେ କିପରି ଅଧିକ ଟ୍ରେନିଂ ପାଇ ସ୍ୱାସ୍ଥ୍ୟସେବାରେ ଉନ୍ନତି କରିବେ ସେ ନେଇ ଦୃଷ୍ଟି ଦିଆଯାଉ। ସମସ୍ତ ସେବିକାମାନେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ପରି କାମ କରି ମଡର୍ଣ୍ଣ ନର୍ସିଂକୁ ପ୍ରମୋଟ୍ କରିବା ଦରକାର।

**– ଡା. ଧନଞ୍ଜୟ ଦାସ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, କ୍ୟାପିଟାଲ ହସ୍ପିଟାଲ**

ରିପୋର୍ଟ: ଶିଳ୍ପା ପ୍ରିୟଦର୍ଶିନୀ(କଟକ), ବନ୍ଦନା ସେଠୀ (ଭୁବନେଶ୍ୱର)


ପୁରୀ: ବଡ଼ଦାଣ୍ଡସ୍ଥିତ ରଥଖଳାରେ ରଥର ତୁମ୍ବରେ ଅରପଟା ସଂଯୋଗ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ୨୧୬ ଏଜେନ୍ସିର ଆବେଦନ

ଭୁବନେଶ୍ୱର,୧୧।୫(ସୁଚିସ୍ମିତା ସାହୁ)

**୨୩ ସୁଦ୍ଧା ଡକ୍ୟୁମେଣ୍ଟ ଦାଖଲ ନିର୍ଦ୍ଦେଶ**

ରାଜ୍ୟରେ ନୂଆ କରି ୨୧୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଏଜେନ୍ସିମାନେ ସାମ୍‌ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିଛନ୍ତି। ଏମାନଙ୍କର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଜମି କାଗଜପତ୍ର ଏବଂ କୋଠାର ପ୍ରମାଣ ଯାଞ୍ଚ ପରେ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯିବ। ଏନେଇ ଏଜେନ୍ସିଗୁଡିକ ଆସନ୍ତା ୨୩ ତାରିଖ ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ dhseodishahpc@gmail.com ମାଧ୍ୟମରେ ଦାଖଲ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶାଳୟ ପକ୍ଷରୁ ଦର୍ଶାଯାଇଛି ଯେ, ଗ୍ରାମାଞ୍ଚଳଗୁଡିକରେ ବିଦ୍ୟାଳୟ ଖୋଲିବା ପାଇଁ ୬୦୦୦ ବର୍ଗ ମିଟର ଓ ସହରାଞ୍ଚଳ କ୍ଷେତ୍ରରେ ୪ହଜାର ବର୍ଗ ମିଟରର ଜମି ରହିଥିବା ଆବଶ୍ୟକ। ସେହିପରି ଜମିଗୁଡିକର ମାଲିକାନା କ୍ଷେତ୍ରରେ ଜମି ଅଧିକାର ଦଲିଲଗୁଡ଼ିକ ଠିକ ହୋଇଥିବ। ଏହି ଜମି ବିକ୍ରୟ ଦଲିଲ, ପରିବହନ ଦଲିଲ, ଲିଜ ଦଲିଲ କିମ୍ବା ଉପହାର ଦଲିଲର ରେକର୍ଡ ସହିତ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଖୋଲିବା ପାଇଁ ଜମି କିମ୍ବା କୋଠାର ଲିଜ୍ ସମ୍ପୃକ୍ତ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଅତିକମ୍‌ରେ ୧୫ ବର୍ଷ ପାଇଁ ବିଧିବଦ୍ଧ ଭାବରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ସରକାର କିମ୍ବା ସରକାରଙ୍କ ଯେକୌଣସି ସଂସ୍ଥା ଦ୍ୱାରା ସମ୍ପାଦିତ ଲିଜ୍ ୧୫ବର୍ଷରୁ କମ୍ ସମୟ ପାଇଁ ହୋଇଥିଲେ ତାହା ଗ୍ରହଣ କରାଯିବ। କିନ୍ତୁ ସ୍କୁଲ ପରିଚାଳନା ପାଇଁ ତାହା ଲିଜ ନିଆଯାଇଥିବା ଦରକାର ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାନୁସାରେ, ରାଜ୍ୟର ସମସ୍ତ ଜିଲାରେ ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ବାଲେଶ୍ୱର ଜିଲାରେ ୧୦, ଅନୁଗୋଳରେ ୪, ବରଗଡ଼ରେ ୧୧, ଭଦ୍ରକରେ ୫, ବଲାଙ୍ଗୀର ୧୦, ବୌଦ୍ଧ ୬, କଟକ ୧୦, ଦେବଗଡ ୬, ଢେଙ୍କାନାଳ ୨, ଗଜପତି ୪, ଗଞ୍ଜାମ ୧୦, ଜଗତ୍‌ସିଂହପୁର ୨, ଯାଜପୁର ୧୦, ଝାରସୁଗୁଡ଼ା ୫, କଳାହାଣ୍ଡି ୨, କନ୍ଧମାଳ ୯, କେନ୍ଦ୍ରାପଡା ୭, କେନ୍ଦୁଝର ୮, ଖୋର୍ଦ୍ଧା ୧୧, କୋରାପୁଟ ୯, ମାଲକାନାଗିରି ୨, ମୟୂରଭଞ୍ଜ ୧୫, ନବରଙ୍ଗପୁର ୬, ନୂଆପଡା ୪, ନୟାଗଡ ୩, ପୁରୀ ୭, ରାୟଗଡା ୬, ସମ୍ବଲପୁର ୫, ସୋନପୁର ୧୪ ଏବଂ ସୁନ୍ଦରଗଡରେ ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାର ଯୋଜନା ରହିଛି।

# ଝାରପଡ଼ା ଜେଲରେ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୧୧।୫(ସତ୍ୟଜିତ ରାଉତ)

**୪ଦିନ ତଳେ ଗିରଫ ହୋଇଥିଲେ, ହତ୍ୟା ଅଭିଯୋଗ ଆଣିଲେ ମା’**


ମୋହନ ବେହେରା ଓରଫ କାଳିଆ

ଝାରପଡା ଜେଲର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଟଣୀ ଥାନା ଅନ୍ତର୍ଗତ ଉପରବସ୍ତ ଅଞ୍ଚଳର ମୋହନ ବେହେରା ଓରଫ କାଳିଆ (୪୦)। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକୋ ଲିଗାଲ୍ କେସ୍ (ଏମ୍ଏଲ୍‌ସି) ରିପୋର୍ଟ ଆଧାରରେ କ୍ୟାପିଟାଲ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୨୧୪/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ରବିବାର ବ୍ୟବଚ୍ଛେଦ ପରେ ମୋହନଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଝାରପଡା ଜେଲ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରି କହିଛନ୍ତି।

ସୂଚନା ଅନୁଯାୟୀ, ମୋହନ ବୁଧବାର ଉପରବସ୍ତ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଜଟଣୀ ଥାନା ପୋଲିସ ଚଢ଼ାଉ କରିଥିଲା। ମୋହନଙ୍କ ନିକଟରୁ ୨୦ ଲିଟର ଆସ୍କା-୪୦ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୨୦୩/୨୦୨୫) ରୁଜୁକରାଯାଇ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ପରେ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଶନିବାର ରାତିରେ ମୋହନ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ରାତି ପ୍ରାୟ ୧୨ଟା ୧୦ରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ରାତି ପ୍ରାୟ ୧ଟା ୩୦ରେ ମୋହନଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷରେ ମୋହନଙ୍କ ମା’ ଓ ସମ୍ପର୍କୀୟମାନେ ଗଣମାଧ୍ୟମ ଜରିଆରେ ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ ବିଦ୍ରୂପ କରନାହିଁ।–ଶ୍ରୀଅରବିନ୍ଦ



# ବ୍ୟାଖ୍ୟାନ ଜରୁରୀ

ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ୧୦ ମେ'ରେ ହଠାତ୍ ଅସ୍ତ୍ରବିରତି ନେଇ ଦୁଇ ରାଷ୍ଟ୍ର ରାଜି ହୋଇଛନ୍ତି ବୋଲି ଖବର ଶୁଣିବାକୁ ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ଏ ନେଇ ଉଲ୍ଲେଖ କରିବା ପରେ ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗ ସ୍ପଷ୍ଟ କରିଥିଲେ। ତେବେ ଅସ୍ତ୍ରବିରତି ନେଇ ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ (ଡିଜିଏମ୍‌ଓ) ସ୍ତରରେ ଉଦ୍ୟମ ହୋଇଛି ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ନୂଆଦିଲ୍ଲୀ କହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତର ଦାବି ଯେ ଉଭୟ ଦେଶର ଡିଜିଏମ୍‌ଓ ସ୍ତରରେ ଏହା କରାଯାଇଛି ତାହା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଗଣମାଧ୍ୟମକୁ କୁହାଗଲା। ଏତେ ସତ୍ତ୍ୱେ ଅସ୍ତ୍ରବିରତିର ୩ ଘଣ୍ଟା ପରେ ପାକିସ୍ତାନ ତାହାକୁ ଉଲ୍ଲଂଘନ କରିବାରୁ ଏବେ ସ୍ଥିତି ପୂର୍ବାବସ୍ଥାକୁ ଫେରିଯାଇଛି। ମେ ୧୧ରେ ମଧ୍ୟ ଭାରତ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଆଗ୍ରାହ୍ୟ କରିଛି।

ଏଭଳି ପରିପ୍ରେକ୍ଷୀରେ ଦେଖିଲେ ଆମେରିକାର ଭୂମିକା ଆଲୋଚନା ପରିସରକୁ ଆସୁଛି। ପ୍ରଥମରେ ଏହି ଦେଶ ସହ ପାକିସ୍ତାନର ଗଭୀର ରଣନୀତିକ ସମ୍ପର୍କ ରହିଆସିଛି। ତୁର୍କୀ ଓ ଚାଇନାଠାରୁ ପାକିସ୍ତାନ ଯୁଦ୍ଧାସ୍ତ୍ର ଆଣୁଥିଲେ ମଧ୍ୟ ଆମେରିକାଠାରୁ ସାମରିକ ସାମଗ୍ରୀ କିଣିବା ସହ ତା'ର ସବୁ କଥାକୁ ମାନିନେଉଥିବା ବିଷୟ ଜଣାଶୁଣା। ଏପରିକି ୭ ମେ ୨୦୨୫ରେ ଭାରତ ସହ ପାକିସ୍ତାନର ଯୁଦ୍ଧ ସ୍ଥିତି ସୃଷ୍ଟି ହେବା ପରେ ଆମେରିକା ଇଙ୍ଗିତରେ ଯେଭଳି ଭାବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପାକିସ୍ତାନକୁ ୧ ବିଲିୟନ ଆମେରିକୀୟ ଡଲାର ଋଣ ହଠାତ୍ ପ୍ରଦାନ କଲା, ସେଥିରୁ ଆମେରିକାର ମଧ୍ୟ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଉଛି। ଏହା ଜଣାଶୁଣା ଯେ ୱାଶିଂଟନର ବିନା ଅନୁମୋଦନରେ କାହାରିକୁ ଆଇଏମ୍‌ଏଫ୍ ଋଣ ମିଳି ନ ଥାଏ, ଯେହେତୁ ହ୍ୱାଇଟ୍ ହାଉସ ଏ ଦିଗରେ ନିଷ୍ପତ୍ତି ନେବାରେ ପ୍ରମୁଖ ଅଂଶୀଦାର ରହିଆସିଛି।

ଦେଖାଯାଉଛି ଟ୍ରମ୍ପ୍ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ କହିଲା ବେଳେ ଉଭୟ ରାଷ୍ଟ୍ରକୁ ସମାନ ସ୍ତରରେ ରଖି ମନ୍ତବ୍ୟ ଦେଉଛନ୍ତି। ୯/୧୧ ଆତଙ୍କବାଦୀ ଆକ୍ରମଣ ଭୋଗିଥିବା ଆମେରିକା ସେହି ସମୟରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲା। ସେହି ବାହାନାରେ ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣ କରି ତାହାକୁ ଛାରଖାର କରିଦେଇଛି। ଏପରିକି ପାକିସ୍ତାନର ଆବୋଟାବାଦରେ ଓସମା ବିନ୍ ଲାଡେନ୍‌ଙ୍କୁ ନାଭି ସିଲ୍ ଦ୍ୱାରା ହତ୍ୟା କରି ଆମେରିକା ପାକିସ୍ତାନକୁ ଆତଙ୍କବାଦୀର ଦେଶ ଆଖ୍ୟା ଦେଇଥିଲା। ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀଙ୍କ ପାଇଁ ନିରାପଦ ଚାରଣଭୂମି ଭାବେ ଜଣାଶୁଣା ଥିଲେ ମଧ୍ୟ ପହଲଗାମ୍ ଆକ୍ରମଣକୁ ଆମେରିକା କୌଣସି ଭାବେ ଗୁରୁତ୍ୱ ଦେଇନାହିଁ। ବରଂ ଦୁଇ ଦେଶ ସଂଯମ ରକ୍ଷା କରନ୍ତୁ ବୋଲି ଟ୍ରମ୍ପ୍ ବାରମ୍ବାର କହିଆସୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ପାକିସ୍ତାନକୁ ସିଧାସଳଖ ନିନ୍ଦା କରିବାକୁ ଆମେରିକା ଏବେ ନୁହେଁ ତ କେବେ ମଧ୍ୟ ଚାହିଁନାହିଁ।

> **ଡିଜିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ସକାଶେ ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।**

ଏକବିଂଶ ଶତାବ୍ଦୀରେ ପୃଥିବୀର ଅଳ୍ପ କେତୋଟି ଦେଶ ଯଥା– ଆମେରିକା, ତୁର୍କୀ, ଚାଇନା, ଫ୍ରାନ୍ସ, ଇଟାଲୀ, ରୁଷିଆ ଏବଂ ଉତ୍ତର କୋରିଆ ଏବେ ବିଶ୍ୱରେ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ରାଷ୍ଟ୍ର ଭାବେ ବେପାର କରୁଛନ୍ତି। ବିଶ୍ୱର କୌଣସି କୋଣରେ ଯୁଦ୍ଧ ସ୍ଥିତି ସୃଷ୍ଟି ହେଲେ ତାହାର ଲାଭ ସିଧାସଳଖ ଆମେରିକା ଓ ଉପରଲିଖିତ ଦେଶଗୁଡ଼ିକୁ ମିଳିଥାଏ। ଯଦି ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ୧୦ ଯୁଦ୍ଧାସ୍ତ୍ର ଉତ୍ପାଦ ଶିଳ୍ପ କଥା ଦେଖାଯାଏ ତା' ମଧ୍ୟରେ ଆମେରିକାର ଲକ୍‌ହିଡ୍ ମାର୍ଟିନକୁ ମିଶାଇ ୬ କମ୍ପାନୀ ଶୀର୍ଷରେ ରହିଛନ୍ତି।

ଭାରତ ଏବେ ବିଷମ ସ୍ଥିତି ଦେଇ ଗତି କରୁଥିବା ବେଳେ ଚାଇନାର ଭୂମିକାକୁ ମଧ୍ୟ ଗଭୀର ଭାବେ ଅନୁଧ୍ୟାନ କରିବାର ସମୟ ଆସିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଚାଇନା ସେଥିରୁ ବ୍ୟବସାୟିକ ଲାଭ ଉଠାଇବାରେ ବ୍ୟସ୍ତ। ଭାରତ ସହ ଯେଉଁଭଳି ଭାବେ ହେଉ ପଛେ ଗୋଟେ ପ୍ରକ୍ସି ୱାର ଚାଲିଲେ ନୂଆଦିଲ୍ଲୀର ଅର୍ଥନୀତି ଦୁର୍ବଳ ହୋଇଯିବା ଚାଇନା ଚାହିଁଥାଏ। ଅନ୍ୟପକ୍ଷରେ ଚାଇନା ସାମଗ୍ରୀ ବର୍ଜନ କରିବାକୁ ଭାରତ ଦୃଢ଼ ନିଷ୍ପତ୍ତି ନେଇପାରୁ ନାହିଁ। କାରଣ ଚାଇନା ସାମଗ୍ରୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ବଢ଼ିଯାଇଥିବାରୁ ଭାରତ ଏପରି ପଦକ୍ଷେପ ନେଇପାରୁନାହିଁ। ମାଲଦୀପ, ତୁର୍କୀ, ଆଜାରବୈଜାନକୁ ଏଠାରେ ବିରୋଧ କରାଯାଉଥିଲେ ମଧ୍ୟ ମୁଖ୍ୟ ଶତ୍ରୁ ଚାଇନା ବିରୋଧୀ ସ୍ୱର କଠୋର ହେଉନାହିଁ।

୧୧ ମେ'ରେ ଭାରତର ଡିଜିଏମ୍‌ଓ ପକ୍ଷରୁ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ନେବା ଲାଗି ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।


# ରାଗିଂର ବିଭୀଷିକା



ବୈକୁଣ୍ଠନାଥ ମିଶ୍ର

ରାଗିଂ ଏକ ଇଂଲିଶ୍ ଶବ୍ଦ, ଯାହାର ଆଭିଧାନିକ ଅର୍ଥ ହେଉଛି କ୍ରୋଧ ଓ ଚରମ ହିଂସାତ୍ମକ କାର୍ଯ୍ୟକଳାପ। ଏହାର ମୂଳ ଉତ୍ସ ହେଲା ନିଜକୁ ଅନ୍ୟଠାରୁ ସର୍ବୋତଭାବେ ଉନ୍ନତ ଓ ଶ୍ରେଷ୍ଠ ମନେକରି କନିଷ୍ଠଙ୍କୁ ନିଷ୍ଠୁର ମାନସିକ ଓ ଶାରୀରିକ ନିର୍ଯାତନା ଦେବା। ବିଚରା ପୀଡ଼ିତ ଛାତ୍ର/ବ୍ୟକ୍ତି ଏତେ ଚାପଗ୍ରସ୍ତ ହୁଏ ଯେ ଶେଷରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦିଏନାହିଁ। ଶରୀର ଓ ମନରେ ଅସହ୍ୟ ବେଦନା, ହୃଦୟରେ ଭୟ ଓ ଆଶଙ୍କାର ଶତ ଉଦ୍‌ବେଳନ ସହ ଅନ୍ୟାୟକୁ ପ୍ରତିରୋଧ ନ କରିପାରିବାର ଆତ୍ମଗ୍ଲାନି ବିଚରାକୁ ଯେକୌଣସି ଦୁଃଖଦ ପରିଣତିକୁ ଆମନ୍ତ୍ରଣ କରିବାକୁ ଉତ୍ପ୍ରେରିତ କରେ। ରାଗିଂର କାରଣ ସ୍ୱରୂପ କୁହାଯାଇପାରେ ଯେ, ବରିଷ୍ଠମାନେ ନିଜକୁ ଅତ୍ୟନ୍ତ ସମ୍ମାନାସ୍ପଦ ମନେକରି କନିଷ୍ଠମାନଙ୍କୁ ଅନୁଚିତ ତଥା ଅପମାନଜନକ ଆଦେଶ ପ୍ରଦାନ କରନ୍ତି, ଯାହାର ଅନୁପାଳନର ବ୍ୟତିକ୍ରମ ଅନୁଭବକରି ଆରମ୍ଭ ହୁଏ ନିର୍ଯାତନା। ନିର୍ଯାତନା ସ୍ଥଳ ବିଶେଷରେ ସବୁ ସୀମା ଲଙ୍ଘିଯାଏ। ଆଉ କେତେକ କ୍ଷେତ୍ରରେ କନିଷ୍ଠମାନେ ଉତ୍ତମ ପୋଷାକ ପରିଧାନକରି ଆଭିଜାତ୍ୟର ପ୍ରଦର୍ଶନ କରୁଛନ୍ତି ବୋଲି ମନେକରି ମିଥ୍ୟା ଆରୋପ ମାଧ୍ୟମରେ ନିର୍ଯାତନା ଦିଆଯାଏ। ଅଧିକ ସ୍ମାର୍ଟ ହେବା, ଶ୍ରେଣୀରେ ଗୁରୁମା' ଗୁରୁଜୀଙ୍କ ପ୍ରଶ୍ନର ଉତ୍ତର ଦେବା କତିପୟ ଅସହିଷ୍ଣୁଙ୍କ ମନରେ ଈର୍ଷା ଜାତକରେ, ଯାହାର ପ୍ରତିଫଳନ ହେଉଛି ରାଗିଂ। ଛାତ୍ରାବାସରେ ସିନିୟରମାନେ ଜୁନିୟରମାନଙ୍କୁ ଚାକର କିମ୍ବା ପିଅନ ପରି ଆଦେଶ ଦିଅନ୍ତି, ଯାହାର ପାଳନରେ କିଛି ବ୍ୟତିକ୍ରମ ଘଟିଲେ ଆରମ୍ଭ ହୁଏ ଶାରୀରିକ ନିର୍ଯାତନା। ଜୁନିୟର ପିଲାଟି ଯଦି କୌଣସି ଝିଅ ସହ କଥା ହେବାର ସିନିୟରଙ୍କ ଆଖିରେ ପଡ଼େ, ତେବେ ଜୁନିୟର ପିଲା ଭାଗ୍ୟ ପ୍ରତିକୂଳ ହେଲା ବୋଲି ଜାଣ।

ଊନବିଂଶ ଶତାବ୍ଦୀରେ ଇଂଲଣ୍ଡର ଗହମ ଓ କପା କ୍ଷେତରେ କାମ କରିବା ପାଇଁ କ୍ଷେତ ମାଲିକମାନେ ବିଭିନ୍ନ ସ୍ଥାନରୁ ଯୁବ ଶ୍ରମିକମାନଙ୍କୁ ଆଣି କର୍ମରେ ନିୟୋଜିତ କରୁଥିଲେ। ନୂତନ ଭାବେ ନିୟୋଜିତ ଯୁବ ଶ୍ରମିକମାନେ ବଳଶାଳୀ ଥିବାରୁ ଅଧିକ ପରିଶ୍ରମ କରି ମାଲିକଙ୍କର ସୁନଜରକୁ ଆସୁଥିଲେ ଓ ମାଲିକଙ୍କ ଅନୁକମ୍ପା ହାସଲ କରୁଥିଲେ। ଏହା କିନ୍ତୁ ପୁରାତନ ଅଭିଜ୍ଞ ଶ୍ରମିକଙ୍କୁ ପସନ୍ଦ ନ ଥିଲା। ବୟସ୍କ ଶ୍ରମିକମାନେ ଈର୍ଷାନ୍ୱିତ ହୋଇ ସଂଘବଦ୍ଧ ଭାବେ ଯୁବ ଶ୍ରମିକଙ୍କ ଉପରେ ଅତ୍ୟାଚାର କରୁଥିଲେ। ସେହି କ୍ରୋଧରୁ ଉତ୍ପନ୍ନ ଅତ୍ୟାଚାର ଆଜିର ରାଗିଂର ମୂଳ ଉତ୍ସ। ୧୮୫୭ର ସିପାହି ବିଦ୍ରୋହ ସମୟରେ ଇଂରେଜମାନେ ଏକ ପ୍ରକାର ବନ୍ଧୁକ (ଏନ୍‌ଫିଲ୍ଡ) ବ୍ୟବହାର କରୁଥିଲେ, ଯାହାର ଟୋଟାରେ ଗୋରୁ ବା ଘୁଷୁରି ଚମଡ଼ା ବ୍ୟବହୃତ ହେଉଥିଲା। ଏହାକୁ ଦାନ୍ତରେ ଟାଣି ଫୁଟାଇବାକୁ ହେଉଥିଲା। ସୈନ୍ୟବାହିନୀରେ ଥିବା ହିନ୍ଦୁ ଓ ମୁସଲମାନମାନେ ଏହା ତାଙ୍କ ଧର୍ମ ନଷ୍ଟକରିବା ପାଇଁ ଇଂରେଜମାନଙ୍କର ଚକ୍ରାନ୍ତ ମନେକରି ଯୁଦ୍ଧ ତ୍ୟାଗ କରି ବିଦ୍ରୋହରେ ଯୋଗଦେବା ପାଇଁ ସ୍ଥିର କରି ସୈନ୍ୟ ବିଭାଗ ଚାକିରି ତ୍ୟାଗକଲେ। ଏହା ଥିଲା



ସିପାହି ବିଦ୍ରୋହର ଅନ୍ୟତମ ଧାର୍ମିକ ଓ ସାମରିକ କାରଣ। ସେହି ସମୟରେ ସେନାର ଉଚ୍ଚପଦସ୍ଥ ବ୍ରିଟିଶ୍ ଅଫିସରମାନେ ଅଧସ୍ତନ ଭାରତୀୟ ସୈନ୍ୟଙ୍କୁ ଯେଉଁ ନିର୍ଯାତନା ଦେଉଥିଲେ ତା'ର ଅନ୍ୟନାମ ରାଗିଂ। ଏହା ଥିଲା ଉଭୟ ଶାରୀରିକ ଓ ମାନସିକ ଲାଞ୍ଛନା।

ଆମ ଦେଶରେ ପ୍ରତି ଶିକ୍ଷାବର୍ଷ ଆରମ୍ଭରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ରାଗିଂ ଓ ଅନ୍ୟାନ୍ୟ ଅନିୟମିତତା ବିରୋଧରେ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶନାମା ଜାରି ହୁଏ। ୨୦୨୨ରୁ ୨୦୨୪ ମଧ୍ୟରେ ନ୍ୟାଶନାଲ ଆଣ୍ଟି ରାଗିଂ ହେଲ୍‌ପଲାଇନ୍ ଜାରି କରାଯାଇଛି, ଯେଉଁଥିରେ ରାଗିଂ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ପଞ୍ଜୀକୃତ କରାଯାଇପାରିବ। ଉକ୍ତ ସଂସ୍ଥା ଦ୍ୱାରା ରାଗିଂ ଘଟଣାଗୁଡ଼ିକୁ ସମୀକ୍ଷାକରାଯାଇ ଦୃଢ଼ ପଦକ୍ଷେପ ନେବାକୁ ସୁପାରିସ କରାଯାଇଛି। ଉକ୍ତ ସଂସ୍ଥାର ରିପୋର୍ଟ ଅନୁସାରେ ରାଗିଂ ସମସ୍ୟା କ୍ରମଶଃ ଜଟିଳ ହେବାରେ ଲାଗିଛି। ଦ ଷ୍ଟେଟ୍ ଅଫ୍ ରାଗିଂ ଇନ୍ ଇଣ୍ଡିଆ ୨୦୨୨-୨୪ର ତଥ୍ୟ ଆଧାରରେ ଜଣାଯାଇଛି ଯେ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ସର୍ବାଧିକ ସଂଖ୍ୟକ ରାଗିଂ ଅଭିଯୋଗ ଆସିଛି। ୨୦୨୨ରୁ ୨୦୨୪ ଏହି ୩ବର୍ଷ ମଧ୍ୟରେ ଏମ୍‌କେସିଜିରେ ୨୫ଟି ରାଗିଂ ହୋଇଥିବାର ଅଭିଯୋଗ ଆସିଛି। ଛତିଶଗଡ଼ ରାୟପୁରସ୍ଥିତ ଜବାହରଲାଲ ନେହେରୁ ମେମୋରିଆଲ ମେଡିକାଲ କଲେଜରେ ୧୫ ରାଗିଂ ଘଟଣା, ଉତ୍ତରପ୍ରଦେଶ ଟିଆଇବି କଲେଜ ହସ୍ପିଟାଲରୁ ୧୨ ଏବଂ ନୂଆଦିଲ୍ଲୀସ୍ଥିତ ମୌଲାନା ଆଜାଦ ମେଡିକାଲ କଲେଜରୁ ୧୧ଟି ରାଗିଂ ଘଟଣାର ଅଭିଯୋଗ ପ୍ରାପ୍ତ ହୋଇଛି। ମେଡିକାଲ କଲେଜ ଓ ହସ୍ପିଟାଲ ବ୍ୟତୀତ ରାଉରକେଲା ବିପିୟୁଟିରେ ୯ଟି ରାଗିଂ ହୋଇଥିବା ଖବର ମିଳିଛି। ପଶ୍ଚିମବଙ୍ଗର ମୌଲାନା ଅବୁଲ କଲାମ ଆଜାଦ୍ ବିଶ୍ୱବିଦ୍ୟାଳୟରୁ ୭୪, ବିହାର ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟରୁ ୬୧, ଉତ୍ତରପ୍ରଦେଶ ଅବଦୁଲ କଲାମ ଟେକ୍ନିକାଲ ୟୁନିଭର୍ସିଟିରୁ ୨୮ରାଗିଂ ଅଭିଯୋଗ ପଞ୍ଜୀକୃତ ହୋଇଥିବାର ଖବର ପ୍ରାପ୍ତ ହୋଇଛି। ମେଡିକାଲ କଲେଜ ବ୍ୟତୀତ ବୈଷୟିକ ଶିକ୍ଷାନୁଷ୍ଠାନରେ ରାଗିଂ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଓଡ଼ିଶାରେ ଢେଙ୍କାନାଳ ଜିଲା ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଆଇଜିଆଇଟି)ରୁ ୨୨ଟି ରାଗିଂ ଘଟଣା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୩୧ଟି ରାଗିଂ ଅଭିଯୋଗ ମିଳିଛି। ଦୁଃଖଦ ଘଟଣା ହେଉଛି ରାଗିଂରେ ଭାରତରେ ଉକ୍ତ ଅବଧି ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଛି।

ଆହୁରି ସାଂଘାତିକ ଘଟଣାକ୍ରମରେ ଉଲ୍ଲେଖ କରାଯାଇପାରେ ଯେ, ନାବାଳକମାନେ ରାଗିଂ କ'ଣ ଜାଣି ନ ଥିଲେ ମଧ୍ୟ ରାଗିଂର କ୍ରୂର ଆଁ ଭିତରକୁ ଚାଲିଯାଉଛନ୍ତି। ଏ ସମ୍ବନ୍ଧରେ ଏକ ସଦ୍ୟ ଘଟଣା ସଭ୍ୟ ସମାଜର ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ମୟୂରଭଞ୍ଜ ଜିଲାର ଏକ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରକୁ ଯେଉଁପରି ଭାବେ ନବମ ଶ୍ରେଣୀର ୩ଜଣ ଛାତ୍ର ମରଣାନ୍ତକ ଯନ୍ତ୍ରଣା ଦେଇଛନ୍ତି, ତାହା ଶୁଣି ନିଜକୁ ସଭ୍ୟ ବୋଲି କହିବାକୁ ଲଜ୍ଜାବୋଧ ହେଉଛି। ୯ମ ଶ୍ରେଣୀର ୩ଜଣ ସାଙ୍ଗ ଛାତ୍ରାବାସର ଏକ ନିଭୃତ ସ୍ଥାନରେ ବସି ମଦ ପିଉଥିବା ସମୟରେ ୬ଷ୍ଠ ଶ୍ରେଣୀ ଛାତ୍ରଟି ଦେଖିଦେଇ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲା। ୯ମ ଶ୍ରେଣୀର ୩ ଛାତ୍ର ଉକ୍ତ ୬ଷ୍ଠଶ୍ରେଣୀ ଛାତ୍ରକୁ ଏକ କୋଠରି ମଧ୍ୟରେ ଆବଦ୍ଧକରି ଲୁହାଛଡ଼ରେ ନିର୍ମମ ପ୍ରହାରକରି ଚାଲିଲେ। ଦେହସାରା କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହେଲା। ଖାଲି ସେତିକି ନୁହେଁ, ଶରୀରର ବିଭିନ୍ନ ସ୍ଥାନକୁ ବ୍ଲେଡ୍‌ରେ କାଟି କ୍ଷତ ସ୍ଥାନରେ ଲୁଣ ଭର୍ତ୍ତିକଲେ। ପିଲାଟି ଯନ୍ତ୍ରଣାରେ ଯେତେ ଛଟପଟ ହେଉଥାଏ, ବଡ଼ ପିଲାମାନେ ସେତେ ଉତ୍‌ଫୁଲ୍ଲିତ ହେଉଥାନ୍ତି। ଘଟଣା ଜଣାପଡ଼ିବା ପରେ ଖୁଣ୍ଟା ଥାନା ପୋଲିସ ଅନୁସନ୍ଧାନ ଜାରି ରଖିଛନ୍ତି। ୯ମଶ୍ରେଣୀ ପିଲା ୩ଜଣଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

ବର୍ତ୍ତମାନ ସ୍ଥିତି ଏଭଳି ହେଲାଣି ଯେ, ବୟସ ନିର୍ବିଶେଷରେ ରାଗିଂ କରିବାକୁ ଛାତ୍ରମାନେ ଆଗେଇ ଆସୁଛନ୍ତି। ନାବାଳକମାନଙ୍କଠାରେ ଏତାଦୃଶ ଲକ୍ଷଣ ଘୋର ଉଦ୍‌ବେଗ ସୃଷ୍ଟି କରିଛି। ଏକ ଭୟଶୂନ୍ୟ ବାତାବରଣ ସେମାନଙ୍କ ପାଇଁ ଜରୁରୀ ଆବଶ୍ୟକ ହେଉଛି। ଦଣ୍ଡମୁକ୍ତ ବିଦ୍ୟାଳୟ ସାଙ୍ଗକୁ ପରିବାରରେ ପିତାମାତାଙ୍କର ଅନୁଶାସନର ଅଭାବ ସେମାନଙ୍କୁ ଅଧିକ ଉଚ୍ଛୃଙ୍ଖଳତା ମଧ୍ୟକୁ ଠେଲିଦେଉଛି। ଏକ ଅଙ୍ଗେନିଭା ସତ୍ୟ ଘଟଣା ଏଠାରେ ପ୍ରକାଶଯୋଗ୍ୟ ମନେହୁଏ। ଏକ ଶୀତୁଆ ସନ୍ଧ୍ୟାରେ ଆମେ ୨ବନ୍ଧୁ ସନ୍ଧ୍ୟା ଭ୍ରମଣରୁ ଫେରୁଥିବା ସମୟରେ ଦୃଷ୍ଟିଗୋଚର ହେଲା ଯେ ତିନୋଟି ପିଲା ଆଉ ଗୋଟିଏ ପିଲାକୁ ପ୍ରବଳ ମାଡ଼ ମାରୁଛନ୍ତି। ଆମେ ପୀଡ଼ିତ ପିଲାକୁ ତାଙ୍କ କବଳରୁ ଉଦ୍ଧାରକରି ଯେତେବେଳେ ମାଡ଼ ମାରୁଥିବା ପିଲାଙ୍କୁ ଏକଥା ପଚାରିଲୁ, ସେତେବେଳେ ଏକ ଅପ୍ରତ୍ୟାଶିତ ଘଟଣା ଆମ ହୃଦୟକୁ ବିଗଳିତ କଲା। ମାଡ଼ ମାରୁଥିବା ପିଲାମାନେ କିଛି କହିବା ପୂର୍ବରୁ ପୀଡ଼ିତ ପିଲାଟି ପ୍ରତିବାଦ କରି କହିଲା, ସେମାନେ ତ ମୋତେ ମାରିନାହାନ୍ତି। ତୁମେ ବୋଧେ ଭୁଲ୍ ଦେଖିଛ। ପିଲାମାନଙ୍କର ବୟସ ୧୨ରୁ ୧୫ବର୍ଷ ଭିତରେ ହେବ। ପୀଡ଼ିତ ପିଲାର ଏ ସଫେଇ କ'ଣ ପାଇଁ ସୁଧୀ ପାଠକେ ବୁଝିପାରୁଥିବେ। ସମାଜ ଆଜି ଘୋର ବିପର୍ଯ୍ୟୟ ଆଡ଼କୁ ମୁହାଁଇଛି। ଅପରାଧ ମାନସିକତା ସଭିଙ୍କୁ ଆକ୍ରାନ୍ତ କରିଛି। ସେଥିରୁ ନାବାଳକମାନେ ମଧ୍ୟ ନିସ୍ତାର ପାଉନାହାନ୍ତି। ସର୍ବଗ୍ରାସୀ ନିଶାର ଉକ୍ଟ କବଳରେ କବଳିତ ହୋଇ ସେମାନେ ପଥଭ୍ରଷ୍ଟ। ସତରେ କ'ଣ ସେମାନେ ଆଉ ସଜାଡ଼ି ହେବେ ନାହିଁ?

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# ସୁନାର ମାୟା



ରାନୀ ନାୟକ

ଯୁଗ ପରିବର୍ତ୍ତନ ସହ ମଣିଷର ଆଚାର ଓ ବିଚାର ଶକ୍ତି ପରିବର୍ତ୍ତିତ ହୋଇଛି। କିନ୍ତୁ ଅନନ୍ତକାଳ ଧରି ସମଗ୍ର ପୃଥିବୀପୃଷ୍ଠରେ ଯଦି ଦେଖିବା ତେବେ ସୁନା ପ୍ରତି ଥିବା ମୋହ ଅପରିବର୍ତ୍ତିତ ରହିଛି। ବିଶ୍ୱର ସମସ୍ତ ଦେଶରେ ସବୁଯୁଗରେ ସୁନା ପ୍ରତିଆଦର ଥିଲେ ସୁଦ୍ଧା, ଭାରତରେ ଏଥିପ୍ରତି ଆଜି ପର୍ଯ୍ୟନ୍ତ ଲୋକଙ୍କ ଦୁର୍ବଳତା କାହିଁରେ କେତେ ରହିଛି। ସେମାନଙ୍କ ପାଇଁ ଏହା ଧର୍ମ, ସଂସ୍କୃତି ଏବଂ ଅର୍ଥନୀତିର ଏକ ମେରୁଦଣ୍ଡ ସଦୃଶ। ସମୟ ବଦଳିବା ସହ ସୁନାର ଦର ଆକାଶଛୁଆଁ ହୋଇଥିଲେ ବି ଲୋକଙ୍କ ମୋହ ଦ୍ୱିଗୁଣିତ ହୋଇଛି। ଏହା କେବଳ ଏବେ ନୁହଁ; ବହୁ ପ୍ରାଚୀନ କାଳରୁ ରହିଆସିଛି।

ରାମାୟଣର ସୀତା ହୁଅନ୍ତୁ କି ସୋମନାଥ ମନ୍ଦିରକୁ ସତର ଥର ଲୁଣ୍ଠନ କରିଥିବା ଗଜନୀ ସୁଲତାନ ମାମୁଦ ଏମାନଙ୍କର ସୁନା ପ୍ରତି ଅହେତୁକ ଆସକ୍ତି ଥିଲା। ଏମିତି କି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ମଧ୍ୟ ପ୍ରମାଣିତ କରିଥାଏ ଯେ, ସେ ମଧ୍ୟ ସୁନାର ମୋହରୁ ବାଦ ପଡ଼ିନାହାନ୍ତି। ଭାରତୀୟମାନେ ସୁନାକୁ ଏକ ଶୁଭର ପ୍ରତୀକ ରୂପେ ପ୍ରତିପାଦନ କରିବା ସହ ପାଦରେ ଧାରଣ କରି ନ ଥାନ୍ତି। କାରଣ ସୁନାକୁ ଲକ୍ଷ୍ମୀଙ୍କ ସ୍ୱରୂପ ରୂପେ ପୂଜା କରାଯାଏ ଏବଂ ଏହା ହଜିଗଲେ ଅଶୁଭ ବୋଲି ମାନିଥାନ୍ତି। ବିଭିନ୍ନ ଶୁଭ କାର୍ଯ୍ୟରେ ଏହାକୁ ଉପହାର ଭାବେ ପ୍ରଦାନ କରାଯାଇଥାଏ। ବିଶେଷକରି ନାରୀମାନଙ୍କର ଲୋଭ ଅଧିକ ଥାଏ। ବିବାହ, ବ୍ରତଘରରେ ଗହଣା ଦେବାର ପରମ୍ପରା ରହିଥିବାରୁ ଗରିବ ହୁଅନ୍ତୁ କି ମଧ୍ୟବିତ୍ତ କିଛି ନା କିଛି ଅଳଙ୍କାର କିଣିଥାନ୍ତି। ତେଣୁ ଅନ୍ୟ ଦେଶ ତୁଳନାରେ ଭାରତରେ ସୁନାର ଚାହିଦା ସର୍ବାଧିକ। ପୃଥିବୀର ମୋଟ ସୁନାର ଚାହିଦାର ହାରାହାରି ୨୫ ପ୍ରତିଶତ ସୃଷ୍ଟି ହୋଇଥାଏ ଭାରତରେ ଏବଂ ଏଥିରୁ ୯୦% ହେଉଛି ଗହଣା। ବିଶ୍ୱରେ ଆବିଷ୍କୃତ ସୁନା ପରିମାଣ ପ୍ରାୟ ୨,୪୪,୦୦୦ ମେଟ୍ରିକ ଟନ୍ ବୋଲି ଆକଳନ କରାଯାଇଛି। ଏଥିରେ ଐତିହାସିକ ଉତ୍ପାଦନ ଏବଂ ବର୍ତ୍ତମାନ ଜଣାଶୁଣା ଭୂତଳ ଭଣ୍ଡାର ଉଭୟ ଅନ୍ତର୍ଭୁକ୍ତ। ଏହି ସଂଖ୍ୟା ସୂଚାଇ ଦିଏ ଯେ ପୃଥିବୀରେ ପ୍ରତି ବ୍ୟକ୍ତି ପାଇଁ ପ୍ରାୟ ୩୦ ଗ୍ରାମ୍ ସୁନା ଅଛି, ଯାହା ଛଅଟି ସୁନା ମୁଦି ସହିତ ସମାନ। ଶ୍ରେଷ୍ଠ ଉତ୍ପାଦକ: ଚାଇନା, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ହେଉଛି ସର୍ବବୃହତ ସୁନା ଉତ୍ପାଦନକାରୀ ଦେଶ। କିନ୍ତୁ ପ୍ରକୃତିର ଗନ୍ତାଘରେ ଆଉ ମାତ୍ର ପ୍ରାୟ ୫୦,୦୦୦ ଟନ୍ ସୁନା ସଂଗ୍ରହ ଅପେକ୍ଷାରେ ରହିଛି– ଏହା ସଂଗ୍ରହ ହୋଇ ସାରିଥିବା ସୁନାର ପ୍ରାୟ ଏକ ତୃତୀୟାଂଶ ମାତ୍ର। ଏହାର ଅଧାଅଧି ରହିଛି ଦକ୍ଷିଣ ଆଫ୍ରିକାରେ ଏବଂ ରୁଷିଆ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ, ଚାଇନା, ଅଷ୍ଟ୍ରେଲିଆ ଆଦି ଦେଶରେ ବାକିତକ ସୁନା ବାଣ୍ଟି ହୋଇ ରହିଛି। ସୁନାର ବାର୍ଷିକ ଉତ୍ପାଦନ ଏତେ ନଗଣ୍ୟ ଯେ ଏହାଦ୍ୱାରା ପୃଥିବୀରେ ଉପଲବ୍ଧ ସୁନା ପରିମାଣରେ ବାର୍ଷିକ ପ୍ରାୟ ମାତ୍ର ୧.୭ ଶତାଂଶ ହାରରେ ବୃଦ୍ଧି ଘଟିଥାଏ। ଏହି ନଗଣ୍ୟ ବୃଦ୍ଧି ହାରକୁ ଦେଖିଲେ ପୃଥିବୀରେ ସୁନା ଯୋଗାଣକୁ ସ୍ଥିର ବୋଲି କହି କିଛି ସୁନାର ଯୋଗାଣ ପ୍ରାୟ ୨.୦୦,୦୦୦ ଟନ୍‌ରେ ସୀମିତ ରହିଯିବ। ସୁନା ଏକ ନମନୀୟ ଧାତୁ ହୋଇଥିବାରୁ ଦୈନନ୍ଦିନ ବ୍ୟବହାରରେ ଲଗାଇବା ସମ୍ଭବ ନୁହେଁ। ତେଣୁ ସୁନାକୁ ବ୍ୟବହାରଯୋଗ୍ୟ କରିବା ପାଇଁ ସେଥିରେ ଖାଦ ମିଶାଯାଏ। ସୁନାର



ଶୁଦ୍ଧତାକୁ କ୍ୟାରେଟ ଆକାରରେ ପ୍ରକାଶ କରାଯାଏ। ସମ୍ପୂର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣରେ ଥାଏ ୨୪ କ୍ୟାରେଟ, ଏହାକୁ ଆମେ 'ସହି' ସୁନା କହିଥାଉ। ଏଥିରେ ତମ୍ବା ମିଶାଇ 'ଗିନିସୁନା' ପ୍ରସ୍ତୁତ କରାଯାଏ, ଯାହାର ଶୁଦ୍ଧତା ୨୪ କ୍ୟାରେଟରୁ କମ୍ ୨୨ କ୍ୟାରେଟ, ୧୮ କ୍ୟାରେଟ, ୧୪ ଓ ୧୦ କ୍ୟାରେଟ ଆଦି ହୋଇଥାଏ।

ପ୍ରାକୃତିକ ଅବସ୍ଥାରେ ସୁନା ଦୁଇଟି ରୂପରେ ଉପଲବ୍ଧ ହୋଇଥାଏ। ଗୋଟିଏ ହେଲା ପଥର ଫାଙ୍କ ଶିରାରେ ଏହାର ଉପସ୍ଥିତି। ଏହାକୁ 'ଲୋଡ' ଡିପୋଜିଟ ବା ମହଜୁଦ ବୋଲି କୁହାଯାଇଥାଏ। ସୁନାଖଣିରୁ ଏ ପଥରକୁ ଉତ୍ତୋଳନ କରି, ଗୁଣ୍ଡ କରି କିମ୍ବା ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ଏଥିରୁ ଅଲଗା କରାଯାଏ। ଅନ୍ୟଟିର ହେଉଛି 'ପ୍ଲେସର୍' ଡିପୋଜିଟ। ଲୋଡ୍ ଡିପୋଜିଟ ଉପର ଦେଇ ଦୀର୍ଘକାଳ ଧରି ଜଳ ପ୍ରବାହିତ ହେଲେ କ୍ରମେ କ୍ଷୟ ଘଟି ସୁନା ପଥରରୁ ଅଲଗା ହୋଇ କ୍ଷୁଦ୍ର କ୍ଷୁଦ୍ର କଣିକା ଆକାରରେ ପାଣିରେ ଭାସିଥାଏ। ନଦୀର ସ୍ରୋତ ଧୀମା ହୋଇଗଲେ ଏହି ସୁନା ନଦୀଶଯ୍ୟାର ବାଲି ବା ପଟୁରେ ବସିଯାଏ। ବେଳେବେଳେ ଏହି କଣିକା ଏକାଠି ବାନ୍ଧି ହୋଇ ଛୋଟବଡ଼ ମୁଣ୍ଡାରେ ପରିଣତ ହୋଇଯାଏ। ଏହି ପ୍ରକାର ଜମିଥିବା ସୁନା ହେଉଛି ପ୍ଲେସର୍ ଡିପୋଜିଟ। ଯଦି କୋଣସି ସ୍ଥାନରେ ଯଥେଷ୍ଟ ପ୍ଲେସର୍ ଡିପୋଜିଟ ଖବର ପ୍ରସାରିତ ହୁଏ ତେବେ ଏହାକୁ ପାଇବାକୁ ସୁନାପ୍ରେମୀମାନଙ୍କ ସୁଅ ଛୁଟେ। ଏହିପ୍ରକାର ବ୍ୟବସ୍ଥାକୁ ଗୋଲ୍ଡରସ କୁହାଯାଏ। ସୁନା ଭଳି ଏକ ମୂଲ୍ୟବାନ ଧାତୁକୁ ପାଇବାକୁ କାହାର ବା ଆଗ୍ରହ ନଥାଏ। ଯଦି ମାଗଣାରେ ଏତେ ମୂଲ୍ୟବାନ ଜିନିଷ ମିଳୁଛି ତେବେ କିଏ ଅବା ହାତଛଡ଼ା କରିବ। ତେଣୁ ସେହି ଗୋଲ୍ଡରସ୍‌କୁ ପାଇବାକୁ କିଏ ରାତାରାତି ଧନୀ ହୋଇଯାଏ ତ କେଉଁ ନୀତିବାନ ଲୋକ ହଠାତ ନୀତିହୀନ ହୋଇଯାଏ। ବେଳେବେଳେ ଗୋଲ୍ଡରସ୍‌କୁ କେନ୍ଦ୍ରକରି ସମ୍ପୃକ୍ତ ଅଞ୍ଚଳରେ ନୂତନ ଜନବସତିମାନ ଗଢ଼ିଉଠେ। ଦକ୍ଷିଣ ଆଫ୍ରିକାର ଜୋହାନ୍‌ସବର୍ଗ ସହର ସେଠାକାର ୱିଟ୍‌ୱାଟର୍‌ସରାଣ୍ଡ ଗୋଲ୍ଡରସର ସନ୍ତାନ। ସେହିପରି ୧୮୪୮-୫୨ ମସିହାରେ ଘଟିଥିବା କାଲିଫର୍ନିଆ ଗୋଲ୍ଡରସ ଯୋଗୁ ଆମେରିକାର ଅନ୍ୟାନ୍ୟ ଅଞ୍ଚଳର ଲୋକମାନେ ଆସି ସେଠାରେ ବସବାସ କଲେ ଏବଂ ୧୮୫୦ରେ କାଲିଫର୍ନିଆ ଯୁକ୍ତରାଷ୍ଟ୍ର ସଂଘରେ ପ୍ରବେଶ କଲା। ଇତିହାସରେ ବୋଧହୁଏ ସବୁଠାରୁ ପ୍ରସିଦ୍ଧ ଗୋଲ୍ଡରସ ହେଉଛି କାନାଡାରେ। ୧୮୯୮-୯୯ରେ ଘଟିଥିବା କ୍ଲୋଣ୍ଡାଇକ ଗୋଲ୍ଡରସ। କ୍ଲୋଣ୍ଡାଇକ ନଦୀ ଓ ୟୁକନ ନଦୀର ସଙ୍ଗମ ନିକଟରେ ଆବିଷ୍କୃତ ପ୍ଲେସର୍ ଡିପୋଜିଟ ସେଠାକୁ ନିୟୁତ ନିୟୁତ ସଂଖ୍ୟାରେ ସୁନା ସନ୍ଧାନୀଙ୍କୁ ଆକର୍ଷିତ କରିଥିଲା–ଯାହା ଇତିହାସରେ ସର୍ବାଧିକ। ଏହା କିନ୍ତୁ ଏପରି ଏକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଥିଲା ଯେ ଖାଦ୍ୟାଭାବ, ମେରୁ ଅଞ୍ଚଳର ଲମ୍ବା ଶୀତରାତିର ଅସହ୍ୟ ଥଣ୍ଡା ଓ ଜଙ୍ଗଲରେ ଲାଗି ଯାଉଥିବା ସର୍ବଗ୍ରାସୀ ନିଆଁ ଆଦି ପ୍ରତିବନ୍ଧକ ଥିଲା। ଖାଦ୍ୟ ଅଭାବରୁ ଲୋକେ ଚପଲକୁ ସିଝାଇ ଖାଇଥିଲେ। କିନ୍ତୁ ସବୁ ବାଧାବିଘ୍ନକୁ ଅତିକ୍ରମ କରି ଶେଷରେ ମାତ୍ର ପ୍ରାୟ ୩୫,୦୦୦ ଦୁଃସାହସୀ ସୁନାପ୍ରେମୀ ସେଠାରେ ପହଞ୍ଚିପାରିଥିଲେ। ଏଠାରେ ଏହି କଥା ଦର୍ଶାଇବାର କାରଣ ହେଉଛି ସୁନା ନିଶା ମଣିଷକୁ କେଉଁ ସ୍ତରରୁ କେଉଁ ସ୍ତରକୁ ଖସାଇ ଦେଇଥାଏ। ଏହା ଏକ ମୂଲ୍ୟବାନ ଧାତୁ ହୋଇଥାଇପାରେ କିନ୍ତୁ ଏଭଳି ଦୁର୍ବାର ଆକର୍ଷଣ ତା'ର ମହାନତା ନୁହେଁ। ସୁନାର ମାୟାରେ ଲୋକେ କାଳକାଳ ଧରି ଆକର୍ଷିତ ହୋଇଚାଲିବେ।

**ଢେଙ୍କାନାଳ**
**ମୋ:୭୬୦୬୯୯୬୦୫୩**

## ଏଇ ଭାରତରେ

ବିବାହ ପରେ ଝିଅମାନେ ବିଦା ହୋଇ ଶାଶୁଘରକୁ ଯାଇଥାନ୍ତି। ହେଲେ ବାହାବେଦିରୁ ଉଠି ସିଧା କଲେଜକୁ ଯିବା କଥା କେବେ ଶୁଣିଛନ୍ତି! ଏମିତି ଏକ ଭିନ୍ନ ଧରଣର ଦୃଶ୍ୟ ଦେଖିବାକୁ ମିଳିଛି ଝାଡ଼ଖଣ୍ଡରେ। ଏଠାରେ ବେଙ୍ଗାବାଦ ଥାନାର ମୋତିଲେଦା ଅଞ୍ଚଳର ପୂଜା କୁମାରୀ ଦୁଇ ଦିନ ତଳେ ପାଖ ଅଞ୍ଚଳର ବିକାଶ ଯାଦବଙ୍କୁ ବିବାହ କରିଥିଲେ। ସେ ବିଏ ସେମିଷ୍ଟର-୧ର ଛାତ୍ରୀ ଥିଲେ ଓ ବିବାହର ଠିକ୍ ପରଦିନ ତାଙ୍କର ପରୀକ୍ଷା ମଧ୍ୟ ଥିଲା। ଏକଥା ଜାଣିବା ପରେ ଶାଶୁଘର ଲୋକେ ତାଙ୍କୁ ପରୀକ୍ଷା ବନ୍ଦ ନ କରିବା ପାଇଁ କହିଥିଲେ। ପୂଜା ମଧ୍ୟ ପରୀକ୍ଷା ପାଇଁ ସବୁ ପ୍ରସ୍ତୁତି କରିଥିଲେ। ଆଉ ଶାଶୁଘର ଲୋକଙ୍କ ସହାୟତାରେ ତାଙ୍କର ବିବାହ କର୍ମ ସବୁ ରାତିରେ ଶୀଘ୍ର ଶୀଘ୍ର ଶେଷ କରି ଦିଆଯାଇଥିଲା। ଏହାପରେ ସକାଳୁ ସକାଳୁ ଝିଅ ବିଦାବିଧି ମଧ୍ୟ ସମ୍ପନ୍ନ ହୋଇଥିଲା। ତେବେ ବିଦା ହେବା ପରେ ପୂଜା ତାଙ୍କ ନବ ବିବାହିତ ସ୍ୱାମୀଙ୍କ ସହିତ ସିଧା ଯାଇଥିଲେ ପରୀକ୍ଷା ହଲ୍‌କୁ। ନବବଧୂ ବେଶରେ ପରୀକ୍ଷା ହଲ୍‌ରେ ଅନ୍ୟମାନେ ତାଙ୍କୁ ଦେଖି କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ହେଲେ ପର ମୁହୂର୍ତ୍ତରେ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ବର ବେଶରେ ପରୀକ୍ଷା ହଲ୍ ବାହାରେ ବିକାଶ ତାଙ୍କ ସ୍ତ୍ରୀଙ୍କ ପାଇଁ ଅପେକ୍ଷା କରି ରହିଥିଲେ ଓ ପରୀକ୍ଷା ସରିବା ପରେ ପୂଜା ତାଙ୍କ ସହ ଶାଶୁଘରକୁ ଯାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ମେ ୧୯୭୬**

- ଦଣ୍ଡକାରଣ୍ୟରେ ୧୮୬୨୫ ଶରଣାର୍ଥୀ ପରିବାରଙ୍କୁ ଥଇଥାନ କରାଯାଇଥିବା ନେଇ କେନ୍ଦ୍ର ପୁନର୍ବସତି ମନ୍ତ୍ରୀ ଆର୍.ଏନ୍. ମିର୍ଦ୍ଧା ପ୍ରକାଶ କରିଛନ୍ତି।
- ସୁପ୍ରସିଦ୍ଧ ତବଲାବାଦକ ଓସ୍ତାଦ ଜାହାଙ୍ଗୀର ଖାଁଙ୍କ ୧୧୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | | | 8 |
| | | 3 | | 4 | 8 | 2 | | |
| | | | | | | | 6 | |
| | 8 | | | 2 | | | | |
| 9 | | | 7 | | 5 | | | |
| | | 2 | | | | 6 | | 4 |
| | | 4 | | | 7 | | | |
| 8 | | 6 | | | | | | 7 |
| 1 | | | 4 | 5 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 8 | 2 | 7 | 4 | 9 | 6 |
| 6 | 9 | 8 | 3 | 1 | 4 | 5 | 7 | 2 |
| 7 | 4 | 2 | 5 | 9 | 6 | 8 | 3 | 1 |
| 9 | 3 | 4 | 2 | 6 | 5 | 1 | 8 | 7 |
| 8 | 5 | 6 | 4 | 7 | 1 | 3 | 2 | 9 |
| 2 | 7 | 1 | 9 | 3 | 8 | 6 | 4 | 5 |
| 4 | 6 | 5 | 7 | 8 | 9 | 2 | 1 | 3 |
| 1 | 2 | 9 | 6 | 4 | 3 | 7 | 5 | 8 |
| 3 | 8 | 7 | 1 | 5 | 2 | 9 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦରଦାମ୍ ନିୟନ୍ତ୍ରଣରେ ବିଫଳ

ମହାଶୟ,

ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ସମାଧାନରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ବିଫଳ। ଅତ୍ୟାବଶ୍ୟକ ପଦାର୍ଥର ଦରଦାମ ଅହେତୁକ ଭାବେ ବୃଦ୍ଧି ପାଉଛି। ଏହାକୁ ରୋକିବା ଦିଗରେ ସରକାର ସମ୍ପୂର୍ଣ୍ଣ ଉଦାସୀନ। ଅଶୋଧିତ ତୈଳ ଦର କ୍ରମାଗତ ହ୍ରାସ ପାଇ ଗତ ୪୭ ମାସରେ ସର୍ବନିମ୍ନସ୍ତରରେ ପହଞ୍ଚିଛି। ଏବେ ତୈଳଦର ଓ ବିଶୋଧନ ଖର୍ଚ୍ଚ ମିଶାଇଲେ ତୈଳଦର ଲିଟର ପିଛା ୫୦ରୁ ୬୦ ଟଙ୍କା ହେବା କଥା, ମାତ୍ର ବର୍ତ୍ତମାନ ପେଟ୍ରୋଲ ଦର ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ଅଛି। କିଛିଦିନ ତଳେ ପୁଣି ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। କର୍ଣ୍ଣାଟକରେ ୫୪ ହଜାର ପିଅନ ପଦବୀ ପାଇଁ ମୋଟ ୧୫ ଲକ୍ଷ ଆଶାୟୀ ଆବେଦନ କରିବା ଓ ଏମାନଙ୍କ ମଧ୍ୟରେ ଅନେକ ସ୍ନାତକୋତ୍ତର, ବି.ଇଡି., ଏମ୍‌ବିଏ, ଓ ଆଇଆଇଟି ଡିଗ୍ରୀଧାରୀ ରହିଥିବା ଘଟଣାରୁ ଦେଶରେ ବେକାରି ସମସ୍ୟା କିପରି ଉତ୍କଟ, ତାହା ସହଜରେ ଅନୁମାନ କରିହୁଏ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବହି ବିକାଳିଙ୍କୁ ସନ୍ଦେହରେ ପୋଲିସ ଜିମା

**ବାଲିଗୁଡା,୧୧।୫(ତାପସ ସ୍ୱାଇଁ)**

ବାଲିଗୁଡା ବ୍ଲକ ତେନ୍ତୁଲିବେଲାରୀ ସାପ୍ତାହିକ ହାଟରେ ବହି ବିକ୍ରି କରୁଥିବା ଚାରି ସନ୍ଦିଗ୍ଧ ଯୁବକଙ୍କୁ ରବିବାର ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ସ୍ଥାନୀୟ ଫାଣ୍ଡି ପୋଲିସ ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରି ଛାଡ଼ି ଦେଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବକମାନେ ଏହି ହାଟରେ ରବିବାର ଗୀତା ସହ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ବିକ୍ରି କରୁଥିଲେ। ତେବେ ସେମାନଙ୍କ ଆଚାର ବ୍ୟବହାରରେ ସନ୍ଦେହ ଆସିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ। ଏହିସମୟରେ ସମ୍ପୃକ୍ତ ଯୁବକମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଜଣାପଡିଥିଲା। ଅନ୍ୟ ସମ୍ପ୍ରଦାୟର ହୋଇ ମଧ୍ୟ ହିନ୍ଦୁ ଧର୍ମର ମହାନ ଗ୍ରନ୍ଥ ଗୀତା କିପରି ବିକ୍ରି କରୁଛ ବୋଲି ପ୍ରଶ୍ନ କରିବାରୁ ଲୋକଙ୍କ ଭୟରେ ସେମାନେ ବ୍ୟବସାୟ ଛାଡି ଧାଇଁଥିଲେ। ଫଳରେ ଲୋକଙ୍କର ସନ୍ଦେହ ଅଧିକ ହେବାରୁ ସେମାନେ ସନ୍ଦିଗ୍ଧମାନଙ୍କୁ ଗୋଡାଇ କାବୁ କରିଥିଲେ। ଏହାପରେ ସମ୍ପୃକ୍ତ ଯୁବକମାନଙ୍କୁ ଅନନ୍ତପୁର ଫାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ସେମାନଙ୍କ ସମ୍ପର୍କରେ ଅନୁସନ୍ଧାନ କରିବା ପରେ ସନ୍ଦିଗ୍ଧ ଯୁବକମାନେ ନୟାଗଡ଼, କଲିକତା ଅଞ୍ଚଳର ବୋଲି ଜଣାପଡ଼ିଥିଲା।

# ଜନ୍ମ ତାରିଖ ଯାଞ୍ଚ କଲା ଶିଶୁ ସୁରକ୍ଷା ୟୁନିଟ୍

**ନାବାଳିକାଙ୍କୁ ତହସିଲ କର୍ମଚାରୀଙ୍କ ବିବାହ ପ୍ରସଙ୍ଗ**

**ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ରିପୋର୍ଟ ତଲବ**

**ଯାଜପୁର,୧୧।୫ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଜଣେ ତହସିଲ କର୍ମଚାରୀ ନାବାଳିକାଙ୍କୁ ବିବାହ କରିବା ଅଭିଯୋଗ ଘଟଣାକୁ ଇତିମଧ୍ୟରେ ୫ ଦିନ ଅତିକ୍ରାନ୍ତ ହୋଇସାରିଛି। ସୁକିନ୍ଦା ଥାନା ପୋଲିସ ଏବଂ ତହସିଲଦାର ଅଭିଯୋଗର ଯାଞ୍ଚ କରିସାରିଥିବାବେଳେ ଏବେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ନାବାଳିକାଙ୍କ ଜନ୍ମ ତାରିଖର ତଦନ୍ତ ହୋଇଛି। ଏହିକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ଡିସିପିୟୁ/ଜେପିଆର/୪୫୪/୨୫/୯।୫।୨୦୨୫ ରେ ସମ୍ପୃକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନାବାଳିକାଙ୍କ ମାଟ୍ରିକ ପ୍ରମାଣପତ୍ରରେ ଜନ୍ମ ତାରିଖ ଏପଟେସେପଟେ ହୋଇଥିବା ଦର୍ଶାଇ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ମାଟ୍ରିକ ପ୍ରମାଣପତ୍ର ଓ ଜନ୍ମ ତାରିଖ ଉପରେ ସବିଶେଷ ଯାଞ୍ଚ କରି ଯାଜପୁର ଅତିରିକ୍ତ ଜିଲାପାଳଙ୍କ ନିକଟରେ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ସୁକିନ୍ଦା ବ୍ଲକ ବାଲ୍ୟବିବାହ ନିରୋଧ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କେବଳ ସ୍ଥାନୀୟ ପୋଲିସ ସହ ଆଲୋଚନାକରି ନିଜ ଦାୟିତ୍ୱ ଶେଷ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ତହସିଲରେ କାର୍ଯ୍ୟରତ ଜଣେ ଅମିନ ସୁକିନ୍ଦା ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ବୁଧବାର ଢେଙ୍କାନାଳ ଜିଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ନିକଟରେ ଲୁଚାଛପାରେ ବିବାହ କରିଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏହାର ତଦନ୍ତ ପାଇଁ ତତ୍ପରତା ଦେଖାଇଛି। ଅନ୍ୟପକ୍ଷେ ସୁକିନ୍ଦା ସିଡିପିଓ ଏନେଇ ଥାନାରେ ଏତଲା ନ ଦେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ନାବାଳିକାଙ୍କ ସୁରକ୍ଷା ପାଇଁ ପ୍ରୋହିବିଶନ ଚାଇଲ୍ଡ ମ୍ୟାରେଜ ଆକ୍ଟ-୨୦୦୬, କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ ଆକ୍ଟ -୨୦୧୫ ସହ ଏକାଧିକ ଆଇନ ରହିଛି। ଉକ୍ତ ନାବାଳିକାଙ୍କ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ସମୟର ଜନ୍ମ ତାରିଖ ଯାଞ୍ଚ କରିବାର ଆବଶ୍ୟକତା ଥିବାବେଳେ ସୁକିନ୍ଦା ସିଡିପିଓଙ୍କ ପକ୍ଷରୁ ଏହାର ଯାଞ୍ଚ ନ କରି ମାଟ୍ରିକ ସାର୍ଟିଫିକେଟକୁ ଆୟୁଧ କରି ନୀରବ ବସି ରହିଥିବା ଅଭିଯୋଗ ହୋଇଛି। ସୁକିନ୍ଦା ସିଡିପିଓ ସୁଜାତା ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଥାନାଧିକାରୀଙ୍କ ସହ ଦୁଇ ଘଣ୍ଟା ଏନେଇ ଆଲୋଚନା କରିଛୁ। ବାଲ୍ୟବିବାହ ନିୟନ୍ତ୍ରଣ କରିବାକୁ ସେ ତତ୍ପର ଅଛନ୍ତି। ସମସ୍ତଙ୍କ ସହଯୋଗ ମିଳିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱାସ୍ଥ୍ୟବୀମା ସହ ୫ଦଫା ଦାବି ରଖିଲା ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି



ଖବରଦାତା ସମ୍ମିଳନୀରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କର୍ମକର୍ତ୍ତା।

**ଭୁବନେଶ୍ୱର, ୧୧।୫ (ବନ୍ଦନା ସେଠୀ)**

ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ୩.୪୬ କୋଟି ଲୋକ ସ୍ୱାସ୍ଥ୍ୟବୀମା ପାଇ ଉପକୃତ ହେବେ। ମାତ୍ର ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ୫ଲକ୍ଷ ସରକାରୀ କର୍ମଚାରୀ ଦୁରାରୋଗ୍ୟର ଶିକାର ହୋଇ ଅର୍ଥାଭାବରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମାର କୌଣସି ବ୍ୟବସ୍ଥା କରାଯାଇନାହିଁ। ତେଣୁ ସରକାରୀ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହ ସୁସ୍ଥ ବାତାବରଣ ବଜାୟ ରଖିବା ପାଇଁ ସମସ୍ତ ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ତଥା ସେମାନଙ୍କ ପରିବାର ପାଇଁ ୨୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଚଳନ ପାଇଁ ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ଦାବି କରିଛନ୍ତି। ଏହି କ୍ରମରେ ରବିବାର ୟୁନିଟ-୨ସ୍ଥିତ କର୍ମଚାରୀ ଭବନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାର ପୁରୁଣା ଥଇଥାନ ନୀତି ପ୍ରଚଳନ, ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ନିର୍ଦ୍ଧାରଣ, ପୁରୁଣା ପେନସନ୍ ଲାଗୁ ଓ ସମସ୍ତ ଠିକା କର୍ମଚାରୀମାନଙ୍କୁ ନିୟମିତ କରିବା ଆଦି ୫ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସେହିପରି ପୂର୍ବ ସରକାର ପ୍ରଚଳନ କରିଥିବା ୨୦୨୦ ମସିହା ବେସାମରିକ ସେବା (ଥଇଥାନ ସହାୟତା) ନିୟମକୁ ବାତିଲ କରି ସରକାରୀ କର୍ମଚାରୀଙ୍କ ମୃତ୍ୟୁପରେ ତାଙ୍କ ପରିବାର ସଦସ୍ୟଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ ୧୯୯୦ ଅନୁଯାୟୀ ନିଯୁକ୍ତି ପ୍ରଦାନ ପାଇଁ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। କର୍ମଚାରୀଙ୍କ ଏହି ପ୍ରମୁଖ ଦାବି ପୂରଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ସମିତିର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ପାତ୍ର, ମାର୍ଗଦର୍ଶକ ପ୍ରସନ୍ନ କୁମାର ତ୍ରିପାଠୀ, ଅଧ୍ୟକ୍ଷ ସୁନନ୍ଦ କାନୁନଗୋ, ସଭାପତି ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଦାସ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଡ. ବାବାଜୀ ଚରଣ ପଟ୍ଟନାୟକ ପାଇବେ କଳିଙ୍ଗ ଭାରତୀ ଭଞ୍ଜ ସମ୍ମାନ

**କଟକ,୧୧।୫(କାର୍ତ୍ତିକ ସାହୁ)**

ଆସନ୍ତା ୧୬ରୁ ୨୨ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳନ ଅବସରରେ ସାହିତ୍ୟ ତଥା ସଂସ୍କୃତି ଗବେଷକ ଡ. ବାବାଜୀ ଚରଣ ପଟ୍ଟନାୟକଙ୍କୁ କଳିଙ୍ଗ ଭାରତୀ ପକ୍ଷରୁ କଳିଙ୍ଗ ଭାରତୀ ଭଞ୍ଜ ସମ୍ମାନ ପ୍ରଦାନ କରାଯିବ। ଏତଦବ୍ୟତୀତ ଭଞ୍ଜ ସାହିତ୍ୟ ବିଶାରଦ ତଥା ଶିକ୍ଷାବିତ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କୁ ଜୀବନବ୍ୟାପୀ ସାଧନା ନିମିତ୍ତ କଳିଙ୍ଗ ଭାରତୀ ସମ୍ମାନ ଓ ରୀତିଯୁଗୀୟ ସାହିତ୍ୟର ଗବେଷଣା ଓ ପ୍ରଚାର ପ୍ରସାର ପାଇଁ ଡ. ମନମୋହନ ଆଚାର୍ଯ୍ୟଙ୍କୁ ବିଚ୍ଛନ୍ଦ ଚରଣ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। କଟକ ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ ହେବାକୁ ଥିବା ଐତିହାସିକ ୮୨ତମ ଭଞ୍ଜ ଜୟନ୍ତୀ ଉଦଯାପନ ଉତ୍ସବରେ ସମ୍ମାନ ପ୍ରଦନ କରାଯିବ ବୋଲି କଳିଙ୍ଗ ଭାରତୀର ସଭାପତି ଡ. ଶୈଳେଶ୍ୱର ନନ୍ଦ ଓ କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ରବିବାର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଲୁଟ୍ ପାଇଁ ହୋଇଥିଲା ହତ୍ୟାକାଣ୍ଡ | ୫ ଅଭିଯୁକ୍ତ ଗିରଫ, ୮ ଫେରାର

**ସାନମୁଣ୍ଡଲୀ ନିକଟ ପୁରୀ କେନାଲ ବନ୍ଧରେ ଶବ ଉଦ୍ଧାର ମାମଲା**

**କଟକ,୧୧।୫(କାର୍ତ୍ତିକ ସାହୁ)**

ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଲୀ ନିକଟ ପୁରୀ କେନାଲ ବନ୍ଧ ରାସ୍ତାରେ ଗତ ୯ ତାରିଖରେ ମୃତଦେହ ଜବତ ମାମଲା ଉପରୁ କମିଶନରେଟ ପୋଲିସ ପରଦା ହଟାଇଛି। ଦୀର୍ଘ ଦିନ ଧରି କାରନାମା ଚଳାଇ ଆସିଥିବା ଲୁଟେରା ଗ୍ୟାଙ୍ଗ ଡକାୟତି ଉଦ୍ଦେଶ୍ୟରେ ହତ୍ୟାକାଣ୍ଡ ଘଟାଇଥିବା ପୋଲିସକୁ ପ୍ରମାଣ ମିଳିଛି। ବାରଙ୍ଗ ଥାନା ପୋଲିସ ତଦନ୍ତ କରି ଏହି ମାମଲାରେ ଜଡ଼ିତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାରଙ୍ଗ ଗୋଡ଼ିସାହିର ବାବୁ ଓରଫ ବାବୁ ପ୍ରସାଦ ସାହୁ(୨୭), ସୋନୁ ଓରଫ ସୁନିଲ ଯାଦବ (୨୩), ଡିତୁଲ ଓରଫ ସୁଜିତ ବେହେରା (୨୦), ଜଗତପୁର ମୁଣ୍ଡାସାହିର ଲିପୁ ଓରଫ ଗଗନ କୁମାର ଦାସ (୨୬), ସିଡିଏ ଫେଜ-୨ ଥାନା ଅନ୍ତର୍ଗତ ବାଲିବନ୍ଧ ଅଞ୍ଚଳର ସୋମୁ ଓରଫ ସୌମ୍ୟ ରଞ୍ଜନ ଦାସ(୨୫)। ସେମାନଙ୍କୁ ଛାଡ଼ି ମାମଲାରେ ସମ୍ପୃକ୍ତ ଆହୁରି ୮ଜଣ ଅଭିଯୁକ୍ତ ଫେରାର ଥିବା କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଡିସିପି କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲା ଫରେନସିକ ସାଇନ୍ସ ଲାବରେଟୋରି (ଡିଏଫଏସ୍ଏଲ୍) ବିଶେଷଜ୍ଞ ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଛି। ସାଇବର୍ ପୋଲିସ ଓ ସ୍ଥାନୀୟ ଗୁଇନ୍ଦା ତଥ୍ୟ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଡିସିପି କହିଛନ୍ତି।

# ଟାଟା ଏସିଇ-ବାଇକ୍ ଧକ୍କା: ଜଣେ ମୃତ

**ନିଶ୍ଚିନ୍ତକୋଇଲି,୧୧।୫ (ଅଶୋକ କୁମାର ମହାପାତ୍ର)**

କଟକ-ଚାନ୍ଦବାଲି ରାସ୍ତାର ଅନୁଆପଡା ନିକଟରେ ରବିବାର ଏକ ଟାଟା ଏସିଇ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରଦିଆ ଗ୍ରାମର ସୁଶାନ୍ତ କୁମାର ଓଝା(୨୭) ଓ ଉକ୍ତ ଅଞ୍ଚଳର ବିକାଶ ବରାଳ(୨୪) ଗୁରୁତର ହୋଇଛନ୍ତି। ଉଭୟ କେନ୍ଦ୍ରାପଡ଼ାର ଏକ ଭୋଜି ଉତ୍ସବରେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦବାଲି ରାସ୍ତାର ଅନୁଆପଡା ନିକଟରେ ଏକ ଟାଟା ଏସିଇ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସୁଶାନ୍ତ ଓ ବିକାଶ ଗୁରୁତର ହୋଇଥିଲେ। ସ୍ଥାନୀୟ ଅଗ୍ନିଶମବାହିନୀର କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ଏହି ଘଟଣାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ

**ଆନେକ୍ସ କପ୍ ଟୁର୍ଣ୍ଣାମେଣ୍ଟ**

**ଜଗତସିଂହପୁର, ୧୧।୫ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ କଲେଜ ପଡ଼ିଆରେ ଚାଲିଥିବା ୧୮ ତମ ଆନେକ୍ସ କପ୍‌ର ୨ୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ବାପୁଜୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ବିନିମୟରେ ୧୮୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ସିଦ୍ଧାନ୍ତ ଜେ. ସିମୁଲାତ୍ ଓ ରଞ୍ଜିତ ପାଇକରାୟ ୩୯ ରନ ଅର୍ଯ୍ୟଶ୍ରୀ ଭଟ୍ଟ ୨୫ ଓ ଶୁଭମ ଶତ୍ରୁଜିତ୍ ୨୧ ରନ ସଂଗ୍ରହ



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ରାମଚନ୍ଦ୍ର ବେହେରା, ଜୟନ୍ତ କୁମାର ବେହେରା ଓ ଅଭନୀତ୍ ପଟ୍ଟନାୟକ ୨ ଟି ଲେଖା ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧୮.୪ ଓଭରରେ ୫ ଉଇକେଟ୍ ହରାଇ ୧୮୯ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଆଦିତ୍ୟ ରାଉତ ସର୍ବାଧିକ ୮୫, ଆୟୁଷ ଖ୍ରୀଷ୍ଟୋଫର ୨୫, ଟୁକୁନା ସାହୁ ଓ ଗୋବିନ୍ଦ ପୋଦାର ୨୨ ରନ ଲେଖାଏ କରିଥିଲେ। ବାପୁଜୀ କ୍ରିକେଟ କ୍ଲବ ପକ୍ଷରୁ ମନୋଜ କୁମାର ବାରିକ ସର୍ବାଧିକ ୩ ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଆଦିତ୍ୟ ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ମିତ୍ର, ଖବରଦାତା ପ୍ରଦୀପ କିଶୋର ଚୌଧୁରୀ, ମାନସ କାନୁନଗୋ, ସମୀର ଲେଙ୍କା, ଶିକ୍ଷାବିତ ବିଦ୍ଭୁ ଭୂଷଣ ତ୍ରିପାଠୀ, ପୂର୍ବତନ ପାରିଷଦ ପ୍ରଦୀପ୍ତ ସାହୁ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚକୁ ଆଶୁତୋଷ ପାଣି, ଦିଲୀପ କୁମାର ସାମଲ, ମିଳନ ଓଝା, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, କରନ ଖାନ, ଜଗନ୍ନାଥ ବିଶୋଇ ପରିଚାଳନା କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୧।୫ (ସତ୍ୟଜିତ ରାଉତ)**

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣିରୋଡ ସୁଶାନ୍ତି ବିହାରରେ ଜଣେ ଯୁବକ ନିଜ ଘରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମନୋଜ ମହାକୁଡ (୨୫)। ବାପା ବାବୁଲି ନାୟକଙ୍କ ରିପୋର୍ଟକୁ ଆଧାର କରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ୪ଟା ବେଳେ ମନୋଜ ବାହାରୁ ଆସି ରୁମ୍‌କୁ ଶୋଇବାକୁ ଯାଇଥିଲ। ତେବେ କିଛି ସମୟ ପରେ ସେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମନୋଜ ଏଭଳି ଚରମ ନିଷ୍ପତ୍ତି ନେବା ପଛର କାରଣ ଜାଣିବାକୁ ପୋଲିସ ପ୍ରୟାସ କରୁଛି।

# ପିଲା ଗୁରୁଙ୍କ କଥା ମାନିଲେ ସଫଳତା ପାଇପାରିବେ

**ହାପି କ୍ଲାସେସ ପକ୍ଷରୁ ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

**ବରୀ,୧୧।୫(ମହେନ୍ଦ୍ର ସ୍ୱାଇଁ):**

ଚଳିତ ମାଟ୍ରିକ ପରୀକ୍ଷାରେ ବରୀ ନିର୍ବାଚନମଣ୍ଡଳୀରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରୀ ବ୍ଲକ ଅନ୍ତର୍ଗତ ଇଶାଣପୁରସ୍ଥିତ ହାପି କ୍ଲାସେସ ପକ୍ଷରୁ ଈଶାବରୀ ଗ୍ରାମୀଣ ପାର୍କ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଶ୍ୱରଞ୍ଜନ ମଲିକ ଯୋଗଦେଇ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଜିଜ୍ଞାସା ବିଶ୍ୱାଳ, ଅଙ୍କିତ ଅନୁରାଗ ପଣ୍ଡା, ଜୟଶ୍ରୀ ଦାସ, ସୌମ୍ୟଜିତ ଦାସ, ନିବେଦିତା ଦାସ, ଲକ୍ଷ୍ମୀପ୍ରିୟା ମଲିକ, ସାଗର ମୁଦୁଲିଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ପିଲାମାନେ ପିତାମାତା ଓ ଗୁରୁଙ୍କ କଥା ମାନି ପାଠ ପଢ଼ିଲେ ନିଶ୍ଚିତ ସଫଳତା ପାଇପାରିବେ ବୋଲି କହିଥିଲେ। ହାପି କ୍ଲାସେସ କୋଚିଂ ସେଣ୍ଟରର ପରିଚାଳକ ହେମନ୍ତ ଜେନାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ବିଧାୟକ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାକିସ୍ତାନ ସୀମାରେ ଯୁଦ୍ଧ ଲଢୁଥିବା ଯବାନଙ୍କ ମନୋବଳ ବଢ଼ାଇବା ଉଦ୍ଦେଶ୍ୟରେ ଭାରତ ମାତା କି ଜୟ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ବିଦ୍ୱାର ନିର୍ଦ୍ଦେଶକ ଶରତ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମକର ଚରଣ ଘଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ବ୍ଲ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସାମାଜିକ କର୍ମୀ କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅଯୋଧ୍ୟା ଜେନା, ସରପଞ୍ଚ ରେବତୀ ଜେନା, କୁନା ମଲିକ, ସଞ୍ଜୟ ସେଠୀ, ସମିତିସଭ୍ୟ ଶ୍ରୀଧର ସେଠୀ, ପୂର୍ବତନ ସରପଞ୍ଚ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ଜେନା, ଇଶାଣପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଟବର ଜେନା, ଭାଗବତ ଜେନା, ଅର୍ଜୁନ ଚରଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଚିନ୍ତାମଣି ଜେନା ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 03-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ।

ବିଜ୍ଞାପିତ ମୂଲ୍ୟ (₹): 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ।

ବିକ୍ରି ଆରମ୍ଭ ହେବା ତାରିଖ : ତା.15.05.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.05.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-115/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245

କାର୍ଯ୍ୟର ନାମ : ଟାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶ୍ୟରେ ପଥ ଆଲୋକୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.05.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକୋରିୟରଙ୍କ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-111/Q/25-26



**ODISHA HYDRO POWER CORPORATION LIMITED**

BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

No.CAD-384: Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
|---|---|---|---|
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09.00 hrs. of 13.05.2025 to 11.00 hrs. of 28.05.2025
The last date & time of receipt of tenders : Upto 12.00 hrs. of Dt.28.05.2025
Date and time of opening of the Techno Commercial Bid : Dt.28.05.2025 at 12.30 Hrs.

For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C & P Head
BHEP, Balimela

OIPR-04019/11/0083/2526



**DISTRICT PROJECT OFFICE**
**RTE-SAMAGRA SHIKSHA KANDHAMAL**

MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480

**ADVERTISEMENT**

No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website **https://kandhamal.nic.in & https://osepa.odisha.gov.in.**

By the order of the Collector-cum-Chairperson, OAV, Kandhamal

Sd./- DEO-cum-DPC, SS, Kandhamal

OIPR-27059/11/0012/2526



**OFFICE OF THE PANCHAYAT SAMITI KORUKONDA**

No.1947/VI-159/2025/SETU/Dev. Dated 9.05.2025

**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.

Sd./- Block Development Officer
Korukonda

OIPR-19021/11/0007/2526

## ମା, ପୁଅଙ୍କୁ ଆକ୍ରମଣ ଅଭିଯୋଗ, ଥାନାରେ ମାମଲା

ଦିଗପହଣ୍ଡି,୧୧।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ଗ୍ରାମରେ ପାରିବାରିକ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଜିନି ବିଷୋୟୀ ଏବଂ ତାଙ୍କ ପୁଅ ଲାବଣ୍ୟ ବିଷୋୟୀଙ୍କୁ ବବୁଲ ବିଷୋୟୀ ଓରଫ ରୁଦ୍ର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଦୁଇ ପରିବାର ମଧ୍ୟରେ କିଛିଦିନ ହେଲା ଝଗଡା ଲାଗି ରହିଥିଲା। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ବବୁଲ ତାଙ୍କ ଘର ନିକଟରେ ଲାବଣ୍ୟଙ୍କୁ ଅଟକାଇ ଗାଳି କରିଥିଲେ। ଲାବଣ୍ୟ ପ୍ରତିବାଦ କରିବାରୁ ବବୁଲ ତାଙ୍କୁ ଚାପୁଡ଼ା, ଗୋଇଠା ମାରିଥିଲେ। କେତେ ଜଣ ଗ୍ରାମବାସୀ ଉଭୟଙ୍କୁ ଛଡାଛଡି କରିଥିଲେ। ପରେ ବବୁଲ ତାଙ୍କ ପାଇଖାନା ଛାତ ଉପରକୁ ଯାଇ ଲାବଣ୍ୟଙ୍କୁ ଲକ୍ଷ୍ୟକରି ପଥର ଓ ଇଟା ଖଣ୍ଡ ଫୋପାଡିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଲାବଣ୍ୟଙ୍କ ମା' ଜିନି ଦୌଡ଼ି ଆସି ବବୁଲଙ୍କୁ ପଚାରିବାରୁ ବବୁଲ ଆସି ତାଙ୍କୁ ଗାଁ ରାସ୍ତାରେ ଟଣାଓଟରା କରିବାସହ ମୁହଁକୁ ମୁଥ ମାରିଥିଲେ। ତାଙ୍କ ବାମ ଆଖି ପତାକୁ ମାଡ଼ ହୋଇ ରକ୍ତ ବାହାରିଥିଲା। ପରେ ମା' ପୁଅ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଥାନାରେ ଏତଲା ଦେଇଥିଲେ। ନଂ.୧୭୦/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ପ୍ରଶାସନ-ଗାଁ ମୁଖିଆ ବୈଠକ ବିଫଳ

■ ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ନିଜ ଜିଦ୍‌ରେ ଅଟଳ
■ ଗ୍ରାମରେ ୧୬୩ ଧାରା ବଳବତ୍ତର


ଥାନା ପରିସରରେ ଉପସ୍ଥିତ ମହିଳା, ପୁରୁଷ।

ଚିକିଟି,୧୧।୫(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ଥାନା ଅଧୀନ ପାତିସୋନପୁର ଗ୍ରାମରେ ଠାକୁରାଣୀ ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଏଯାବତ୍ ଛକାପଞ୍ଝା ଲାଗି ରହିଛି। ଫଳରେ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଗ୍ରାମର ଗୋଟିଏ ଗୋଷ୍ଠୀ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ତାରିଖରେ ଯାତ୍ରା କରିବା ପାଇଁ ଚାହୁଁଥିବା ବେଳେ ଅନ୍ୟ ଗୋଷ୍ଠୀର ବହୁ ମହିଳା ପୁରୁଷ ଶନିବାର ଥାନାକୁ ଯାଇ ଯାତ୍ରା ବନ୍ଦ ପାଇଁ ଜିଦ କରି ଅଡ଼ି ବସିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେବେ ପ୍ରଶାସନ ରବିବାର ମଧ୍ୟ ଗାଁର ଉଭୟ ଗୋଷ୍ଠୀର ମୁଖିଆମାନଙ୍କୁ ବୈଠକ କରି ସମାଧାନ କରିବାକୁ ଡାକିଥିଲା। ସମସ୍ତେ ବୈଠକରେ ପହଞ୍ଚିଥିଲେ ମଧ୍ୟ ପରସ୍ପର ନିଜ ଜିଦ୍‌ରେ ଅଟଳ ରହିବାରୁ ଏହି ବୈଠକ ବିଫଳ ହୋଇଥିଲା।

ଖବରରୁ ଜଣାପଡିଛି, ସୁନାପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ପାତିସୋନପୁରରେ ୨୦୧୨ରେ ଉକ୍ତ ଗ୍ରାମରେ ଠାକୁରାଣୀ ଯାତ୍ରା ହୋଇଥିଲା। ପ୍ରତି ୩ ବର୍ଷକୁ ଥରେ ଉକ୍ତ ଗ୍ରାମରେ ଯାତ୍ରା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କୌଣସି କାରଣରୁ ଦୀର୍ଘ ବର୍ଷ ଧରି ଠାକୁରାଣୀ ଯାତ୍ରା ହୋଇ ପାରି ନ ଥିଲା। ଗତ କିଛି ଦିନ ତଳେ ଗ୍ରାମବାସୀ ଗ୍ରାମରେ ବୈଠକ କରି ଯାତ୍ରା କରିବାକୁ ସ୍ଥିର କରିଥିଲେ। ସେଥିରୁ ଗୋଟିଏ ଗୋଷ୍ଠୀ ଯାତ୍ରା କରିବାକୁ ଚାହୁଁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିର୍ଦ୍ଧାରିତ ତାରିଖକୁ ପରିବର୍ତ୍ତନ କରିବା ପାଇଁ ଚାହୁଁଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଏନେଇ ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ଗତ ୫ ତାରିଖରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭା ଗୃହରେ ବ୍ରହ୍ମପୁର ଉପଜିଲାପାଳ, ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଏବଂ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବୈଠକ ହୋଇଥିଲା। ଉଭୟ ଗୋଷ୍ଠୀର ଜଣେ ଲେଖାଏ ମୁଖିଆ ରହି କମିଟି ଗଠନ କରି ଯାତ୍ରା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଗୋଟିଏ ଗୋଷ୍ଠୀ ପକ୍ଷରୁ ୧୧ ତାରିଖରେ ଯାତ୍ରା କରିବା ପାଇଁ ସ୍ଥିର କରାଯାଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିର୍ଦ୍ଧାରିତ ତାରିଖରେ ଯାତ୍ରା ନ କରି ଯାତ୍ରାକୁ ଘୁଞ୍ଚାଇବା ପାଇଁ କହିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ସେହି ଦିନ ଠାରୁ ଛକାପଞ୍ଝା ଲାଗି ରହିଥିଲା। ପ୍ରଶାସନ ପକ୍ଷରୁ ଉଭୟ ଗୋଷ୍ଠୀର ୬ ଜଣ ଲେଖାଏ ମୁଖିଆଙ୍କୁ ଶନିବାର ମେରାଇନ ଥାନାରେ ଦୀର୍ଘ ଦିନ ଧରି ଲାଗିରହିଥିବା ଠାକୁରାଣୀ ଯାତ୍ରାର ବିବାଦ ସମାଧାନ ପାଇଁ ସୂଚନା ଦିଆଯାଇଥିବା ବେଳେ ଉକ୍ତ ବୈଠକରେ ଗୋଟିଏ ଗୋଷ୍ଠୀର ୬ ଜଣ ମୁଖିଆ ଯୋଗ ଦେଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ମୁଖିଆମାନେ ଅନୁପସ୍ଥିତ ଥିଲେ। ଯାହାଦ୍ୱାରା ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଗ୍ରାମରେ ବିଏନଏସଏସ ୧୬୩ ଧାରା ବଳବତ୍ତର ରହିଛି। ରବିବାର ପୁଣି ମେରାଇନ ଥାନା ପରିସରରେ ବୈଠକ ବସିଥିଲା। ଉକ୍ତ ବୈଠକରେ ଚିକିଟି ତହସିଲଦାର କହଁର, ବ୍ରହ୍ମପୁର ସଦର ଏସଡ଼ିପିଓ ପରିଡା, ଗୋଳନ୍ଥରା ଓ ମେରାଇନ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଉଭୟ ଗୋଷ୍ଠୀର ୧୦ ଜଣ ଲେଖାଏ ମୁଖିଆଙ୍କୁ ବୈଠକକୁ ଡକା ଯାଇଥିଲା। ଉଭୟଙ୍କୁ ଉକ୍ତ ବୈଠକରେ ବୁଝାଶୁଝା କରାଯାଇଥିଲେ ସୁଦ୍ଧା ଉଭୟ ଗୋଷ୍ଠୀ ନିଜ ନିଜ ଜିଦରେ ଅଟଳ ରହିଥିଲେ। ଏହାକୁ ନେଇ ଉକ୍ତ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ଜଣାପଡିଛି।

## ବୈଷ୍ଣୋଦେବୀଙ୍କ ଦର୍ଶନ ଅଧୁରା ରହିଲା

ଖଣ୍ଡପଡ଼ା,୧୧।୫(ଅଜୟ କୁମାର ମହାରଣା)


ଭାଗିରଥୀ ସାହୁ

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋର ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀଙ୍କ ପରଲୋକ ହୋଇଯାଇଛି। ସେ ହେଲେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳା ନିକଟରେ ବାସ କରୁଥିବା ଭାଗିରଥୀ ସାହୁ(୬୫)। ସେ ସ୍ତ୍ରୀ, ଝିଅ ସମ୍ପର୍କୀୟଙ୍କ ସହ ଗତ ୩ଦିନ ହେବ ବୈଷ୍ଣଦେବୀଙ୍କ ଦର୍ଶନ ପାଇଁ ଯାଇଥିଲେ। ରବିବାର ସେ ଦେବୀଙ୍କ ଦର୍ଶନ ପାଇଁ ଧାଡିରେ ଠିଆ ହୋଇଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡିଯାଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସାହୁଙ୍କ ବଡପୁଅ ଅନୀଲ ସୂଚନା ଦେଇଛନ୍ତି। ସେଠାରୁ ତାଙ୍କୁ ଜମ୍ମୁ ନେବା ପରେ ଦିଲ୍ଲୀ ଅଣାଯାଇଛି। ସୋମବାର ତାଙ୍କୁ ବିମାନ ଯୋଗେ ଭୁବନେଶ୍ୱର ଅଣାଯିବା।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୧୧।୫(ଅଜୟ କୁମାର ମହାରଣା)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ କୃତୀତ୍ୱ ହାସଲ କରିଥିବା ୨ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଓ ଭାପୁର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରବିବାର ଅନୁଷ୍ଠିତ ବୈଠକ ଅବସରରେ କଳପଙ୍ଗୀ ପଣ୍ଡିତ ଜମ୍ବେଶ୍ୱର ବିଦ୍ୟାପୀଠର ଛାତ୍ର ଶୁଭମ୍ ରାଉତ ଏବଂ ଦୁଃଖାପଲ୍ଲୀ ରବିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଛାତ୍ର ରଘୁନାଥ ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ସଂଘର ସମ୍ପାଦକ ସୁନିଲ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା,ସଭ୍ୟମାନେ ଉଭୟ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ୧୪ ଛାତ୍ରୀଛାତ୍ର ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ମନୋନୀତ

ରଣପୁର,୧୧।୫
( ସୁକାନ୍ତ କିଶୋର ଡାକୁଆ)

ରଣପୁର ଚାରିଅଟ ପବ୍ଲିକ ସ୍କୁଲର ୧୪ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ-୨୦୨୫ ପ୍ରବେଶିକା ପରୀକ୍ଷାରେ ମନୋନୀତ ହୋଇ ଗୌରବ ଅର୍ଜନ କରିଛନ୍ତି । ସେହି ଛାତ୍ରୀଛାତ୍ରମାନେ ହେଲେ ସୁସ୍ମିତା ରାୟ, ଅମ୍ଳାନ ସାଇ ନରେନ୍ଦ୍ର, ସାଇଶ୍ରୀ ଶୁଭାଙ୍ଗିନୀ ପ୍ରଧାନ, ଅବିନାଶ ତ୍ରିପାଠୀ, ନୂତନ କୁମାର ସ୍ୱାଇଁ, ଅୟୁଷ୍ମାନ ସାମନ୍ତରାୟ, ଅଭିପ୍ସା ସାହୁ, ସ୍ୱୟମ ପ୍ରକାଶ ଡାକୁଆ, ସାଇ ଶୁଭ୍ରାଂଶୁ ସେଠୀ, ପ୍ରଦ୍ୟୁମ୍ନ ସାହୁ, ଆଇଶା ମହାପାତ୍ର, ପ୍ରିୟଙ୍କା ବେହେରା, ରୁଦ୍ର ପ୍ରସାଦ ରାଉତ, ପିୟୁଷକାନ୍ତି ବେହେରା। ଏହି ସଫଳତା ଛାତ୍ରଛାତ୍ରୀଙ୍କ ପରିଶ୍ରମ, ଅଭିଭାବକଙ୍କ ସହଯୋଗ ଓ ଶିକ୍ଷକମାନଙ୍କ ଦିଗଦର୍ଶନର ଫଳ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି । ଏହି ଅବସରରେ ବିଦ୍ୟାଳୟରେ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନ, ପ୍ରିନ୍ସିପାଲ ସୁଜାତା ପ୍ରଧାନ ଓ ଶିକ୍ଷୟତ୍ରୀ,ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଷଷ୍ଠ ଦିନରେ ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା


ମା'ଙ୍କ ନଗର ଭ୍ରମଣ।

ବାଲିଗୁଡା,୧୧।୫
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକ ସ୍ଥିତ ମା' ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। ଏହି ଯାତ୍ରା ଷଷ୍ଠ ଦିବସରେ ପହଞ୍ଚି ଥିବା ବେଳେ ରବିବାର ତୃତୀୟ ନଗର ଭ୍ରମଣ ଆରମ୍ଭ ହୋଇଛି। ଏହା ଜୁନ ୫ ତାରିଖରେ ଶେଷ ହେବ। ଏକ ମାସ ବ୍ୟାପୀ ମା' ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ସମଗ୍ର ବାଲିଗୁଡା ସହର ଉତ୍ସବମୁଖର ହୋଇଉଠିଛି। ଅସ୍ଥାୟୀ ପୀଠ ରେ ମା' ପାଟଖଣ୍ଡାଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣକାଳୀ ବିରାଜମାନ ଅଛନ୍ତି। ପ୍ରତିଦିନ ସକାଳ ଓ ସନ୍ଧ୍ୟାକାଳୀନ ଆଳତି ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି। ରବିବାର ମା' ବାଲିଗୁଡା ଟାଉନର ପଣସପଡି ସାହି ସ୍ଥିତ ମହାନ୍ତି କଲୋନୀ ନିବାସୀ ଏସ. ଜ୍ଞାନ ରଞ୍ଜନ ପାତ୍ରଙ୍କ ଘର ସମ୍ମୁଖ ଅସ୍ଥାୟୀ ପୂଜା ମଣ୍ଡପକୁ ଆସିଥିଲେ। ସେଠାରେ ସାହିର ସମସ୍ତ ଭକ୍ତ ମା' ଙ୍କ ଶୁଭାଶ୍ରୀର୍ବାଦ ଭିକ୍ଷା କରିଥିଲେ। ଏକ ମାସ ଧରି ଚାଲିବାକୁ ଥିବା ଏହି ଯାତ୍ରା ଟାଉନର ଭିନ୍ନ ଭିନ୍ନ ସାହିରେ ପଦାର୍ପଣ କରିବ, ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

## ରାଜ୍ୟପାଳଙ୍କୁ ପତ୍ର ଲେଖିଲେ ଡେମୋନଷ୍ଟ୍ରେଟର

ଦଶପଲ୍ଲା,୧୧।୫(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟରେ ନିଲମ୍ବିତ ହୋଇଥିବା ପଦାର୍ଥ ବିଜ୍ଞାନ ଡେମୋନଷ୍ଟ୍ରେଟର ଭିନ୍ନକ୍ଷମ ଲକ୍ଷ୍ମୀଧର ଶତପଥୀ ନ୍ୟାୟ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ଭିନ୍ନକ୍ଷମ କମିଶନ, ଏବଂ ନୟାଗଡ଼ ଜିଲାପାଳଙ୍କୁ ପତ୍ର ଲେଖି ନ୍ୟାୟ ଦାବି କରିଛନ୍ତି। ମହାବିଦ୍ୟାଳୟରେ ହୋଇଥିବା ଅନିୟମିତତା ସହ ସେ ଜଣେ ଭିନ୍ନକ୍ଷମ ଓ ତାଙ୍କୁ ଚକ୍ରାନ୍ତ କରି ଅନ୍ୟାୟ ଭାବେ ଚାକିରିରୁ ନିଲମ୍ବିତ କରାଯାଇ ଥିବା ସେ ଦର୍ଶାଇଛନ୍ତି। ତାଙ୍କ ନିଲମ୍ବନ ବେଆଇନ ସହ ଏକତରଫା ବୋଲି ସେ ଦୃଢତାର ସହ କହିଛନ୍ତି। ଏହା ସହ ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ନାଏକଙ୍କ ଅବସର ନେବାକୁ ମାତ୍ର ୪ ଦିନ ଥିବା ବେଳେ ତରବର ହୋଇ ତାଙ୍କ ବିରୋଧରେ ମିଥ୍ୟା ରିପୋର୍ଟ ଦେଇ ନିଲମ୍ବନ କରାଯାଇଥିବା ସେ ପ୍ରକାଶ କରିଛନ୍ତି ,ଏହାର ପୁନଃ ତଦନ୍ତ କରିବା ପାଇଁ ସେ ଦାବି ଜଣାଇଛନ୍ତି ।


**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

No.CAD-384: Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
|---|---|---|---|
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09.00 hrs. of 13.05.2025 to 11.00 hrs. of 28.05.2025
The last date & time of receipt of tenders : Upto 12.00 hrs. of Dt.28.05.2025
Date and time of opening of the Techno Commercial Bid : Dt.28.05.2025 at 12.30 Hrs.
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C & P Head
BHEP, Balimela
OIPR-04019/11/0083/2526


## ବିଏସ୍‌ଏନ୍‌ଏଲ୍ ଟାୱାର ଅଛି, ସେବା ନାହିଁ

ଦାରିଙ୍ଗବାଡି, ୧୧।୫ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ଅଧିକାଂଶ ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଏକାଧିକ ଗ୍ରାମରେ ନେଟୱର୍କ ସେବା ମିଳିନି। ସେବା ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହୋଇଛନ୍ତି। ଉକ୍ତ ବ୍ଲକ ଝିଞ୍ଜିରିଗୁଡା ପଞ୍ଚାୟତର କୁଟଲାରି ଗାଁରେ ଏପରି ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେଲା ଏହି ଗାଁରେ ବିଏସ୍‌ଏନ୍‌ଏଲ୍‌ର ମୋବାଇଲ ଟାୱାର ପ୍ରତିଷ୍ଠା ହୋଇଛି। ଟାୱାର ପ୍ରତିଷ୍ଠା ସମୟରେ ଲୋକଙ୍କ ପାଇଁ ମୋବାଇଲ ଫୋନରେ ଯୋଗାଯୋଗ ସୁବିଧା ହେବ, ଇଣ୍ଟରନେଟ ସୁବିଧା ମିଳିବ, ସରକାରଙ୍କ ବିଭିନ୍ନ ଯୋଜନା ଅନ୍‌ଲାଇନରେ କରିହେବ ଏବଂ ବ୍ୟାଙ୍କିଙ୍ଗ୍ ସେବା ସୁବିଧାରେ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ମାତ୍ର ଲୋକଙ୍କ ଆଶା ଆଶାରେ ହିଁ ରହିଯାଇଛି। ଏବେ ଏହାକୁ ନେଇ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ଟାୱାର କାର୍ଯ୍ୟକ୍ଷମ କରି ମୋବାଇଲ ସେବା ନ ଦେଲେ ଆମେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗ୍ରାମର ମିଥୁନ ନହମାଝି, ବିଜୟ ମଲିକ, ଦେବ ମଲିକ, ସଲମାନ ମଲିକ, ଦାଉଦ ମଲିକ ପ୍ରମୁଖ କହିଛନ୍ତି। ଟାୱାର କାର୍ଯ୍ୟକ୍ଷମ ହେଲେ କୁଟଲାରୀ ଗ୍ରାମ ସମେତ ବାଘପଦା ଓ ପାଖାପାଖି ପ୍ରାୟ ୧୦ ଖଣ୍ଡ ଗ୍ରାମ ଉପକୃତ ହୋଇପାରିବେ।


**DISTRICT PROJECT OFFICE**
**RTE-SAMAGRA SHIKSHA KANDHAMAL**
MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480
**ADVERTISEMENT**
No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website https://kandhamal.nic.in & https://osepa.odisha.gov.in.

By the order of the Collector-cum-Chairperson, OAV, Kandhamal
OIPR-27059/11/0012/2526 Sd./- DEO-cum-DPC, SS, Kandhamal


## ବୁଢ଼ୀ ଠାକୁରାଣୀଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ

ଛତ୍ରପୁର,୧୧।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ବଡ଼ମାଧପୁର ପଞ୍ଚାୟତ ବରଙ୍ଗ ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ପ୍ରାସାଦ ପ୍ରତିମା ପ୍ରତିଷ୍ଠା ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପଣ୍ଡିତ ଅଶୋକ ଶତପଥୀ, ନାମାଚାର୍ଯ୍ୟ ପ୍ରକାଶ ମହାରାଜଜୀ ଏହାକୁ ପରିଚାଳନା କରୁଛନ୍ତି। ରବିବାର ବନଜାଗ, ଦୀକ୍ଷାଗ୍ରହଣ, ନାମଯଜ୍ଞ ଓ ଅନ୍ନଯଜ୍ଞ, ରତ୍ନମୁଦ,ରାତିରେ ଅଙ୍କୁରାରୋପଣ ହୋଇଛି। ସୋମବାର ଜଳଯାତ୍ରା, କର୍ମାରମ୍ଭ, ଧାନ୍ୟାଧିବାସ ଓ ଅଗ୍ନିସଂସ୍କାର, ନାମଯଜ୍ଞ ଓ ଅନ୍ନଯଜ୍ଞ, ମଙ୍ଗଳବାର ସାଲାପୂଜା, ସୂର୍ଯ୍ୟପୂଜା ଦେବତା ସ୍ନାନ, ଶୟନ, ରାତ୍ର ପ୍ରାଣ ପ୍ରତିଷ୍ଠା, ନାମଯଜ୍ଞ ଓ ଅନ୍ନଯଜ୍ଞ, ବୁଧବାର ଦେବତା ନଗରଭ୍ରମଣ,ସିଂହାସନ ଆରୋହଣ ଏବଂ ପୂର୍ଣ୍ଣାହୁତି ହେବ ବୋଲି କମିଟି କହିଛି।

## ଅବହେଳିତ ଅବସ୍ଥାରେ ୭ ଶୈବପୀଠ

ଶେରଗଡ଼,୧୧।୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର ୭ଟି ବ୍ରାହ୍ମଣ ଶାସନରେ ଥିବା ୭ଟି ଶୈବପୀଠର ଉନ୍ନତି ପାଇଁ ଅନୁଦାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭିନ୍ନ ମନ୍ଦିରଗୁଡିକର ଉନ୍ନତି ଲାଗି ସରକାର ଅନୁଦାନ ବ୍ୟବସ୍ଥା କରୁଛନ୍ତି। ଅଥଚ ଶେରଗଡ଼ର ଶିବମନ୍ଦିରଗୁଡ଼ିକ ପାଇଁ ସରକାର ଗତ ଦଶବର୍ଷ ମଧ୍ୟରେ କିଛି ମଧ୍ୟ ଅନୁଦାନ ଦେଇନାହାନ୍ତି। କେଉଁ ଶୈବପୀଠର ମନ୍ଦିର ଭାଙ୍ଗିଗଲାଣି ତ, କେଉଁ ଶୈବପୀଠର ରୋଷୋଇଶାଳା ନାହିଁ। କେଉଁ ମନ୍ଦିରର ପାଚେରି ଭାଙ୍ଗିରୁଜି ଗଲାଣି। ଅବହେଳିତ ଅବସ୍ଥାରେ ଥିବା ଶୈବପୀଠ ମଧ୍ୟରେ ହରିକୃଷ୍ଣପୁରର ଚନ୍ଦ୍ରଶେଖର, ବିଜୟ ରଘୁନାଥପୁରର କପିଳେଶ୍ୱର, ରଘୁନାଥପୁରର ଶିବ ମନ୍ଦିର, ରାଜେନ୍ଦ୍ରପୁରର ଶିବମନ୍ଦିର, ମାରୁଡି ଜଗନ୍ନାଥପୁରର ଶିବମନ୍ଦିର, ବଳିଆର ସିଂହପୁରର ଶିବମନ୍ଦିର ସହ ଅନ୍ୟ ଏକ ଶିବମନ୍ଦିର ଅନ୍ତର୍ଭୁକ୍ତ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 03-KUR-TRD-OT-2025-26
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ ।
ବିଜ୍ଞାପିତ ମୂଲ୍ୟ (₹): 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ ।
ବିକ୍ରି ଆରମ୍ଭ ହେବା ତାରିଖ : ତା.15.05.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.05.2025 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-115/Q/25-26


# ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା ଆରମ୍ଭ



ମନ୍ଦିର ସାମ୍ନାରେ ବାଘ ବେଶଧାରୀ।

ହିଞ୍ଜିଳିକାଟୁ,୧୧।୫(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ସହରରେ କାଟୁ ରାଜବାଟି ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରା ଶୁଭାରମ୍ଭ ହୋଇଛି। ଜଗବନ୍ଧୁ ପାଟଣା ସାହି ମନ୍ଦିରରେ ଅନୁରୂପ ଭାବେ ଦିନିକିଆ ଯାତ୍ରା ଆରମ୍ଭ ହୋଇଛି। କାଟୁ ରାଜବାଟି ଯାତ୍ରାର ପ୍ରଥମ ଦିନ ରାଜ ପରିବାର ଓ କେଉଟବାଡର ମିଳିତ ସହଯୋଗ ଏବଂ ପାଟଣା ସାହି ପକ୍ଷରୁ ପାଳନ କରାଯାଇଛି। ଯାତ୍ରାକୁ ଆକର୍ଷଣୀୟ କରିବା ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ଆଲୋକମାଳାରେ ସାରା ସହର ଝଲସି ଉଠିଛି। ରବିବାର ପ୍ରାତଃରୁ ମାନସିକଧାରୀ ଶ୍ରଦ୍ଧାଳୁମାନେ କୃଷ୍ଣ, ବଳରାମ, ରାମସୀତା, ହନୁମାନ, ବାଘବାଘୁଣି, କାଚରା, ଖଟବିଦ୍ୟା, ମେହେନ୍ତର ଆଦି ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ କଳାକୁଞ୍ଜ ଦେଖିବା ସକାଶେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ଭକ୍ତ ଓ ଯାତ୍ରା ପ୍ରେମୀଙ୍କ ପ୍ରବଳ ଜନସମାଗମ ଲାଗି ରହିଥିଲା। ସୋମବାର ଦ୍ୱିତୀୟ ଦିବସରେ ରଙ୍ଗୁଣିବାଡ଼ ପକ୍ଷରୁ ଯାତ୍ରା ପରିଚାଳନା କରାଯିବା ସହ ରାତିରେ ବାଣ ଯାତ୍ରା ଅନୁଷ୍ଠିତ ହେବ । ସେହିପରି ବୁରୁପୋଡା ଗ୍ରାମ ନୃସିଂହ ଠାକୁରଙ୍କ ଜନ୍ମ ଉତ୍ସବ ମହାଆଡମ୍ବରରେ ପାଳନ କରାଯାଇଛି।


**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245
କାର୍ଯ୍ୟର ନାମ : ତାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶ୍ୟରେ ପଥ ଆଲୋକୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.05.2025ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-111/Q/25-26



**OFFICE OF THE PANCHAYAT SAMITI KORUKONDA**
No.1947/VI-159/2025/SETU/Dev. Dated 9.05.2025
**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.
Sd./- Block Development Officer
Korukonda
OIPR-19021/11/0007/2526

# କୃଷିରୁ ଯୁଦ୍ଧ କ୍ଷେତ୍ର, ବଢୁଛି ଡ୍ରୋନ୍‌ର ଚାହିଦା

- ୧୦୯ କମ୍ପାନୀକୁ ଭାରତ ସରକାର ମାନ୍ୟତା ଦେଇଛନ୍ତି
- ୧୦୭୮ ଡ୍ରୋନ୍ ଶିକ୍ଷକ, ୧୩୩୬୯ ପାଇଲଟ୍‌ଙ୍କୁ ପ୍ରଶିକ୍ଷଣ
- ୧ ଏକର ଜମିରେ ମାତ୍ର ୧୦ରୁ ୧୫ ମିନିଟରେ ଔଷଧ ଓ ସାର ସିଞ୍ଚନ ହୋଇପାରୁଛି



ଜଗତ୍‌ସିଂହପୁର, ୧୧।୫ (ପ୍ରମୋଦ କୁମାର ନାୟକ):

ଅତ୍ୟାଧୁନିକ ଯୁଗରେ ଡ୍ରୋନ୍ ବା ମାନବରହିତ ବିମାନ (ୟୁଏଭି)ର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି କ୍ରାନ୍ତିକାରୀ ବୈଷୟିକ ଜ୍ଞାନ (ଟେକ୍ନୋଲୋଜି)କୁ ଆୟୁଧ କରି ମଣିଷ କୃଷି କ୍ଷେତ୍ରରୁ ସାମରିକ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପ୍ରଭାବ ବିସ୍ତାର କରିପାରୁଛି। ବଡ କଥା ହେଲା ଏହା ମାନବ ଜୀବନର ବିଭିନ୍ନ କ୍ଷେତ୍ରକୁ ସୁଗମ ଓ ସୁରକ୍ଷିତ କରିବା ସହ ସାରା ବିଶ୍ୱକୁ ନୂଆ ବାର୍ତ୍ତା ଦେଉଛି। ଡ୍ରୋନ୍‌ର ବ୍ୟବହାର ଆମ୍ଭମାନଙ୍କୁ ଏକ ନୂତନ ଯୁଗରେ ପ୍ରବେଶର ସୁଯୋଗ ଦେଇଛି, ଯେଉଁଥିରେ ଭାରତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏ ସମ୍ପର୍କରେ କେତେଜଣ ବୈଜ୍ଞାନିକଙ୍କ ମତ ହେଲା, ଭାରତରେ ଡ୍ରୋନ୍ ଟେକ୍ନୋଲୋଜିର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ। ଯେଉଁଥିରେ ଭାରତୀୟ ସେନା ପାଇଁ ସ୍ୱଦେଶୀ ଭାବେ ବିକଶିତ ଘାତକ ୟୁସିଏଭି (ଅନମ୍ୟାନ୍ଡ କମ୍ବାଟ ଏରିଅଲ୍ ଭେହିକିଲ୍) ଏକ ମୁଖ୍ୟ ଉଦାହରଣ ପାଲଟିଛି, ଯାହା ଭବିଷ୍ୟତରେ ଭାରତୀୟ ସାମରିକ ଶକ୍ତିକୁ ନୂଆ ମାନଦଣ୍ଡରେ ପହଞ୍ଚାଇବ। ଡ୍ରୋନ୍‌ର ଭବିଷ୍ୟତ ଏଆଇ ଓ ରୋବୋଟିକ୍ସ ଟେକ୍ନୋଲୋଜି ସହ ସଂଯୋଜିତ। ଏହାଦ୍ୱାରା ସ୍ୱୟଂଚାଳିତ ଡ୍ରୋନ ସ୍ୱାର୍ମ (ଏକକାଳୀନ ଏକାଧିକ ଡ୍ରୋନ୍‌ର ବ୍ୟବହାର) ପ୍ରଣାଳୀ ଭାବେ ଗଠିତ ହେବାକୁ ଯାଉଛି। ଏହା ଯୁଦ୍ଧ କ୍ଷେତ୍ରରେ ମାନବ ସୈନ୍ୟଙ୍କ ଆବଶ୍ୟକତା ହ୍ରାସ କରିବ। ଭାରତୀୟ ବିଜ୍ଞାନୀମାନେ ମଧ୍ୟ ଏହି ଦିଗରେ ଗବେଷଣା ଜାରି ରଖିଛନ୍ତି। ରୁଷ-ୟୁକ୍ରେନ୍ ଓ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ଚାଲିଛି। ଗତ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଏକପ୍ରକାର ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବିରାମ ଲାଗିଥିଲେ ସୁଦ୍ଧା ବିଧିବଦ୍ଧ ଭାବେ ଯୁଦ୍ଧ ବନ୍ଦ ନିଷ୍ପତ୍ତି ହୋଇପାରିନାହିଁ। ଏଥିରେ ମଧ୍ୟ ଡ୍ରୋନ୍‌ର ବହୁଳ ବ୍ୟବହାର ସାମ୍ପ୍ରତିକ ସ୍ଥିତିରେ ଏହାର ଚାହିଦାକୁ ବହୁଗୁଣିତ କରିଦେଉଛି। ଏହାଛଡ଼ା କୃଷିକ୍ଷେତ୍ରରେ ଡ୍ରୋନ୍ ଅପୂର୍ବ ସୁଯୋଗ ସୃଷ୍ଟି କରିପାରୁଛି।

ଡ୍ରୋନ୍ ଟେକ୍ନୋଲୋଜିର ଇତିହାସ ଦେଖିଲେ ଜଣାଯାଏ, ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅର୍ଥାତ୍ ୧୯୧୮ରେ ଏହାର ସୃଷ୍ଟି ହୋଇଥିଲା। ସେତେବେଳେ କେଟରିଂ ବଗ ନାମକ ଡ୍ରୋନ୍ ଆମେରିକା ବ୍ୟବହାର କରିଥିଲା। ଆଧୁନିକ ଡ୍ରୋନ ଟେକ୍ନୋଲୋଜିର ଜନକ ଭାବେ ଇସ୍ରାଏଲୀ ବୈଜ୍ଞାନିକ ଆବ୍ରାହାମ କାରେମଙ୍କୁ ଗଣାଯାଏ। ବର୍ତ୍ତମାନ ସମୟରେ ଡ୍ରୋନ ଉଚ୍ଚ ରିଜୋଲ୍ୟୁଶନ କ୍ୟାମେରା, ସେନ୍ସର, ଜିପିଏସ୍ ଓ ଏ-୧ ଟେକ୍ନୋଲୋଜି ସହ ସଂଯୁକ୍ତ ହୋଇ ଅତ୍ୟାଧୁନିକ ରୂପ ନେଇଛି। କୃଷି କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର ଏକ ବିପ୍ଳବ ସୃଷ୍ଟି କରିପାରିଛି।

ଏ ସମ୍ପର୍କରେ ଓୟୁଏଟି ଦ୍ୱାରା ପରିଚାଳିତ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଦ୍ୱାରିକା ମୋହନ ଦାସ ଓ ସୌଭାଗ୍ୟ ଲକ୍ଷ୍ମୀ ରାୟ ପ୍ରମୁଖ କହିଛନ୍ତି, ଡ୍ରୋନ୍ ଯୋଗୁ ୧ ଏକର ଜମିରେ ମାତ୍ର ୧୦ରୁ ୧୫ ମିନିଟ ମଧ୍ୟରେ ଔଷଧ ଓ ସାର ସିଞ୍ଚନ ସମ୍ଭବ ହୋଇପାରୁଛି। ଏହା ପାରମ୍ପରିକ ପଦ୍ଧତି ଅପେକ୍ଷା ୯୦% ସମୟ ଓ ଶ୍ରମ ବଞ୍ଚାଇଥାଏ। କୃଷି କ୍ଷେତ୍ରରେ ବ୍ୟବହାର କରାଯାଉଥିବା ଡ୍ରୋନ (କ୍ଷୁଦ୍ରରୁ ମଧ୍ୟମ ଆକାରର) ୨୫ରୁ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ଉଠାଇପାରେ। କୃଷି ଡ୍ରୋନ୍ ୧୦ ଲିଟର ଜଳ ବ୍ୟବହାର କରି ୧ ଏକର ଜମିରେ ସିଞ୍ଚନ କାର୍ଯ୍ୟ କରିଥାଏ, ଯାହାକି ପାରମ୍ପରିକ ପଦ୍ଧତିଠାରୁ ବହୁତ କମ୍। ଭାରତରେ ଡ୍ରୋନ୍ ଟେକ୍ନୋଲୋଜି ଦ୍ରୁତଗତିରେ ବିକାଶ ଲାଭ କରୁଛି। ସ୍ୱଦେଶୀ ଭାବେ ବିକଶିତ ୧୦୯ଟି କମ୍ପାନୀକୁ ଭାରତ ସରକାର ଅଦ୍ୟାବଧି ମାନ୍ୟତା ଦେଇସାରିଲେଣି। ଡ୍ରୋନ୍ ଶିକ୍ଷା ଓ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କିଷାନ ଡ୍ରୋନ୍ ଯୋଜନା ଆରମ୍ଭ ହୋଇଛି। ଅଦ୍ୟାବଧି ଦେଶରେ ୧୦୭୮ ଜଣ ଡ୍ରୋନ ଶିକ୍ଷକ (ଇନ୍‌ଷ୍ଟ୍ରକ୍ଟର) ଓ ୧୩୩୬୯ ଜଣ ଡ୍ରୋନ ପାଇଲଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସାମରିକ କ୍ଷେତ୍ରରେ ଭାରତର ନିଜସ୍ୱ ଡ୍ରୋନ୍ ପ୍ରୋଗ୍ରାମ ମଧ୍ୟ ଉଲ୍ଲେଖନୀୟ ଭାବେ ଆଗେଇଛି, ଯେଉଁଥିରେ ଡିଆରଡିଓ (ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ୍) ଦ୍ୱାରା ବିକଶିତ ରୁସ୍ତମ ବର୍ଗର ଏମ୍ଏଏଲ୍ଇ (ମିଡିଅମ ଅଲଟିଚ୍ୟୁଡ ଲଙ୍ଗ ଏଣ୍ଡ୍ୟୁରାନ୍ସ) ଡ୍ରୋନ ୨୦୦ରୁ ୨୫୦ କି.ମି. ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ଏଥିସହ ୩୫୦ କି.ମି. ପେଲୋଡ୍ (ନିଜ ଓଜନ ବାଦ୍ ଓଜନ) ବୋଝେଇ କରିପାରିବାର କ୍ଷମତା ରହିଛି। କାମିକାଜେ କିମ୍ବା ଲୋଇଟରିଂ ମ୍ୟୁନିସନ ହେଉଛି ଏକପ୍ରକାର ନିୟନ୍ତ୍ରିତ ଅଥବା ଅନିୟନ୍ତ୍ରିତ ଡ୍ରୋନ୍, ଯାହା ଟାର୍ଗେଟ ଉପରେ ଆତ୍ମଘାତୀ ଆକ୍ରମଣ କରିଥାଏ। ଅର୍ଥାତ୍ ଏହି ଡ୍ରୋନ୍ ନିର୍ଦ୍ଦିଷ୍ଟ ମିଶନ ପାଇଁ ନିର୍ମିତ ହୋଇଥାଏ। ଏହି ଡ୍ରୋନ୍ ଟାର୍ଗେଟ ଚିହ୍ନଟ ପରେ ସେଠାରେ ନିଜକୁ ବିସ୍ଫୋରଣ କରି ଧ୍ୱଂସ କରି ଦେଇଥାଏ। ଇସ୍ରାଏଲ ଓ ଆମେରିକା ପରି ଭାରତୀୟ ସେନାରେ ମଧ୍ୟ ଏହି ପ୍ରକାର ଉନ୍ନତମାନର ଡ୍ରୋନ୍‌ର ବ୍ୟବହାର ହେଉଛି, ଯାହା ଭାରତୀୟ ସୀମା ପ୍ରହରୀ ଓ ନିରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ମୋଟାମୋଟି କହିବାକୁ ଗଲେ ସାମରିକ କ୍ଷେତ୍ରରେ ଡ୍ରୋନ୍ ବ୍ୟବହାର ଯୁଦ୍ଧ ପଦ୍ଧତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ବୋଲି ବୈଜ୍ଞାନିକ ଦାସ ସୂଚନା ଦେଇଛନ୍ତି।



କେନ୍ଦ୍ରାପଡ଼ା ସହର ଇଚ୍ଛାପୁର ସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିରରେ ଠାକୁରଙ୍କ ନୃସିଂହ ଅବତାର ବେଶ।

## ଶାରଳା ମନ୍ଦିରରେ ଅଣହିନ୍ଦୁ: ନଷ୍ଟ ହେଲା ପ୍ରସ୍ତୁତ ଭୋଗ

ତିର୍ତ୍ତୋଲ, ୧୧।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ଉପରେ ନିଷେଧାଦେଶ ରହିଛି। ମନ୍ଦିର ମୁଖ୍ୟ ପ୍ରବେଶ ସମ୍ମୁଖରେ ଡାହାଣ ପାର୍ଶ୍ୱରେ ଏସମ୍ପର୍କରେ ଲିଖିତ ସୂଚନା ରହିଛି। ରବିବାର କେତେଜଣ ଅଣହିନ୍ଦୁ ମନ୍ଦିର ବେଢ଼ା ମଧ୍ୟରେ ପ୍ରବେଶ କରିବା ପରେ ମା'ଙ୍କ ମଧ୍ୟାହ୍ନ ଧୂପ ଲାଗି ପ୍ରସ୍ତୁତ ହେଉଥିବା ଭୋଗ ସାମଗ୍ରୀ ନଷ୍ଟ କରାଯାଇଛି। ଏଥିସହ ମା'ଙ୍କ ମନ୍ଦିର ସମେତ ରୋଷଘର, ବେଢ଼ା ଇତ୍ୟାଦି ଶୋଧନ କରାଯାଇଥିଲା। ଏହାପରେ ମଧ୍ୟାହ୍ନ ଧୂପ ନିମନ୍ତେ ଭୋଗ ପ୍ରସ୍ତୁତି କରାଯାଇ ମା'ଙ୍କ ନିକଟରେ ଲାଗି ହୋଇଥିଲା।

ସୂଚନା ମୁତାବକ, ପୂର୍ବାହ୍ନ ସମୟରେ କେତେଜଣ ଇସ୍କନ ଶ୍ରଦ୍ଧାଳୁ ମା'ଙ୍କ ମନ୍ଦିର ଦର୍ଶନରେ ଆସି ମନ୍ଦିର ବେଢ଼ା ମଧ୍ୟରେ ପ୍ରବେଶ କରିଥିଲେ। କେତେଜଣ ସେବାୟତ ସେମାନଙ୍କୁ ପରିଚୟ ଓ ଠିକଣା ପଚାରିଥିଲେ। ସେମାନେ ଅଣହିନ୍ଦୁ ବୋଲି ଜଣାପଡିବା ପରେ ବାହାରକୁ ଯିବା ଲାଗି କୁହାଯାଇଥିଲା। ଏହାପରେ ମନ୍ଦିର ନୀତିକାନ୍ତି ନିୟମ ଆଧାରରେ ମନ୍ଦିର, ରୋଷଘର ଓ ବେଢା ଇତ୍ୟାଦି ଶୋଧନ କରାଯାଇଥିଲା। ଏହା ପରେ ମା'ଙ୍କର ଦୈନନ୍ଦିନ ନୀତିକାନ୍ତି ପୂଜା ସମ୍ପାଦନ ହୋଇଥିଲା। ଏ ସମ୍ପର୍କରେ ମନ୍ଦିରର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ କୁମାର ଜେନା କହିଛନ୍ତି, ଅଜାଣତରେ କେତେଜଣ ଅଣ ହିନ୍ଦୁ ଇସ୍କନ ଶ୍ରଦ୍ଧାଳୁ ମନ୍ଦିର ବେଢ଼ାରେ ପ୍ରବେଶ କରିବାରୁ ପୂଜା କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏହାପରେ ମନ୍ଦିର ନିୟମ ଅନୁଯାୟୀ ଶୋଧନ ସହ ନୀତି ପୂଜା କରାଯିବା ପରେ ଦର୍ଶନ ସ୍ୱାଭାବିକ ହୋଇଛି।

ସେଲ୍‌ଫି କର୍ନରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରତ୍ନପ୍ରଭା



@ କବିତା



@ ଇପ୍ସିତା



@ ସଜିକାନ୍ତ



@ ଶୁଭାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେନାଲରେ ବୁଡ଼ି ଶିଶୁପୁତ୍ର ମୃତ

ପାରାଦୀପ, ୧୧।୫ (ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କୀ ଲକ୍‌ପଡାରେ ରବିବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ତାଳଦଣ୍ଡା କେନାଲରେ ବୁଡ଼ି ଦେଢ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍‌ପଡ଼ା ଅଞ୍ଚଳର ବିଲା ପରମାଣିକଙ୍କ ପୁଅ ସାଇକୃପା। ସେ ଖରାବେଳେ ତାଳଦଣ୍ଡା କେନାଲ ବନ୍ଧ ପାଖରେ ଏକ ମନ୍ଦିର ପାଇଁ ଗଦା ହୋଇଥିବା ବାଲିଉପରେ ଖେଳୁଥିଲେ। କେତେବେଳେ ଅସାବଧାନତାବଶତଃ ପାଣିକୁ ଖସି ପଡିଥିଲେ। ପରିବାର ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ ପୁଅକୁ ପାଇ ନ ଥିଲେ। ସନ୍ଧ୍ୟାରେ ତାଳଦଣ୍ଡା କେନାଲରେ ସାଇକୃପାଙ୍କୁ ଭାସୁଥିବା ଅବସ୍ଥାରେ ପାଇ ବିଜୁ ମେମୋରିଆଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଇକୃପାଙ୍କ ମା' ଓ ବାପା ଏବେ କଟକରେ ଅଛନ୍ତି। କାରଣ ତାଙ୍କର ଆଉ ଏକ ଶିଶୁ ପୁତ୍ର ଶନିବାର ହୋଇଥିବା ଜଣାପଡିଛି। ପ୍ରସବ ପାଇଁ ମା' ଓ ବାପା ଘରେ ବଡପୁଅ ସାଇକୃପାଙ୍କୁ ଛାଡି ଯାଇଥିଲେ। ଘରେ ବଡବାପା ବଡ଼ବୋଉ ସମେତ ଜେଜେ ମା' ବାପା ଥିଲେ। ଦ୍ୱିତୀୟ ସନ୍ତାନ ଜନ୍ମର ୨୪ଘଣ୍ଟା ମଧ୍ୟରେ ବଡ଼ପୁଅ ହରାଇବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପାରାଦୀପ ପୋଲିସ ମୃତଦେହ ଜବତ କରି ସଂରକ୍ଷିତ ରଖିଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## ଘରବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ, ୪ ଆହତ

ରାଜକନିକା, ୧୧।୫ (ସଞ୍ଜୟ କୁମାର ଦାଶ):

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ତରପଦା ଗାଁରେ ଶନିବାର ରାତି ସାଢ଼େ ୭ଟା ସମୟରେ ଘରବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଉଭୟ ପକ୍ଷର ୪ଜଣ ଆହତ ହୋଇଛନ୍ତି। ଗାଁର ରଞ୍ଜନ ମଲିକ ଓ ସେହି ଗାଁର ରାକେଶ ବିଶ୍ୱାଳଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟପକ୍ଷରୁ ଥାନାର ଏତଲା ଦିଆଯାଇଛି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଏତଲାକାରୀ ମଞ୍ଜୁଲତା ମଲିକଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ତରପଦା ଗାଁରେ ଆମ୍ଭେ ଆମ ଘରବାଡ଼ି ଜମିରେ ଘରକାମ କରୁଥିବା ସମୟରେ ରାତି ସାଢ଼େ ୭ଟା ସମୟରେ ସେହି ଗାଁର ରାକେଶ ବିଶ୍ୱାଳଙ୍କ ସହିତ କୋଠସାହି ଗାଁର ଜଣେ ବ୍ୟକ୍ତିଙ୍କ ସହ ପ୍ରାୟ ୪୦ଜଣ ଗୁଣ୍ଡାଶ୍ରେଣୀୟ ଲୋକ କୋଦାଳ ବେଣ୍ଟ, ଭୁଜାଲି ଓ ବନ୍ଧୁକ ଭଳି ମାରଣାସ୍ତ୍ର ଧରି ବୋଲେରୋ ଗାଡି, ବାଇକ୍ ଓ ବୁଲେଟରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜାତି କଥା ଉଠାଇ ଗାଳିଗୁଲଜ କରିଥିଲେ। ଆମେ ଏହାକୁ ବିରୋଧ କରିବାରୁ ସେମାନେ ମିଳିତ ଭାବେ ମୋ ସ୍ୱାମୀ ରଞ୍ଜନ ମଲିକଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ଘଟଣାସ୍ଥଳକୁ ଶ୍ୱଶୁର ରମାକାନ୍ତ ମଲିକ, ନଣନ୍ଦ ଚିନ୍ମୁଲତା ମଲିକ, ଦିଅର ରଜତ କୁମାର ମଲିକ ଦୌଡ଼ି ଯାଇଥିଲେ। ଆକ୍ରମଣକାରୀମାନେ ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଗାଁ ଲୋକମାନେ ବଞ୍ଚାଇବାକୁ ଦୌଡ଼ି ଆସିବାରୁ ସେମାନେ ଗାଡ଼ି ଛାଡି ଦୌଡ଼ି ପଳାଇଥିଲେ। ଏମିତିକି ବନ୍ଧୁକ ଦେଖାଇ ୨୦ ରାଉଣ୍ଡ ଗୁଳି ଫୁଟେଇଦବୁ ବୋଲି ଧମକ ମଧ୍ୟ ଦେଇଥିବା ମଞ୍ଜୁଲତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ରାତିରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ମେଡିକାଲ ଆଣିବା ସହ ସେଠାରୁ ଏକ ବନ୍ଧୁକ ଜବତ କରିଥିବା ନେଇ ଗ୍ରାମବାସୀ ଓ ପରିବାର ପକ୍ଷରୁ ଅଭିଯୋଗ କରିଛନ୍ତି। ଆମ୍ଭମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ଆମ୍ଭମାନଙ୍କ ଜୀବନ ପ୍ରତି ବିପଦ ଥିବା ସେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ରାକେଶ ବିଶ୍ୱାଳ ପାଲଟା ଏତଲା କରିଛନ୍ତି। ଏ ସମ୍ପର୍କରେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକଙ୍କୁ ପଚାରିବାରେ ସେ କହିଛନ୍ତି, ତାହା ଖେଳନା ବନ୍ଧୁକ ଥିଲା। ଆମେ ତାକୁ ଜବତ କରିଛୁ। ଉଭୟପକ୍ଷଙ୍କ ଏତଲା ଆଧାରରେ ୨ ମାମଲା(ନଂ.୨୮୪/୨୫ ଓ ୨୮୫/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।



ଜଣେ ଆହତଙ୍କୁ ଡାକ୍ତରଖାନା ନିଆଯାଉଛି।

# ଉଦ୍ଧାର ହୋଇପାରୁନାହିଁ ବଳଦେବଜୀଉଙ୍କ ଭୂସମ୍ପତ୍ତି

### ଦାନବାକ୍ସ ଉପରେ ନିର୍ଭରଶୀଳ ଶ୍ରୀଜୀଉ

କେନ୍ଦ୍ରାପଡ଼ା, ୧୧।୫ (ଜଗନ୍ନାଥ ଧଳ):

ଆସନ୍ତା ଜୁନ ୨୭ରେ ରଥଯାତ୍ରା। କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପାଇଁ ଅକ୍ଷୟ ତୃତୀୟାରେ କାଠ ଅନୁକୂଳ ହୋଇଛି। ଶ୍ରୀଜୀଉଙ୍କ ରଥଯାତ୍ରା ସହିତ ବାର୍ଷିକ ନୀତିକାନ୍ତି ପାଇଁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ତେବେ ଦାନବାକ୍ସ ଓ ଅନ୍ୟ ଆୟ ଉତ୍ସରୁ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ଆସୁ ନ ଥିବାରୁ ଆଗାମୀ ଦିନରେ ଏହାର ପ୍ରଭାବ ଶ୍ରୀଜୀଉଙ୍କ ନୀତିକାନ୍ତି ଉପରେ ପଡିବ ବୋଲି ବହୁ ଶ୍ରଦ୍ଧାଳୁ ଓ ସେବାୟତମାନେ ମତ ଦେଇଛନ୍ତି। ଅପରପକ୍ଷେ ଶ୍ରୀଜୀଉଙ୍କ ଜମି ଜବରଦଖଲରୁ ମୁକ୍ତ ହୋଇ ପାରିଲେ ଏହି ସ୍ଥିତିରେ କିଛି ସୁଧାର ଆସିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଶ୍ରଦ୍ଧାଳୁ ତଥା ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ୧୯୭୪ରେ ରାଜ୍ୟ ଦେବୋତ୍ତର ବିଭାଗ ଆଇନର ଧାରା ୬ ଓ ୭ରେ ୮୬୬.୯୯ ଏକର ଭୂସମ୍ପତ୍ତ ଶ୍ରୀଜୀଉଙ୍କ ନାମରେ ଫଇସଲା ହୋଇଛି। ଏହି ଫଇସଲା ପରେ ତତ୍କାଳୀନ ସମୟରୁ ଅଦ୍ୟାବଧି ଜମିର ଖଜଣା ଓ ଜଳକର ପୈଠ ହେଉଛି। ମାତ୍ର ଏଥିମଧ୍ୟରୁ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବଳରେ ଅଛି। ମାର୍ଫତଦାରଙ୍କ ନିକଟରେ ଥିବା ୨୩୨ ଏକର ଓ ସିକିମ ପ୍ରଜାଙ୍କ ନିକଟରେ ଥିବା ୧୧୭.୩୫ ଏକର ଜମିରୁ କୌଣସି ଆୟ ଦେବୋତ୍ତର ଟ୍ରଷ୍ଟ ଫଣ୍ଡକୁ ଆସୁନାହିଁ। ଟ୍ରଷ୍ଟ ବୋର୍ଡ ଅଧୀନ ୧୪୬ ଏକର ଚାଷ ଜମିର ଆୟ ଏହି ମନ୍ଦିର ରୀତିନୀତି ସହ ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳସ୍ଥ ଲଛମନଜୀଉଙ୍କ ମନ୍ଦିର ପାଇଁ ପୃଥକ ଭାବେ ବିନିଯୋଗ ହେଉଛି। ୨.୨ ଏକରରେ ଶ୍ରୀଜୀଉଙ୍କ ଦେବସ୍ଥଳ, ୧୦ ଏକରରେ ରଥଦାଣ୍ଡ, ୨ ଏକର ଜମିରେ ଗୋରୁହାଟ (ଅବ୍ୟବହୃତ), ୮ ଏକରର ପୁଷ୍କରଣୀକୁ ବାଦ ଦେଲେ ୧୬୦ ଏକର ପତିତ ଜମିରୁ ଟଙ୍କାଟିଏ ଆୟ ହେଉନାହିଁ। ଶ୍ରୀଜୀଉଙ୍କ ନିଜ ଦଖଲରେ ଥିବା ୧୯୨.୮୬ ଏକର ଚାଷ ଜମିରୁ ମାତ୍ର ୩୫୦ ବସ୍ତା ଧାନ ଆଦାୟ ହେଉଛି। ଏବାବଦରେ ମିଳୁଥିବା ଆୟ ତୁଳନାରେ ସମସ୍ତ ସମ୍ପତ୍ତିର ଖଜଣା ଓ ଜଳକର ଢ଼େର ଅଧିକ ବୋଲି ସେ ମତ ଦେଇଛନ୍ତି। ବଳଦେବ ସେନା ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ଶ୍ରୀଜୀଉଙ୍କ ପତିତ ଜମି ଉଦ୍ଧାର ପାଇଁ ୨୦୦୭ରେ ତତ୍କାଳୀନ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଜମିକୁ ଜବରଦଖଲରୁ ମୁକ୍ତ କରିବା ପାଇଁ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ବୈଠକ ପରେ ମିଳିଥିଲା। ଏପରି ପଦକ୍ଷେପ ସତ୍ତ୍ୱେ ଦୀର୍ଘ ୧୮ ବର୍ଷ ହେଲା ଜମିକୁ ଜବରଦଖଲରୁ ମୁକ୍ତ କରାଯାଇ ପାରୁନାହିଁ। ଏଥିପାଇଁ ପ୍ରଶାସନର ଅସହଯୋଗ ଓ ଟ୍ରଷ୍ଟ ବୋର୍ଡର ଉଦାସୀନତା ଦାୟୀ ବୋଲି ବୁଦ୍ଧିଜୀବୀ ବେହେରା କ୍ଷୋଭର ସହ ପ୍ରକାଶ କରିଛନ୍ତି।

ସେବାୟତ ଗଗନ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ, ଶଶିକାନ୍ତ ସୁଆର ପ୍ରମୁଖ କହିଛନ୍ତି, ଦୈନନ୍ଦିନ ନୀତିକାନ୍ତି, ରଥ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ବାର୍ଷିକ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଶ୍ରୀଜୀଉଙ୍କ ରଥଦାଣ୍ଡ, ଭୋଗ ଓ ଦୀପ ଦୋକାନର ନିଲାମ ସହିତ ଶ୍ରଦ୍ଧାଳୁଙ୍କ ଦାନବାକ୍ସ ଏସବୁ ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ନୁହେଁ। ପୁରୀ ଶ୍ରୀକ୍ଷେତ୍ର ପରି ତୁଳସୀକ୍ଷେତ୍ରର ଗୁରୁତ୍ୱ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଯାହାଫଳରେ ଶ୍ରୀଜୀଉଙ୍କ ନୀତି ପରିଚାଳନା ସୁରୁଖୁରୁରେ ହୋଇପାରିବ। ଏସମ୍ପର୍କରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଉପଜିଲାପାଳ ଅରୁଣ କୁମାର ନାୟକ କହିଛନ୍ତି, ଜବରଦଖଲ ଜମିର ଉଦ୍ଧାର ପାଇଁ ପ୍ରକ୍ରିୟା ଜାରି ରହିଛି।



# ଅଚଳ ମହାପ୍ରୟାଣ ଗାଡ଼ିକୁ ନେଇ ଚିନ୍ତା

ନୟାଗଡ଼,୧୧।୫(ଲୋକନାଥ ମିଶ୍ର)

- ମରାମତିରେ ଖର୍ଚ୍ଚ ହେଲାଣି ୩ ଲକ୍ଷ ୨୦ ହଜାର
- ମୃତଦେହକୁ ବେସରକାରୀ ଆମ୍ବୁଲାନ୍ସ ଭରସା
- ମୃତକ ପରିବାର ଅଯଥାରେ ହେଉଛନ୍ତି ଖର୍ଚ୍ଚାନ୍ତ
- ଘରୋଇ ଆମ୍ବୁଲାନ୍ସ ଚାଳକ ନେଉଛନ୍ତି ମନଇଚ୍ଛା ଭଡ଼ା

ମୃତଦେହ ଘରେ ପହଞ୍ଚାଇବା ପାଇଁ ସରକାର ଯୋଗାଇଛନ୍ତି ମହାପ୍ରୟାଣ ଗାଡ଼ି ସେବା। ହେଲେ ନୟାଗଡ଼ ଜିଲାରେ ମହାପ୍ରୟାଣ ଗାଡ଼ି ଅଚଳ ହୋଇ ରହିଥିବାରୁ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇ ପାରୁ ନାହିଁ। ଅଚଳ ଗାଡ଼ିକୁ ସଚଳ କରିବାକୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୩ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ତେବେ ମହାପ୍ରୟାଣ ଗାଡ଼ି ସଚଳ ହେବାର ନାଁ ଧରୁନି। ପ୍ରଶ୍ନ ଉଠୁଛି ଯଦି ମହାପ୍ରୟାଣ ଗାଡ଼ି ସବୁବେଳେ ଖରାପ ତେବେ ମରାମତି କାହିଁକି କରାଯାଇ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅପବ୍ୟୟ କରିବାର କାରଣ ବୁଝାପଡୁନି। ଅପରପକ୍ଷେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ନେବା ବେଳକୁ ସବୁବେଳେ ମୃତକ ପରିବାର ଅଯଥା ଖର୍ଚ୍ଚାନ୍ତ ହୋଇ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ମୃତଦେହକୁ ନେବାକୁ ଘରୋଇ ଆମ୍ବୁଲାନ୍ସ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରି ରୋଗୀଙ୍କ ପରିବାରକୁ ଶୋଷୁଛନ୍ତି। ମହାପ୍ରୟାଣ ଗାଡି ସମ୍ପର୍କରେ ଜିଲା ପରିଷଦ ବୈଠକରେ ଉଠିଥିଲେ ମଧ ଏହାର ନିର୍ଯ୍ୟାସ ବାହାରି ପାରି ନ ଥିଲା। ଅପରପକ୍ଷେ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଥିଲେ ନୂଆ ପ୍ରୟାଣ ଗାଡି କିଣାଯିବାକୁ ମ୍ୟୁନିସିପାଲିଟି ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି। ଫଣ୍ଡସ୍ ଆସିଲେ ନୂଆ ଗାଡ଼ି କିଣାଯିବ। ଯଦି ଫଣ୍ଡସ୍ ନ ଆସେ ତେବେ ନିଜସ୍ୱ ଫଣ୍ଡରେ କିଣାଯିବାକୁ ବ୍ୟବସ୍ଥା କରାଯାଉଛି। ଅପରପକ୍ଷେ ପୁରୁଣା ଗାଡିକୁ ନୟାଗଡ ରୋଟାରୀ କ୍ଲବ୍‌କୁ ଦିଆଯିବାକୁ ଅନୁରୂପ ଭାବେ ପ୍ରସ୍ତାବ ଗୃହିତ ହୋଇଛି।

ପ୍ରକାଶଯେ, ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଲେଖାଏଁ ମହା ପ୍ରୟାଣ ଗାଡ଼ି ସରକାର ଯୋଗାଇ ଦେଇଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହାପ୍ରୟାଣ ଗାଡ଼ିର ତଦାରଖ ନୟାଗଡ଼ ମ୍ୟୁନିସିପାଲିଟି କରୁଛି। ତେବେ ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ ରହୁଛି। ମୃତ ଶରୀରକୁ ଘରକୁ ନେବାକୁ ମୃତକ ପରିବାର ମହାପ୍ରୟାଣ ଗାଡ଼ି ଡ୍ରାଇଭରଙ୍କୁ ଯୋଗାଯୋଗ କଲେ ଉତ୍ତର ମିଳୁଛି ଗାଡି ଖରାପ ଅଛି, ଘରୋଇ ଆମ୍ବୁଲାନ୍ସ ଦେଖନ୍ତୁ। ସବୁବେଳେ ଖରାପ ଖରାପ ଶୁଣି ଲୋକେ ଆଉ ମହା ପ୍ରୟାଣ ଗାଡି ଡ୍ରାଇଭରଙ୍କୁ ଯୋଗାଯୋଗ କରୁ ନାହାନ୍ତି। ଏନେଇ ଭାପୁରର ବେଣୁ ସାହୁ କୁହନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହେଲା। ରାତିରେ ମହାପ୍ରୟାଣ ଗାଡି ଡ୍ରାଇଭରଙ୍କ ସହ ଯୋଗାଯୋଗ ପରେ ଗାଡ଼ି ଖରାପ ଅଛି କହିଥିଲେ। ପରେ ସରକାରୀ ଦେୟ ଠାରୁ ଦୁଇ ଗୁଣା ଅଧିକ ଦେଇ ଘରୋଇ ଆମ୍ବୁଲାନ୍ସରେ ମୃତଦେହକୁ ନେବାକୁ ପଡିଲା। ଯଦି ମହା ପ୍ରୟାଣ ଗାଡି ସବୁବେଳେ ଖରାପ ଅଛି ତେବେ ସରକାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ମହାପ୍ରୟାଣ ଗାଡି ରଖି ଲାଭ କଣ ବୋଲି ପ୍ରଶ୍ନ କରିଛନ୍ତି। ଗଣିଆର ସତ୍ୟଭାମା ପ୍ରଧାନ, ରଣପୁରର ବିମଳା ନାୟକ, ଓଡ଼ଗାଁର ବିମଳ ସାହୁ, ଦଶପଲ୍ଲାର ମଧୁ ସାହୁ କୁହନ୍ତି ନୟାଗଡ଼ରେ ମହାପ୍ରୟାଣ ଗାଡିର ସେବା ମିଳୁନି। ଲୋକେ ମୃତଦେହ ଘରକୁ ଆଣିବାକୁ ସବୁବେଳେ ହଇରାଣ ହୋଇ ଆସୁଛନ୍ତି। ବେସରକାରୀ ମହାପ୍ରୟାଣ ଗାଡିର ଜୁଲମ ଉପରେ ଲଗାମ ସ୍ୱାସ୍ଥ୍ୟ ବିଭାଗ ଅଥବା ଜିଲାପାଳଙ୍କ ରହୁନି। ଏଣୁ ମୃତଦେହ ଘରକୁ ଆଣିବାରେ ସବୁବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ହଇରାଣ ହରକତ ହେବାକୁ ପଡୁଛି। ପ୍ରଶାସନ ପଦକ୍ଷେପ ନିହାତି ନେବା ଦରକାର। ନୂଆ ମହପ୍ରୟାଣ ଗାଡି କିଣାଯାଉ ନଚେତ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି।

# ଅପରେଶନ ସିନ୍ଦୂର ସଫଳତା ନେଇ ଉତ୍ସାହ



ଅପରେଶନ 'ସିନ୍ଦୂର'ର ସଫଳତା ନେଇ ବିଜେଡି ପକ୍ଷରୁ ଜାତୀୟ ପତାକା ପ୍ରଦର୍ଶନ କରାଯାଉଛି।

ଖଣ୍ଡପଡ଼ା,୧୧।୫(ଅଜୟ କୁମାର ମହାରଣା)

ଗତ କିଛି ବର୍ଷର ବ୍ୟବଧାନ ପରେ ଜମ୍ମୁ-କାଶ୍ମୀରରେ ପାକିସ୍ତାନ ଦ୍ୱାରା ସମର୍ଥିତ ଆତଙ୍କବାଦ ପୁଣି ତୀବ୍ର ହୋଇଛି। ଏପ୍ରିଲ ୨୨ ତାରିଖ ପହଲଗାମରେ ପର୍ଯ୍ୟଟକଙ୍କୁ ବର୍ବରୋଚିତ ହତ୍ୟା ଘଟଣା କଡା ଜବାବ ଦେଇଛି ଭାରତୀୟ ସେନା। ଅପରେଶନ ସିନ୍ଦୂର ଦ୍ୱାରା ପାକିସ୍ତାନ ଓ ଏହାର ଆତଙ୍କବାଦୀଙ୍କୁ ଭାରତୀୟ ସେନା ନିପାତ କରିବା ସହିତ ପରାକ୍ରମ ଦେଖାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ବିଜେଡି ପକ୍ଷରୁ ଭାରତୀୟ ସେନା ବାହିନୀକୁ ସମର୍ଥନ କରାଯାଇଥିବା ବେଳେ ସହୀଦ ହୋଇଥିବା ନିରୀହ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ସଭାପତି ବିଜୟ ତ୍ରିପାଠୀ, ସରପଞ୍ଚ ସଂଘ ସଭାପତି ଗୀତାଞ୍ଜଳି ଜେନା, ସମ୍ପାଦକ ସୁନୀଲ ପ୍ରଧାନ, ପ୍ରତିମା ଆଚାର୍ଯ୍ୟ, ଦୀପାଞ୍ଜଳି ମହାଁ, ଶ୍ରୀୟାରାଣୀ ବେହେରା, ପ୍ରତିମା ପ୍ରଧାନ, ସମିତି ସଭ୍ୟ ଅତଶୀ ବେହେରା, ପ୍ରଜ୍ଞାପରମିତା ପରିଡା, ସୁଲୋଚନା ଦାସ, ଯୁବ ନେତା ମନୋରଞ୍ଜନ ବେହେରା, ମାଧବ ଚନ୍ଦ୍ର ସାହୁ, ସୂର୍ଯ୍ୟମଣି ନାରାୟଣ ପ୍ରଧାନ, ମହେଶ୍ୱର ରାଉତ, ହେମନ୍ତ କୁମାର ନାୟକ, ଗୋପାଳକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ବୈଠକ

ଖଣ୍ଡପଡା,୧୧।୫(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ପଂଚାୟତ ଅଧିନ ମୁଣ୍ଡିଆ ହନୁମାନ କ୍ଷେତ୍ର ନିକଟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାର ପଦୋନ୍ନତି ବେଳେ ଓଟିଇଟି ବାଧ୍ୟତା ମୂଳକ, ବାଲବାଟିକା ପ୍ରଚଳନ, ଅନଲାଇନ ଉପସ୍ଥାନ ଏବଂ ଏନପିଏସ ବଦଳରେ ୟୁପିଏସ ପ୍ରଚଳନକୁ ବିରୋଧ କରାଯାଇଥିଲା । ରାଜ୍ୟ ସଂଘର ଆହ୍ୱାନକ୍ରମେ ରବିବାର ନୟାଗଡ ଜିଲ୍ଲା ଖଣ୍ଡପଡାରୁ ଏହି ପ୍ରତିବାଦର ସ୍ୱର ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ସାରା ଓଡିଶାରେ ଏଭଳି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ବୈଠକରେ ଅଲଓଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ପିଷ୍ଟା(ଏନପିଏସ) ସଭାପତି ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ସାଙ୍ଗଠନିକ ସଂପାଦିକା ଆଭାଲିନ ପରିଡା, ଉପ ସଭାପତି ଟୁନି ଦେଇ ପ୍ରମୁଖ ମଂଚାସୀନ ରହିବା ସହ ଶିକ୍ଷକ ସମାଜର ବିଭିନ୍ନ ସମସ୍ୟା ବାବଦରେ ସରଗରମ ଆଲୋଚନା ହୋଇଥିଲା । ଏ ଅବସରରେ ବ୍ଲକ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିବା ବେଳେ ସଭାପତି ଉଦୟନାଥ ଦାସ, ସଂପାଦକ ଅଜୟ କୁମାର ସେଠୀ, କୋଷାଧ୍ୟକ୍ଷ ରୋଶନ କୁମାର ସାହୁ, ସମୀକ୍ଷକ ବର୍ଷା ଦାସ, ମହାସଚିବ ପୁଷ୍ପଲତା ସ୍ୱାଇଁ, ଉପ ସଭାପତି ଗୋଲଖ ବିହାରୀ ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ସବିତା ଦଳେଇ ଓ ତ୍ରିନାଥ ପ୍ରଧାନ, ସହ ସଂପାଦକ ଭାବେ ରବିନ୍ଦ୍ର ବିଶ୍ୱାଳ, ବୈଷ୍ଣବ ନାୟକ ଓ ସନ୍ତୋଷ ସାହୁଙ୍କୁ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଶିକ୍ଷକ ବାଲୁରୀ ବାରିକ, ଭୋଳାନାଥ ନାୟକ, ପ୍ରକାଶ ପାଣିଗ୍ରାହୀ, ଉମାକାନ୍ତ ସାହୁ, ସଞ୍ଜୟ କୁମାର ବେହେରା, ଜନ୍ମେଜୟ ନାୟକ, ନାରାୟଣ ନାୟକ, ସୁଶାନ୍ତ ପଣ୍ଡା, ପ୍ରକାଶ ମଲିକ, ସଞ୍ଜୟ ନନ୍ଦ, ସନ୍ତୋଷ ସାହୁ, ଶରତ ବେହେରା ସ୍ଥାନ ପାଇଥିବା ବେଳେ ଜିଲା ପ୍ରତିନିଧି ଭାବେ ଫିରୋଜ କୁମାର ବେହେରା ଓ ପଞ୍ଚାନନ ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଥିବା ନେଇ ସୂଚନା ମିଳିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଋତୁପର୍ଣ୍ଣା



@ କବିତା



@ ଇପ୍‌ସିତା



@ ସଚ୍ଚିକାନ୍ତ



@ ଶୁଭାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାହାଡା ଓ ରାଜକିଆରି ଛକରେ ଫାଣ୍ଡି ନାହିଁ

ଖଣ୍ଡପଡା,୧୧।୫(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତର ବାହାଡା ଓ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକରେ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। ମାତ୍ର ଏଥିପ୍ରତି ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକଟି କଣ୍ଟିଲୋରୁ ଦଶପଲ୍ଲାକୁ ସଂଯୋଗ କରୁଥିବା ୪୮ନଂ. ରାଜ୍ୟ ରାଜପଥ ଉପରେ ଅବସ୍ଥିତ। ରାଜକିଆରୀ ଛକ ଠାରୁ ସିଧାମୂଳା ଗ୍ରାମର ମହାନଦୀ ସେତୁ ଦେଇ ସଡ଼କ ପଥରେ ଯାନବାହନ ଗୁଡିକ କଟକ, ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁର ଜିଲାକୁ ଯାତାୟତ କରୁଥିବା ବେଳେ ଅଧିକାଂଶ ସମୟରେ ଚୋର, ତସ୍କର ଓ ଲୁଟେରା ମାନେ ସିଧାମୂଳା ସେତୁ ଦେଇ ଆସି ରାଜକିଆରୀ ଛକରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ଘଟଣା ସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିବାର ନଜିର ରହିଛି । କଣ୍ଟିଲୋ ପୋଲିସ ନିଶାଦ୍ରବ୍ୟର କାରବାର, ବେଧଢ଼କ ଗୋରୁ ଚାଲାଣକୁ ରୋକିବାରେ କିଛିକାଂଶରେ ସଫଳ ହୋଇଥିବା ବେଳେ ରାଜକିଆରୀ ଛକରେ ଫାଣ୍ଡିଟିଏ ପ୍ରତିଷ୍ଠା ହେଲେ ସିଧାମୂଳା ପଞ୍ଚାୟତବାସୀ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।

# ମଦ ଭାଟି ଉପରେ ଚଢ଼ାଉ, ନଷ୍ଟ ହେଲା ପୋଚ

ଦଶପଲ୍ଲା,୧୧।୫( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅବକାରୀ ଥାନା ପକ୍ଷରୁ ସରିଗଣ୍ଡା ପଞ୍ଚାୟତର କୁଟିବାରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଲିଥିବା ମଦଭାଟି ଉପରେ ଚଢ଼ଉ କରାଯାଇ ବିପୁଳ ପରିମାଣର ପୋଚ ଜବତ କରାଯାଇଛି। ଚୋରା ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଖସି ଯାଇଥିଲେ। ମଦ ରନ୍ଧା ପାଇଁ ପ୍ରସ୍ତୁତ ହୋଇ ରହିଥିବା ୧୨ ଶହ ଲିଟର ପୋଚକୁ ନଷ୍ଟ କରି ଦିଆଯାଇଥିଲା। ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା ବୋଲି ଅବକାରୀ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ନୟାଗଡ଼ର ୪ ଛାତ୍ରୀଛାତ୍ର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ

ନୟାଗଡ଼,୧୧।୫(ଲୋକନାଥ ମିଶ୍ର)

ଓଡ଼ିଶା ଭାରତ ସ୍କାଉଟ ଗାଇଡ୍‌ର ରାଜ୍ୟ ପୁରସ୍କାର ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି ଯୋଗଦେଇ ନୟାଗଡ଼ ଜିଲର ୨ଜଣ କବ୍ ଓ ବୁଲ ବୁଲ ଏବଂ ୨ ଜଣ ସ୍କାଉଟ୍ ଓ ଗାଇଡ୍‌ଙ୍କୁ ପୁରସ୍କୃତ କରିଛନ୍ତି। କବ୍ ବିଭାଗରୁ କଳିଙ୍ଗ ଭାରତୀ ବିଦ୍ୟାନିକେତନ କନ୍ଧ ନୟାଗଡ଼ ରଣପୁରର ଛାତ୍ର ଆଶୁତୋଷ ପରିଡା, ବୁଲ ବୁଲ ତରଫରୁ କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳର ଛାତ୍ରୀ ପ୍ରୀତି ପ୍ରିୟଦର୍ଶନୀ ଥିବାବେଳେ ସ୍କାଉଟ୍ ତରଫରୁ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ାରୁ ସାଇ ପ୍ରସାଦ ସିଂ ସାମନ୍ତ ଓ ଗାଇଡ୍ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କ ଛାତ୍ରୀ ସ୍ୱପ୍ନାରାଣୀ ପ୍ରଧାନ ଅନୁରୂପ ଭାବେ ପୁରସ୍କୃତ ହୋଇଛନ୍ତି। ଏତଦ୍‌ବ୍ୟତୀତ ନୟାଗଡ଼ ଜିଲାରୁ କବ୍ ବୁଲବୁଲ ବିଭାଗରୁ ୯୭ଜଣ ଓ ସ୍କାଉଟ୍ ଗାଇଡ୍ ବିଭାଗରୁ ୭୮୮ଜଣ ଛାତ୍ରୀଛାତ୍ର ସାର୍ଟିଫିକେଟ ମଧ ପାଇଛନ୍ତି। ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେଙ୍କ ସହିତ ଆଇପି ଅନିଲ କୁମାର ଦାଶ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହଧର୍ମିଣୀ, ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ କ୍ରୀଡା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

# ଗୁଣ୍ଠୁଣି ଉଚ୍ଚ ବିଦ୍ୟାଳୟର ସଭାପତି ହେଲେ ବିଧାୟକ

ଖଣ୍ଡପଡ଼ା,୧୧।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ଗ୍ରାମସ୍ଥି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅନୁମୋଦନ କ୍ରମେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ବିଧାୟକଙ୍କୁ ଦାୟୀତ୍ୱ ହସ୍ତାନ୍ତର କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ବିଧାୟକଙ୍କ ସହଭାଗିତା ରହିବ ବୋଲି ଗୁଣ୍ଠୁଣି ପଞ୍ଚାୟତବାସୀ ଆଶା ବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ରାଉତଙ୍କ ଠାରୁ ପ୍ରକାଶ।

# ଚାଚେରି ଭୋଗ ଲାଗି ସମୟ ନିର୍ଘଣ୍ଟ

ଖଣ୍ଡପଡ଼ା,୧୧।୫
(ଅଜୟ କୁମାର ମହାରଣା)

ପବିତ୍ର ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଆରୁଢ ହୋଇ କଣ୍ଟିଲୋର ବିଭିନ୍ନ ସାହିକୁ ପରିକ୍ରମା କରି ଚାଚେରୀ ଭୋଗ ଖାଇବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଠାକୁରମାନେ କେଉଁ ସାହିକୁ କେଉଁ ଦିନ ବିଜେ ହୋଇ ଚାଚେରୀ ଭୋଗ ଖାଇବେ ସେଥିପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ରବିବାର ଠାକୁର ମନ୍ଦିରରୁ ବାହାରି ପ୍ରଥମେ ନୀଳମାଧବ ବିଦ୍ୟାପୀଠ, ଜଳ ସମ୍ପଦ କାର୍ଯ୍ୟାଳୟରେ ଚାଚେରୀ ଭୋଗ ଖାଇ ଚାପକୁ ବିଜେ ହୋଇଥିଲେ। ସୋମବାର ୟୁକୋ ବ୍ୟାଙ୍କ, ମେଡିକାଲ, ଫାଣ୍ଡି,ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ପରେ(ରାତି ଚାପ ପରେ) ବଟେଶ୍ୱରଙ୍କ ମନ୍ଦିରଠାରୁ କମାରସାହି(ଖୁଦବେହେରା ପାଟଣା)ପର୍ଯ୍ୟନ୍ତ ଠାକୁରଙ୍କ ଚାଚେରୀ ନୀତି ସମ୍ପନ୍ନ ହେବ। ସେହିପରି ୧୩ ତାରିଖ ମଙ୍ଗଳବାର ପୁରୁଣା ପ୍ରାଣୀ ଚିକିତ୍ସାଳନ୍ଦ୍ର ନିକଟରେ ଥିବା କେତେକ ବ୍ୟକ୍ତିଙ୍କ ଭୋଗଲାଗି ପରେ ରାତ୍ରି ଚାପ ସାରି ଉପରବଜାର ଓ ତଳ ବଜାର ପର୍ଯ୍ୟ'। ବୁଧବାର ୧୪ ତାରିଖରେ ଠାକୁର ରାତ୍ର ଚାପ ସଂପନ୍ନ କରି ପାଟଣା ବଡସାହି, ମୁଣ୍ଡିଆ ସାହି, ଚଷାସାହିରେ ଭୋଗ ଲାଗି ହୋଇ ମୁଣ୍ଡିଆସାହି ହନୁମାନ ମନ୍ଦିର ଠାରେ ଅବସ୍ଥାନ କରିବେ। ୧୫ ତାରିଖ ଗୁରୁବାରରେ ଠାକୁରଙ୍କ ବଲ୍ଲଭ ସମ୍ପନ୍ନ ପରେ ପାଟଣା ମଝିସାହି,ତଳସାହି ଓ ପଂଚାୟତ ଅଫିସରେ ଭୋଗଲାଗି ହୋଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ୧୬ ତାରିଖ ଶୁକ୍ରବାର ରାତି ଚାପ ପରେ ବଟେଶ୍ୱର ଠାକୁର ଦେଇ କଣ୍ଢେଇଶୁଣୀ ମନ୍ଦିର ଛକ ଠାରୁ ତଳ କମାର ସାହି ଭୋଗ ସଂପନ୍ନ କରି କୃଷ୍ଣେଶ୍ୱର ମନ୍ଦିର ନିକଟରେ ଠାକୁର ଅବସ୍ଥାନ କରିବେ। ୧୭ ତାରିଖ ଶନିବାର ସକାଳୁ ବଲ୍ଲଭ ସାରି ଗୌଡସାହି ଓ ଖ୍ୱାଇଁପଡା ଭୋଗ ସମ୍ପନ୍ନ ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ପରେ ରାତି ଚାପ ସମ୍ପନ୍ନ ହୋଇ କୃଷ୍ଣେଶ୍ୱର ପାଟଣା ଭୋଗ ଲାଗି ପରେ ରଘୁନାଥ ମନ୍ଦିର ଠାରେ ଠୁର ଅବସ୍ଥାନ କରିବେ। ୧୮ ତାରିଖ ରବିବାର ସକାଳୁ ଠାକୁରଙ୍କୁ ବଲ୍ଲଭ ଲାଗି ପରେ ରଘୁନାଥଙ୍କ ଠାରୁ ବାହାରି ହାଟମୁଣ୍ଡ ପାଟଣା ଠାରୁ ନୀଳମାଧବ ମନ୍ଦିର ଦକ୍ଷିଣ ଦ୍ୱାର ପର୍ଯ୍ୟ' ଚାଚେରୀ ଭୋଗ ଲାଗି ହୋଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ରାତ୍ରଚାପ ପରେ ପୁରୁଣା ୟୁକୋ ବ୍ୟାଙ୍କ ଠାରୁ କାଳିନ୍ଦୀ ମିଶ୍ରଙ୍କ ଘର ପର୍ଯ୍ୟନ୍ତ ଭୋଗଲାଗି ହୋଇ ନିକଟସ୍ଥ ହନୁମାନ ମନ୍ଦିରଠାରେ ଠାକୁର ଅବସ୍ଥାନ କରିବେ। ୧୯ ତରିଖ ସକାଳୁ ଠାକୁରଙ୍କ ବଲ୍ଲଭନୀତି ପରେ ହରି ଦାସଙ୍କ ସାହି ଠାରୁ କଣ୍ଢେଇଶୁଣି ଛକ ପର୍ଯ୍ୟନ୍ତ ଭୋଗ ଲାଗି ହୋଇ ମନ୍ଦିର ଫେରିବେ। ରାତ୍ରଚାପ ପରେ ଉପରସାହି ମାଧବ ଚୌଧୁରୀ ପାଟଣାରେ ଭୋଗ ଲାଗି ହୋଇ ରଘୁନାଥ ମନ୍ଦିର ଠାରେ ଅବସ୍ଥାନ କରିବେ। ୨୦ ତାରିଖ ସକାଳ ବଲ୍ଲଭ ନୀତି ପରେ ଠାକୁର ନରେନ୍ଦ୍ରପୁର ପାଟଣା, ଛାମୁପାଟଣା, ଫକୀର ଅତବୁଦ୍ଧିପାଟଣା ଭୋଗ ଶେଷ କରି ବ୍ରାହ୍ମଣ ସାହି ଠାକୁର ପରିକ୍ରମା କରି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତନ କରିବେ। ଉକ୍ତ ସନ୍ଧ୍ୟାରେ ଠାକୁର ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ସେବକସାହିର କିଛି ସେବାୟତଙ୍କ ଭୋଗଲାଗି ହୋଇ ଚାପକୁ ବିଜେ ହେବେ। ୧୮ ଚାପ ସଂପନ୍ନ କରି ପୁନର୍ବାର ବ୍ରାହ୍ମଣ ସାହିକୁ ଭୋଗଲାଗି ନିମର୍ତେ ବିଜେ ହୋଇ.ପୁଣି ଚାପକୁ ବିଜେ ହେବେ। ଠାକୁର ଏହିପରି ବିଭିନ୍ନ ସାହି ମାନଙ୍କରେ ତାଲିକାନୁଯାୟୀ ଚାଚେରି ଭୋଗ ସଂପନ୍ନ କରି ଠାକୁର ଚନ୍ଦନ ପୁଷ୍କରିଣୀରେ ଭଁଉରୀ ଚାପ ନୀତି ସଂପନ୍ନ କରି ପରଦିନ ୨୧ ତାରିଖ ବାସୀ ଭଉଁରୀରେ ଠାକୁର ଅପରାହ୍ନ ୫ଟା ସମୟରେ ବାହାରି ଗ୍ରାମ ପରିକ୍ରମା କରି ମନ୍ଦିର ଦକ୍ଷିଣ ଦ୍ୱାର ଠାରୁ ସତ୍ୟ ସୁନ୍ଦର ମିଶ୍ରଙ୍କଘର ପର୍ଯ୍ୟ' ଭୋଗଲାଗି ହୋଇ ଠାକୁର ମାନେ ସ୍ୱ ସ୍ୱ ମନ୍ଦିରକୁ ବାହୁଡା ବିଜେ କରିବେ ବୋଲି ବିଭଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ପୂର୍ବତନ ନଗରପାଳ ଭବାନୀ ଦାଶଙ୍କ ସ୍ମୃତିସଭା

ନୟାଗଡ଼,୧୧।୫(ଲୋକନାଥ ମିଶ୍ର)




ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।

ନୟାଗଡ଼ ରାଜନୀତିର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ବରିଷ୍ଠ ଖବରଦାତା, ସ୍ପଷ୍ଟବାଦୀ, ନିର୍ଭୀକ କ୍ରାନ୍ତିକାରୀ ବ୍ୟକ୍ତିତ୍ୱ ଥିଲେ ଭବାନୀ ଦାଶ। ନୟାଗଡ଼ ଏନଏସିର ନଗରପାଳ ଭାବେ ସେ ବିଭିନ୍ନ ବିକାଶମୂଳକ କାମ କରିଯାଇଛନ୍ତି ବୋଲି ତାଙ୍କ ପୁରୁଣା ସହରସ୍ଥିତ ବାସଭବନଠାରେ ଶନିବାର ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ଦାଶଙ୍କ ବଡପୁଅ ନାଗଭୂଷଣ ଦାଶ ଓ ସାନପୁଅ ନୀଳକଣ୍ଠ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ,ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ମାଧବ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବି ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ସିପିଆଇ(ଏମ)ନେତା ବିଶ୍ୱନାଥ ମହାପାତ୍ର, ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଓ ହୁସେନ ଖାଁ ପ୍ରମୁଖ ଯୋଗଦେଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ। ଏଥିସହିତ ସ୍ୱର୍ଗତ ଦାଶଙ୍କୁ ଜଣେ ଉତ୍ସର୍ଗୀକୃତ ରାଜନେତା ଭାବେ ଅଭିହିତ କରି ନୟାଗଡ଼ ଜିଲା ଗଠନରେ ତାଙ୍କର ଭୂମିକା ଥିଲା ବୋଲି ବକ୍ତାମାନେ କହିଥିଲେ। ସେ ନୟାଗଡ଼ର ଟାଣୁଆ ନେତା ସହ ପୂର୍ବତନ ମନ୍ତ୍ରୀ ଭାଗବତ ବେହେରାଙ୍କ ଅତ୍ୟନ୍ତ ଅନୁଗତ ବୋଲି ଅତିଥିମାନେ କହିଥିଲେ। ସେ ନୟାଗଡ଼ ଜିଲା ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ, ସାପ୍ତାହିକୀ ପତ୍ରିକା ସାଲାମୀର ସମ୍ପାଦକ ଥିଲେ। ଗତ ୨୯ ତାରିଖରେ ତାଙ୍କର ପରଲୋକ ହୋଇଥିଲା।

## ସଂକ୍ଷେପରେ

### ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କ ପରଲୋକ



ଧର୍ମଶାଳା,୧୧।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ କୁମାରୀ ପଞ୍ଚାୟତରେ ରହୁଥିବା ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବାବାଜୀ ଚରଣ ପରିଡ଼ା(୭୬)ଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ରବିବାର ତାଙ୍କ ମରଶରୀରକୁ ଜାରକା ବଜାର ପରିକ୍ରମା କରାଯାଇ କୁମାରୀକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ତାଙ୍କ ନିଜସ୍ୱ ଗ୍ରାମ ଅର୍ତିଆ-କୁସୁନପୁରକୁ ନିଆଯାଇ ସେଠାରେ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ସମ୍ବିତ୍ ପରିଡ଼ା ମୁଖାଗ୍ନି ଦେଇଥିଲେ। ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତର ଆର୍ତିଆ କୁସନପୁରଠାରେ ଜନ୍ମଗ୍ରହଣ କରିଥିବା ପରିଡ଼ା ବହୁଦିନ ହେଲା କିଡନୀ ରୋଗରେ ପୀଡ଼ିତ ଥିଲେ। ଷ୍ଟେଟ ବ୍ୟାଙ୍କରେ ଚାକିରି ଜୀବନ ଆରମ୍ଭ କରି ଶେଷରେ ଷ୍ଟେଟ୍‌ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖାରୁ ଅବସର ଗ୍ରହଣ କରିଥିଲେ। ପରେ ଆଧ୍ୟାତ୍ମିକ କାର୍ଯ୍ୟରେ ମନୋନିବେଶ କରିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଶ୍ୟାମସୁନ୍ଦର ମନ୍ଦିର ଓ ତୋରଣ ପ୍ରତିଷ୍ଠା କରିଥିଲେ। ପେନସନ ଅର୍ଥର ୧୦ ପ୍ରତିଶତ ଗରିବ ଛାତ୍ରୀଛାତ୍ରଙ୍କ ଶିକ୍ଷା ନିମନ୍ତେ ପ୍ରଦାନ କରୁଥିଲେ। ତାଙ୍କ ମୃତ୍ୟୁରେ କୁସନପୁର ଓ କୁମାରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷଦର୍ଶନ କରିଥିଲେ।

### ଟ୍ରକ୍ ବ୍ୟବସାୟୀଙ୍କ ମୃତ୍ୟୁ

ଯାଜପୁରରୋଡ୍,୧୧।୫ (ପବିତ୍ର ରଞ୍ଜନ ମହାନ୍ତି): କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଅନ୍ତର୍ଗତ ଛୋଟରାୟପୁର ଗ୍ରାମର ଟ୍ରକ୍ ବ୍ୟବସାୟୀ ଶରତ ଚନ୍ଦ୍ର ଜେନା(୫୪)ଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ



ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଭୋର ୪ଟାରେ ଶରତ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ଯାଜପୁରରୋଡ୍ ଟ୍ରକ ମାଲିକ ସଂଘ ସଭାପତି ଅମିୟ ବାରିକ, ସମ୍ପାଦକ ଦିଲୀପ ମଲ୍ଲିକଙ୍କ ସହ ବହୁ ଟ୍ରକ ମାଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପରେ ପାଣିକୋଇଲି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶରତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଅଢ଼େଇ ସାହିରେ ପାନୀୟ ଜଳ ସମସ୍ୟା

## ପାଣି ପାଇଁ ବିଦ୍ୟାଳୟ ନଳକୂପ ନିକଟରେ ମହିଳାଙ୍କ ଲମ୍ବାଧାଡ଼ି

ବିଞ୍ଝାରପୁର/ସିଂହପୁର,୧୧।୫(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ): ସାଧାରଣ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ପ୍ରତି ଗାଁକୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ସେଥିପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଉଛି। ହେଲେ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ତାର ସଫଳତା ଲୋକେ ପାଇ ପାରୁନାହାନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ୍ ଅଧୀନ ଜରି ପଞ୍ଚାୟତର ଅଢେଇ ସାହିରେ। ଏଠାରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ସାହି ଲୋକଙ୍କ କହିବା ଅନୁଯାୟୀ, ଏଠାରେ ଥିବା ଏକ ନଳକୂପ ଏକ ବର୍ଷ ହେବ ଖରାପ ହୋଇଯାଇଛି। ହେଲେ ନୂତନ ନଳକୂପ ସ୍ଥାପନ କରାଯାଉନାହିଁ। ଫଳରେ ପାନୀୟ ଜଳପାଇଁ ୨୦ ପରିବାର ହନ୍ତସନ୍ତ ହେଉଛନ୍ତି। ମହିଳାମାନେ ପାନୀୟ ଜଳ ପାଇଁ ଜରି ଅଢ଼େଇସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ବିଦ୍ୟାଳୟ ଫାଟକ ଖୋଲାଯିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରୁଛନ୍ତି। ଫାଟକ ଖୋଲିବା ପରେ ଧାଡ଼ି ଲଗାଇ ସେଠାରୁ ପାଣି ଆଣୁଛନ୍ତି। ବିଦ୍ୟାଳୟ ଛୁଟିଥିଲେ ପାନୀୟ ଜଳ ପାଇଁ ମହିଳାମାନଙ୍କୁ ତିନି କୋଷ ରାସ୍ତା ଯିବାକୁ ପଡୁଛି। ସେହିପରି ଅଞ୍ଚଳରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସରି ପାରୁନାହିଁ। ତେଣୁ ଜରି ଅଢ଼େଇ ସାହିକୁ ତୁରନ୍ତ ପାନୀୟ ଜଳ ଯୋଗାଣ କରିବାକୁ ମହିଳାମାନେ ଦାବି କରିଛନ୍ତି।



ପାଣି ପାଇଁ ମହିଳାମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଅପେକ୍ଷା କରିଛନ୍ତି।

# ବାଙ୍ଗରା-ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ

- ଯାତାୟାତ ବାଧାପ୍ରାପ୍ତ
- ଶୀଘ୍ର ମରାମତି ପାଇଁ ଜନସାଧାରଣଙ୍କ ଦାବି

ସିଂହପୁର,୧୧।୫ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଛକଠାରୁ ଠାକୁରାଣୀପାଳ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାରେ ଅସଂଖ୍ୟ ଗାଡ଼ ଯୋଗୁ ଯାତାୟାତ ପ୍ରଭାବିତ ହୋଇଛି। ଚାରିଚକିଆ ଯାନ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛି। ଯେକୌଣସି ସମୟରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତେବେ ଏହି ରାସ୍ତା ଦେଇ ଦୈନିକ ବହୁ ଲୋକ ଯାତାୟାତ କରୁଥିଲେ ମଧ୍ୟ ଏହାର ମରାମତି କରାଯାଉନାହିଁ। ଫଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ନଦୀବନ୍ଧ ରାସ୍ତା ମରାମତି କରିବାକୁ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଧଳଙ୍କ ସମେତ ବହୁ ଜନସାଧାରଣ ଦାବି କରିଛନ୍ତି।


ବାଙ୍ଗରା-ଖରସ୍ରୋତା ନଦୀବନ୍ଧ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

# ଉଦାସ ଆଶ୍ରମରେ ସାଧୁସନ୍ଥ ସମ୍ମିଳନୀ


ଉଦାସ ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅବସରରେ ଯୋଗଦେଇଥିବା ସାଧୁସନ୍ଥ।

ଚଣ୍ଡିଖୋଲ,୧୧।୫(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲରସ୍ଥିତ ଉଦାସ ଆଶ୍ରମ ପକ୍ଷରୁ ୫ ଦିବସୀୟ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ବାର୍ଷିକ ଉତ୍ସବ ଓ ସାଧୁ ସନ୍ଥ ସମ୍ମିଳନୀ ଆରମ୍ଭ ହୋଇଛି। ସତ୍ୟବ୍ରତ ସ୍ୱାଇଁ ଓ ସ୍ତ୍ରୀ ମଧୁସ୍ମିତା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜଙ୍କ ଉପଚାର ପୂଜା ସହିତ କଳସ ପୂଜା, ଗୁରୁ ପୂଜା ପରେ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ଚତୁର୍ଥ ଦିବସରେ ଆଶ୍ରମ ପରିସରରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉଦାସ ଆଶ୍ରମର ସ୍ୱାମୀ ଦିବ୍ୟଲୋଚନ ମହାରାଜ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସନାତନ ଧର୍ମର ସୁରକ୍ଷା ଓ ଗୁରୁ ପରମ୍ପରାକୁ ବଞ୍ଚାଇ ରଖି ଜନ ମାନସରେ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ସାଧୁସନ୍ଥଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସ୍ୱାମୀ ଉଦୟନନ୍ଦ ପର୍ବତ ମହାରାଜଙ୍କ ଅଧ୍ୟକ୍ଷତାରେ ସନ୍ଥ ଜ୍ଞାନାନନ୍ଦ ସରସ୍ୱତୀ, ବାବା ବିଶ୍ୱନାଥ ଦାସ, ବାବା ବୈକୁଣ୍ଠ ନାଥ, ଗିରିଜା ନନ୍ଦ ପର୍ବତ ମହାରାଜ, ପଣ୍ଡିତ ନୀଳକଣ୍ଠ ରାଉତ ଓ ଯୋଗଗୁରୁ ସାଗରିକା ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମାଧବାନନ୍ଦ ମହାପାତ୍ର, ରମେଶ ବିଶ୍ୱାଳ, ଶ୍ରୀକାନ୍ତ ପ୍ରହରାଜ, ଶିବପ୍ରସାଦ ସ୍ୱାଇଁ, ଅକ୍ଷୟ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ମହାନ୍ତି, ଅଜିତ ତ୍ରିପାଠୀ, ସସ୍ମିତା ମହାପାତ୍ର ଓ ଡାକ୍ତର ସୁଶାନ୍ତ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ। ଆଶ୍ରମର ସହକାରୀ ମହନ୍ତ ସ୍ୱାମୀ ପଦ୍ମଲୋଚନ, ବିଜୟ ପଣ୍ଡା, ସୁଧାଂଶୁ ଶେଖର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋମବାର ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ସୂଚନା ଦିଆଯାଇଥିଲା।

## କାମ କରୁଥିବାବେଳେ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା,୧୧।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଗ୍ରାମର ଜଣେ ଶ୍ରମିକଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଇନ୍ଦ୍ର ମଳିକ(୩୮)। ସ୍ଥାନୀୟ ଅଞ୍ଚଳରେ କାମ କରୁଥିବାବେଳେ ଇନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରି ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରଣାମ ଭାରତ, ସଲାମ ସେନାନୀ କାର୍ଯ୍ୟକ୍ରମ

ବରୀ,୧୧।୫(ମହେନ୍ଦ୍ର ସ୍ୱାଇଁ): ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ରବିବାର ସ୍ଥାନୀୟ ଚନ୍ଦନପୁରସ୍ଥିତ ଶୁକ୍ଳେଶ୍ୱର ମନ୍ଦିର ପରିସରରେ ପ୍ରଣାମ ଭାରତ, ସଲାମ ସେନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ଦୀପଦାନ କରି ଭାରତୀୟ ସୈନ୍ୟ ବାହିନୀର ମନୋବଳ ବୃଦ୍ଧି କରାଇଛନ୍ତି। ଏଥିସହିତ ପହଲଗାମ୍ ଗୁଳିକାଣ୍ଡରେ ନିହତ ହୋଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପାକିସ୍ତାନରେ ଆତଙ୍କବାଦୀ ଦମନ ପାଇଁ ଭାରତୀୟ ସେନା କରିଥିବା ଅପରେସନ ସିନ୍ଦୂରକୁ ପ୍ରଶଂସା କରାଯାଇଛି। ସିନ୍ଦୂରର ମୂଲ୍ୟ ପୁରୁଷ ଅପେକ୍ଷା ଜଣେ ମହିଳା ବୁଝି ପାରିଥାଏ ବୋଲି ପୂର୍ବତନ ବିଧାୟିକାଙ୍କ ସମେତ ଶତାଧିକ ମହିଳା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ା, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସୁଧାଂଶୁବାଳ ସାମଲ, ଡ. ନୃସିଂହ ଚରଣ ବେହେରା, ପ୍ରାକ୍ତନ ଶିକ୍ଷକ ଅଭିରାମ ମଲ୍ଲ, ଅନିରୁଦ୍ଧ ମଲ୍ଲ, ଶ୍ରୀକାନ୍ତ ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ ଶାନ୍ତି, ମନୋଜ ମଲ୍ଲ, ପୂର୍ବତନ ସରପଞ୍ଚ ରମାକାନ୍ତ ମଲିକ, ପ୍ରମୋଦ ଦାସ, ନୃସିଂହ ସ୍ୱାଇଁଙ୍କ ସମେତ ବହୁ ମହିଳା ଯୋଗଦେଇ ଭାରତ ମାତା କି ଜୟ, ବନ୍ଦେ ମାଆ ତରମ ସ୍ଲୋଗାନ ଦେଇ ଗାଁ ପରିଭ୍ରମଣ କରିବା ସହିତ ସମୂହ ଦୀପଦାନ କରିଥିଲେ।

# ମା'ଯଶୋଦା କଳା ପରିଷଦ ପକ୍ଷରୁ ମାତୃ ଦିବସ

ସିଂହପୁର,୧୧।୫ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଅଗ୍ରଣୀ ଅନୁଷ୍ଠାନ ମା'ଯଶୋଦା କଳା ପରିଷଦ ପକ୍ଷରୁ ରବିବାର ମାତୃ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଗୁରୁ ତଥା ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ଅନୁସୟା ଜେନାଙ୍କୁ ମାତୃଦିବସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗାୟିକା ବିଜୟିନୀ ଦାଶ, ପ୍ରତିମା ସାହୁ, ସାଇପ୍ରଭାଂଶୁ ନାୟକ, ପ୍ରିୟେଶ ପଣ୍ଡା, ଅଭିଗ୍ନା ନାୟକ, ଗୌରୀ ପାଢ଼ୀ, ସତ୍ୟଜିତ ସାହୁ, ଜେକେ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ମା'ମାନଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ବିଜୟିନୀ ଦାଶ ଧନ୍ୟବାଦ ଦେଇଥିଲେ।



ମାତୃ ଦିବସ ଅବସରରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

# ଧନପୁର ବାଦୀପାଲା ଉତ୍ସବ ଉଦ୍‌ଯାପିତ

ପାଣିକୋଇଲି,୧୧।୫(ବିକାଶ ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ଧନପୁର ଗ୍ରାମ ପାଲା ମଣ୍ଡପଠାରେ ସତ୍ୟନାରାୟଣ ପାଲା କମିଟି ପକ୍ଷରୁ ଚାଲିଥିବା ୧୫୭ତମ ବାଦୀପାଲା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବର ଶେଷ ଦିବସରେ ଖବରଦାତା ସୁବାସ ଧଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ସାମାଜିକ କର୍ମୀ ଶରତ ଚନ୍ଦ୍ର ଦାଶ, ଗାୟକ ଜ୍ଞାନଜ୍ୟୋତି ଶରତ କୁମାର ଦଳେଇ, ଗାୟକ ରସରାଜ ଅଜୟ କୁମାର ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ପାଲାରୁ ମିଳୁଥିବା ନୀତିଶିକ୍ଷା ଜୀବନରେ ପରିବର୍ତ୍ତନ ଆଣିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦୀପ ସ୍ୱାଇଁଙ୍କ ସଞ୍ଚାଳନାରେ ସମସ୍ତ ଅତିଥି ଓ ଗ୍ରାମ୍ୟ ମୁରବ ଶ୍ରୀଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିତ୍ୟାନନ୍ଦ ବାରିକ, ରବିନାରାୟଣ ମାଝୀ, ଦୟାନିଧି ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରା, ଅନିଲ ବୋଇତାଇ, ଯୋଗେନ୍ଦ୍ର ମାଝୀ, ପ୍ରଶାନ୍ତ ସାହୁ, ଗୋପୀନାଥ ପାଢ଼ୀ, ହୃଷୀକେଶ ବୋଇତାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ କୁମାର ମାଝୀ ଧନ୍ୟବାଦ ଦେଇଥିଲେ।


ଧନପୁର ବାଦୀପାଲା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।


**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**
Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal, SLNMCH, Koraput

OIPR-10121/11/0034/2526

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**
bbsrrandb03@yahoo.com
No.B-118

60Estg.No - Date -
Government of Odisha "e"-Procurement Notice No (05) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 14.05.2025 at 11.30 P.M. to 23.05.2025 at 5.30 P.M. |
| 8 | Last Date & Time for Receipt of bids in the Portal | 23.05.2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer BBSR (R&B) Division No.III, BBSR

OIPR-34089/11/0028/2526

**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**
No.656/NAC, Date : 08.05.2025
Email ID : karanjian.hud@ori.nic.in

"e" Procurement Notice
Bid Identification No.NAC-KJA-03/2025-26

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | "Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha | 68.40 | 68,400 | 10,000/- | "B" | 4 (four) Months |

2. Critical Dates :

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | Dt.09.05.2025 to dt.17.05.2025 up to 1.00 P.M. |
| (ii) | Last date & time of bidding on-line | : | Dt.17.05.2025 upto 1.00 P.M. |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | Dt.19.05.2025 during office hours |
| (iv) | Date & time of Opening of Bids | : | Dt.20.05.2025 at 11.00 A.M. |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer Karanjia N.A.C

OIPR-13119/11/0014/2526

# ପାଣିରେ ପଡ଼ିଲା ୧୪ ଲକ୍ଷ ଟଙ୍କା



ଜଙ୍ଗଲଘେରି ଗ୍ରାମର ସବୁଦିନିଆ ଫେବର ବ୍ଲକ ରାସ୍ତା ଭାଙ୍ଗିରୁଜି ଯାଇଛି।

- ଭାରିଯାନ ଯୋଗୁ ଭାଙ୍ଗିଲା ରାସ୍ତା
- ବର୍ଷାଋତୁରେ ବାଉଁଶ ଦୋଳାରେ ବୁହା ହେବେ ରୋଗୀ
- ଗ୍ରାମବାସୀଙ୍କ ଅଭିଯୋଗ ଶୁଣୁ ନାହାନ୍ତି ଠିକାଦାର

**ମହାକାଳପଡ଼ା, ୧୧।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଅନୁସୂଚିତ ଜନଜାତି ଗାଁର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ପରେ ବି ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ଘେରୀ ଶବରପଡ଼ା ଗାଁ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨ଟି ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲା। ହେଲେ କିଛି ମାସ ପରେ ଠିକାଦାର ଏକ ସେତୁ ନିର୍ମାଣ କାମ ପାଇଁ ଏକାଧିକ ବଡ଼ ଟ୍ରକରେ ମାଲ ପରିବହନ କରିଥିଲେ। ଫଳରେ ନବନିର୍ମିତ ରାସ୍ତା ଫାଟି ଆଁ କଲାଣି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତ ଜଙ୍ଗଲଘେରୀ ଗାଁ। ଏହି ଗାଁରେ ୩୦ ପରିବାର ଶବର ଲୋକେ ବସବାସ କରୁଥିବା ବେଳେ କାଦୁଅ ରାସ୍ତା ଯୋଗୁ ରୋଗୀଙ୍କୁ ବର୍ଷା ଋତୁରେ ବାଉଁଶ ଭାରାରେ ମେଡ଼ିକାଲ ନେବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ଆଜିକୁ ୪ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ବ୍ୟୟରେ ଫେବର ବ୍ଲକ୍ ଓ ୫ ଲକ୍ଷ ଟଙ୍କା ବ୍ୟୟରେ ମୋରମ ବିଛା ଯାଇ ରାସ୍ତା ସମତୁଲ କରାଯାଇଥିଲା। ଗତବର୍ଷ ବି ୪ ଲକ୍ଷ ଟଙ୍କା ବ୍ୟୟରେ ମୋରମ ବିଛା ଯାଇଥିଲା। ତେବେ ଏହି ଗ୍ରାମ ସଂଲଗ୍ନ ପେଟ ଛେଲା–ରାମଚଣ୍ଡି ଗଳିଆ ନଦୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ଟଙ୍କାରେ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ସେଥିପାଇଁ ସେହି ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ସେହି ରାସ୍ତାରେ ଗାତ ସୃଷ୍ଟି ହୋଇଛି। ବର୍ଷା ଋତୁ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ନ ହେଲେ ପୂର୍ବ ପରି ଏହି ଗ୍ରାମର ଗର୍ଭବତୀ ମହିଳା ଓ ଗୁରୁତର ରୋଗୀମାନେ ବାଉଁଶ ଭାରାରେ ମେଡ଼ିକାଲକୁ ଯିବେ ବୋଲି କହିଛନ୍ତି ଭରତ ଭକ୍ତା, ସୁଦନ ଭାକ୍ତା, ସପନ ଭକ୍ତା, ସୁଦର୍ଶନ ଭକ୍ତା, ଶଙ୍କର ଭକ୍ତା, ଲକ୍ଷ୍ମୀଧର ଭକ୍ତା ଓ ପଇଡ଼ ଭକ୍ତା ସମେତ ଗ୍ରାମବାସୀ। ବଡ଼ ଟ୍ରକ ଓ ହାଇୱା ଚଳାଚଳ ଯୋଗୁ ସେହି ରାସ୍ତା ଭାଙ୍ଗିରୁଜି ଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ଏ ସଂକ୍ରାନ୍ତରେ ସେହି ଠିକାସଂସ୍ଥାକୁ ଜଣାଇଥିଲେ। ହେଲେ ଠିକାଦାର ସେହି ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି କାମ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏଥିରେ ବିଳମ୍ବ ହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ଞାନେନ୍ଦୁ ଦାସଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଯୁବକ ମୃତ

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ରବିବାର ଡେରାବିଶ ବ୍ଲକ ଅନ୍ତର୍ଗତ କଟକ–ଚାନ୍ଦବାଲି ରାଜ୍ୟ ରାଜ୍ୟପଥର ଚାନ୍ଦୋଳ କଲେଜ ଛକ ନୁଆପଡା ନିକଟରେ ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମନ୍ତ କୁମାର ଓଝା (୨୭) ଓ ଆହତ ହେଲେ ବିକାଶ ବରାଳ(୨୭)। ଉଭୟ ମାହାଙ୍ଗା ଥାନା ଅର୍ନ୍ତଗତ ଚାହାପଡା ଗ୍ରାମର ବାସିନ୍ଦା। ଅପରାହ୍ନରେ ସୁମନ୍ତଙ୍କ ସମେତ ଅନ୍ୟ ଜଣେ ଯୁବକ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ଟାଟାଏସି ସହିତ ତାଙ୍କ ବାଇକ୍ର ମୁହାଁ ମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଜନସାଧାରଣ ଗୁରୁତର ଅବସ୍ଥାରେ ଯୁବକଦ୍ୱୟଙ୍କୁ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁମନ୍ତଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଅନ୍ୟ ଜଣେ ଯୁବକ ଚିକିତ୍ସିତ ହେଉଛନ୍ତି। ଡେରାବିଶ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

### ଅଜାଣେଶ୍ୱରଙ୍କ ପୀଠରେ ଗୀତା ଯଜ୍ଞ

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୋରିଷିଆ ଗ୍ରାମର ଶ୍ରୀ ଅଜାଣେଶ୍ୱର ବଟ ମହାପୁରୁଷଙ୍କ ପୀଠରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ଯଜ୍ଞର ଶୁଭାଦିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନିକଟସ୍ଥ ଲୁଣା ନଦୀରେ ପୂଜାର୍ଚ୍ଚନା କରାଯାଇ ୧୦୮ କଳସ ଶୋଭାଯାତ୍ରା ସହିତ ଯଜ୍ଞ ସ୍ଥଳରେ ଘଟସ୍ଥାପନା କରାଯାଇଥିଲା। ରବିବାର ପ୍ରାତଃ ସମୟରେ ଗୁରୁ ପୂଜା, ସୂର୍ଯ୍ୟପୂଜା, ଗୋପୂଜା ଓ ଘଟପୂଜା କରାଯିବା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇ ଯଜ୍ଞପୁରୁଷଙ୍କ ଆଶିଷ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୟାନିଧି ପତି ଓ ସୁବାସିନୀ ପତି କର୍ତ୍ତା ଓ କର୍ତ୍ତ୍ରୀର ଦାୟିତ୍ୱ ନିର୍ବାହ କରିଥିବା ବେଳେ ନରୋତ୍ତମ ନାୟକ, ଶୁଭେନ୍ଦୁ ନାୟକ, ସରୋଜ ନାୟକ, ରାଜୀବ ନାୟକ, ସଂଗ୍ରାମ କେଶରୀ ନାୟକ ଓ ଅନନ୍ତ କୁମାର ନାୟକଙ୍କ ସମେତ ସୋରିଷିଆ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଦରଜା ଗାଁର ଶତାୟୁ ବୃଦ୍ଧାଙ୍କ ପରଲୋକ



ଉମା ଦାଶ

**ରାଜକନିକା, ୧୧।୫ (ସଞ୍ଜୟ କୁମାର ଦାଶ)**

ଶନିବାର ଅପରାହ୍ନରେ ରାଜକନିକା ବ୍ଲକ ବାଦରଜା ଗାଁର ଶତାୟୁ ମହିଳା ଉମା ଦାଶଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ହୋଇଥିଲା। ତାଙ୍କ ୫ ଝିଅ ଜ୍ୱାଇଁ, ୧୪ ଜଣ ନାତି ନାତୁଣୀ, ୬ ଜଣ ଅଣ ନାତି ନାତୁଣୀ ଅଛନ୍ତି। ସେ ଗତକିଛି ବର୍ଷ ହେବ ଶଯ୍ୟାଶାୟୀ ଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମାପନ କରାଯାଇଛି। ଏକମାତ୍ର ପୁତ୍ର ଦୁଃଖିରାମ ମୁଖାଗ୍ନି ଦେଇଥିଲେ। ଉମା ଜଣେ କର୍ମ ନିପୁଣା, ସ୍ନେହୀ, ଦରଦୀ ଧର୍ମପ୍ରାଣ ମହିଳା ଥିଲେ। ତାଙ୍କର ବିୟୋଗରେ ଶୋକର ଛାୟା ଖେଳି ଯାଇଛି।

# ୭୮ ୟୁନିଟ ରକ୍ତ ସଂଗ୍ରହ କରାଗଲା

**ମାର୍ଶାଘାଇ, ୧୧।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ଖରାଦିନେ ରକ୍ତର ଅଭାବ ଓ ଥାଲାସେମିଆ ରୋଗୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବଡ଼ପାଳ ଜିକେ ବଜାର ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ କେନ୍ଦ୍ରୀୟ ରକ୍ତ ଭଣ୍ଡାରର କର୍ମଚାରୀମାନେ ଏଥିରେ ସାମିଲ ହୋଇ ରକ୍ତ ସଂଗ୍ରହ କରିଥିଲେ। ଗରଜଙ୍ଗା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଣବ କିଶୋର ସାମଲ ଏହି ଶିବିରକୁ ପରିଚାଳନା କରିଥିଲେ। ମୋଟ ୭୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସାହିଲ ସାମନ୍ତରାୟ, ଦିବ୍ୟଜ୍ୟୋତି ସାମଲ, ସରୋଜ ବେହେରା, ସତ୍ୟପ୍ରକାଶ ଦାସ, ବାସୁଦେବ ନାୟକ, ମନ୍ମଥ ନାଥ ସାହୁ, ଗାୟତ୍ରୀ ଦାସ, ପ୍ରିୟମ୍ବଦା ସାହାଣୀ, ରିନୀତି ଦାସ, ରଞ୍ଜନ ବେହେରା, ବୁଲୁ ମଲିକ, ସିପୁନ ବାରିକ, ପ୍ରଦୀପ ନାୟକ, ନଗେନ ଦାସ, ଯମୁନା ମଲିକ, ଦିପ୍ତିମୟୀ ପ୍ରଧାନଙ୍କ ସମେତ ୭୮ଜଣ ରକ୍ତଦାନ କରିଥିଲେ।



ଜଣେ ଯୁବତୀ ରକ୍ତଦାନ କରୁଛନ୍ତି।

# ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

- ସାଇବର କ୍ରାଇମ୍ ରୋକିବା ଉପରେ ଗୁରୁତ୍ୱ
- ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ

**ରାଜନଗର, ୧୧।୫ (ଭାସ୍କର ରାଉତରାୟ)**

ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖମାରସାହିସ୍ଥିତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଆଇସି ବିମଳ ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ କିପରି ସାଇବର କ୍ରାଇମ ବଢି ଚାଲିଛି, ଏପରି ଠକାମିରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଉପଯୁକ୍ତ ମାଧ୍ୟମ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଫୋନ କଲ ମାଧ୍ୟମରେ ଓଟିପି କାହାରିକୁ ନ ଦେବା, ଆଧାରକାର୍ଡ ଅପଡେଟ ନାଁରେ କାହାରିକୁ କୌଣସି ସୂଚନା ନ ଦେବା ଓ ବିଭିନ୍ନ ସରକାରୀ କାମ ନାଁରେ କିପରି ସାଇବର ଠକ ଠକେଇ କରୁଛନ୍ତି ସେ ନେଇ ବିଭିନ୍ନ ଉଦାହରଣ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶତାଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଦଳ ଯୋଗଦେଇ ରୋଗୀମାନଙ୍କ ଡାଇବେଟିସ, ହିମୋଗ୍ଲୋବିନ, ବ୍ଲଡ୍‌ପ୍ରେସର ଆଦି ପରୀକ୍ଷା କରାଯିବ ସହିତ ଉଚ୍ଚ ରକ୍ତଚାପ ରୋଗୀମାନଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ରୋଗୀମାନଙ୍କୁ ଚିକିତ୍ସା ଓ ବିଭିନ୍ନ ପରୀକ୍ଷା କରାଯିବା ସହିତ ମାଗଣା ଔଷଧ ବଣ୍ଟନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, ଅବସରପ୍ରାପ୍ତ ପଶୁ ପ୍ରାଣୀଧନ ଚିକିତ୍ସକ ରଘୁନାଥ ବେହେରା, ଶିକ୍ଷକ ଓମ୍ ପ୍ରକାଶ ବାରିକ, ଯୁବନେତା ସମୀର କୁମାର ବେହେରା, ଲକ୍ଷ୍ମଣ ସିଂହ, ସଞ୍ଜୟ କୁମାର ମହାନ୍ତି, ତପନ କୁମାର ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ।

# ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଜଣେ କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ନୃସିଂହନାଥ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଏହି ନାଟ୍ୟ ମହୋତ୍ସବକୁ ଖବରଦାତା ଜ୍ୟୋର୍ତିମୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଗ୍ରାମାଞ୍ଚଳ ଜନସାଧାରଣଙ୍କ କର୍ମମୟ ଜୀବନର କ୍ଲାନ୍ତ ଓ ଅବସାଦକୁ ଦୂର କରିବା ପାଇଁ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଡ୍ରାମାଟିକ କ୍ଲବର ସଭାପତି ସରୋଜକାନ୍ତ ପଲାଇଙ୍କ ସଭାପତିତ୍ୱରେ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବୋଧ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ବିଶିଷ୍ଟ ଚିତ୍ରଶିଳ୍ପୀ ଅଜୟ ପଣ୍ଡା ଓ ଶିକ୍ଷାବିତ୍ ପ୍ରତାପ କୁମାର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ 'ଜନମ ନେଇଛି କାନ୍ଦିବା ପାଇଁ' ଓ 'ଭାଇ ଭଉଣୀର ନୂଆ କାହାଣୀ' ନାଟକ ପରିବେଷଣ କରାଯାଇଥିଲା। ୨ ଦିନ ଧରି ଅନୁଷ୍ଠିତ ଏହି ନାଟ୍ୟ ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ବହୁ ଦର୍ଶକ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। ବଡ଼ସଲାରୋ ଓ ଡାଳିଜୀ ଗ୍ରାମର କଳାକାରମାନେ ଏହି ନାଟକ ପରିବେଷଣ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଦିନେଶ କୁମାର ପରିଡ଼ା, ସମ୍ପାଦକ ପ୍ରମୋଦ କୁମାର ସେଠୀ, ସହ ସମ୍ପାଦକ ଗୀତିରଞ୍ଜନ ପଲାଇ, କାଳିନ୍ଦୀ ବେହେରା, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ବାରିକ, ସଂଯୋଜକ ରାମଚନ୍ଦ୍ର ପଲାଇ, ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସନ୍ତୋଷ କୁମାର ସାମଲ, ହିମାଂଶୁ ଚନ୍ଦ୍ର ସ୍ୱାଇଁ, ଅମରେନ୍ଦ୍ର ଜେନା, ମନ୍ମଥ କୁମାର ପରିଡ଼ା, ପ୍ରଦୀପ୍ତ ବାରିକ, ସମରେନ୍ଦ୍ର ପରିଡ଼ା, ଉତ୍ତମ ପଲାଇ, ଅରବିନ୍ଦ ପରିଡ଼ା, ପ୍ରଦୀପ୍ତ ପଲାଇ, ପ୍ରଣବ ପରିଡ଼ା ଓ ସାରଦା ପରିଡ଼ାଙ୍କ ସମେତ କ୍ଲବର ସଦସ୍ୟମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅପରେଶନ ସିନ୍ଦୂର ପାଇଁ ଜନଶକ୍ତି ପାର୍ଟି ପକ୍ଷରୁ ପୂଜାର୍ଚ୍ଚନା

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ହନୁମାନଙ୍କ ମନ୍ଦିରରେ ଅପରେଶନ ସିନ୍ଦୂରର ସଫଳତା କାମନା କରି ଜନଶକ୍ତି ପାର୍ଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି। ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶ ପହଲଗାମ୍‌ରେ ଆତଙ୍କବାଦୀମାନେ ଯେଉଁ ବର୍ବରୋଚିତ କାଣ୍ଡ ଘଟାଇଛନ୍ତି ତାହାକୁ ଦୃଢ଼ ନିନ୍ଦା କରାଯିବା ସହିତ ଭାରତୀୟ ଯବାନମାନଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ସଭାପତି ଦାସ ଭାରତୀୟ ଯବାନମାନଙ୍କ ସଫଳତା କାମନା ପାଇଁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାବୁଲି ପଣ୍ଡା, ନାରାୟଣ ମଲିକ, ଗୌତମ ବେହେରା, ସୁବାସ ସାହୁ, କାର୍ତ୍ତିକ ସ୍ୱାଇଁ, ମହାଦେବ ସେନା ଅଧ୍ୟକ୍ଷ ଧନେଶ୍ୱର ଦାସ ଓ ଇଂ.ସମରେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ନୃସିଂହନାଥଙ୍କ ଜନ୍ମୋତ୍ସବ



ଚାନ୍ଦୋଳର ନୃସିଂହନାଥ।

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ରବିବାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳର ଆରାଧ୍ୟ ଶ୍ରୀନୃସିଂହନାଥଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ପ୍ରତ୍ୟୁଷରୁ ଶ୍ରୀନୃସିଂହନାଥଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁ ନୃସିଂହନାଥଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅଞ୍ଚଳର ମଙ୍ଗଳ ପାଇଁ ଶ୍ରୀନୃସିଂହନାଥଙ୍କ ଆଜ୍ଞାମାଳ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା, କର୍ତ୍ତ୍ରୀ ଭାବେ ବିରେନ୍ଦ୍ର ନାୟକ ଓ କଲ୍ୟାଣୀ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରଜନୀକାନ୍ତ ମହାନ୍ତି, ଅନ୍ନଦା ନାୟକ, ରତ୍ନାକର ନାୟକଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ସ୍ୱୟଂସିଦ୍ଧ ସମ୍ମାନ ସମାବର୍ତ୍ତନ ଉତ୍ସବ-୨୦୨୫



ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥି।

**ରାଜକନିକା, ୧୧।୫ (ସଞ୍ଜୟ କୁମାର ଦାଶ)**

ରାଜକନିକାର ସାମାଜିକ ଅନୁଷ୍ଠାନ ରାମନାରାୟଣ ନାୟକ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧ ପକ୍ଷରୁ ରବିବାର ଆୟତନ ଠାରେ ଦଶମବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପୂର୍ବତନ ପ୍ରଧାନ ଶିକ୍ଷକ ନବକିଶୋର ସୂତାରଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ପ୍ରଦୀପ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ମୁଖ୍ୟବକ୍ତା କଥାକାର ବିଜୟ ମଲ୍ଲ, ସମ୍ମାନିତ ଅତିଥି ଭାବେ ସଂଗୀତଜ୍ଞ ଶରତ ନାୟକ, ଡ.କେଦାର ନାଥ ବାରିକ, ଗୀତିକାର ପଞ୍ଚାନନ ନାୟକ ପ୍ରମୁଖ ଟ୍ରଷ୍ଟର ଆଭିମୁଖ୍ୟକୁ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ଏହି ସମାବର୍ତ୍ତନ ଉତ୍ସବର ମରୋଣତ୍ତର ଭାବେ ସଂଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କୁ ରାଜ୍ୟସ୍ତରୀୟ ରାମନାରାୟଣ ନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ଆୟତନର ପରିବେଶବିତ୍ ପ୍ରଫୁଲ୍ଲ ଧଳ, ସୁଶ୍ରୀ ସଙ୍ଗୀତା ପଲାଇ, ସୁଶ୍ରୀ ଆଦ୍ୟ ଅଭିଲିପସା, କ୍ରିକେଟର ଓମପ୍ରକାଶ ବାରିକ ପ୍ରମୁଖଙ୍କୁ ସ୍ୱୟଂସିଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସଞ୍ଚାଳକ ଶରତ କୁମାର ନାୟକ ପରିଚାଳନାରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବରେ ବହୁଲୋକ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ଆଉ ଶୁଭୁନାହିଁ କେନ୍ଦରାର ସ୍ୱର

**ଡେରାବିଶ, ୧୧।୫ (ବେବର୍ତ୍ତା ଅଜୟ ଦାସ)**

ଦିନେ ଗାଁ ଦାଣ୍ଡରେ ମୁଖରିତ ହେଉଥିଲେ କେନ୍ଦରାର ସ୍ୱର। ରାତି ପାହିଲେ ପୁରାଣ ବର୍ଣ୍ଣିତ ଗୀତକୁ ବୋଲି ହାତରେ କେନ୍ଦରା ଓ କାନ୍ଧରେ ଲାଉଥାଳ ଧରି ଯୋଗୀଟିଏ ସୁନ୍ଦର ସ୍ୱରରେ ଗୀତ ବୋଲି ଗାଁ ଦାଣ୍ଡକୁ ମୁଖରିତ କରୁଥିଲେ। ଗାଁର ମହିଳାମାନେ ଯୋଗୀଟିଏ ଦେଖିଲେ ଅତି ଭକ୍ତିର ସହ ଚାଉଳ, ପନିପରିବା ଓ ଟଙ୍କା ଲାଉଥାଳରେ ଦେଇଥାନ୍ତି। ପରିବାର ମଙ୍ଗଳ ମନାସୀ ଯୋଗୀ ଜଣକ ପୁର୍ନବାର ଚାଲିଯାନ୍ତି ନିକଟସ୍ଥ ଘରକୁ। ମାତ୍ର ଆଧୁନିକତାର ଚାକଚକ୍ୟ ଓ ଯୋଗୀ ପରିବାରର ନୂତନ ଯୁବପୀଢ଼ି ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରି କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ମନବଳାଇବା ସହ, କୌଳିକ ବୃତ୍ତିରୁ ଦୁରେଇ ଯାଉଥିବା ଏବେ ଦେଖିବାକୁ ମିଳୁଛି ବୋଲି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡ଼ା କହିଛନ୍ତି। ଏକ ଆଧ୍ୟତ୍ମିକ ଚେତନା ସାଧାରଣ ଜାଗ୍ରତ କରିବା ପାଇଁ ଏବଂ ସମାଜକୁ ସୁବ୍ୟବସ୍ଥିତ କରିବାରେ କେନ୍ଦରା ଗୀତ ଯଥେଷ୍ଟ ସହାୟକ ହେଉଥିଲା ବୋଲି ଶିଶୁ ସାହିତ୍ୟକ ସୁଶାନ୍ତ କୁମାର ପାତ୍ର କହିଛନ୍ତି। ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ନୀଳିକଣା ଗ୍ରାମର ଶଙ୍କର ନାଥ ନିଜର କୌଳିକ ବୃତ୍ତିକୁ ରକ୍ଷା କରିବା ପାଇଁ ଏବେ ବି ଗାଁ ଦାଣ୍ଡରେ କେନ୍ଦରା ବଜାଇ ସୁଲଳିତ କଣ୍ଠରେ ଭଜନ ଗାଇ ଘରକୁ ଘର ବୁଲୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ କହିଛନ୍ତି, ଲାଉଥାଳ ହେଉଛି ଶୁଭ ଥାଳ। ଏହି ଥାଳରେ ଚାଉଳ ଓ ଅନ୍ୟାନ୍ୟ ପନିପରିବା ଦାନ କଲେ ପରିବାର ମଙ୍ଗଳ ହୋଇଥାଏ। ଏଥି ସହିତ ସମାଜର କଲ୍ୟାଣ ପାଇଁ କେନ୍ଦରା ଗୀତ ବହୁ ପରିମାଣରେ ସହାୟକ ହୋଇଥାଏ। ପ୍ରାଚୀନ ସଂସ୍କୃତିର ନିର୍ଦ୍ଦେଶନ କେନ୍ଦରା ସଙ୍ଗୀତକୁ ପୁର୍ନଜୀବୀତ କରିବା ପାଇଁ ସରକାରୀସ୍ତରରେ ସବୁ ପ୍ରକାର ଉଦ୍ୟମ କରିବାକୁ ସାମାଜିକ କର୍ମୀ ଖଗେଶ୍ୱର ଲେଙ୍କା ଦାବି କରିଛନ୍ତି।



ଗାଁ ଦାଣ୍ଡରେ ଶଙ୍କର ନାଥ କେନ୍ଦେରା ବଜାଇ ଗୀତ ଗାଉଛନ୍ତି।

**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**

Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal, SLNMCH, Koraput

OIPR-10121/11/0034/2526

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**

bbsrrandb03@yahoo.com

No.B-118

60Estg.No - Date -

Government of Odisha "e"-Procurement Notice No (05) of 2025-26

Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 14.05.2025 at 11.30 P.M. to 23.05.2025 at 5.30 P.M. |
| 8 | Last Date & Time for Receipt of bids in the Portal | 23.05.2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in

**N.B: Subsequent corrigendum / addendum if required shall be available in the website as indicated above.**

Sd./- Superintending Engineer BBSR (R&B) Division No.III, BBSR

OIPR-34089/11/0028/2526

**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**

No.656/NAC, Date : 08.05.2025

Email ID : karanjian.hud@ori.nic.in

**"e" Procurement Notice**

**Bid Identification No.NAC-KJA-03/2025-26**

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | "Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha | 68.40 | 68,400 | 10,000/- | "B" | 4 (four) Months |

**2. Critical Dates :**

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | Dt.09.05.2025 to dt.17.05.2025 up to 1.00 P.M. |
| (ii) | Last date & time of bidding on-line | : | Dt.17.05.2025 upto 1.00 P.M. |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | Dt.19.05.2025 during office hours |
| (iv) | Date & time of Opening of Bids | : | Dt.20.05.2025 at 11.00 A.M. |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer Karanjia N.A.C

OIPR-13119/11/0014/2526

## କଳାକାର ଅଭିନୟ କର୍ମଶାଳା

ଜୟପୁର,୧୧।୫(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲ୍ ପରିସରରେ ସାଇ ଫିଲ୍ମ ପକ୍ଷରୁ କଳାକାର ଅଭିନୟର ଦିନିକିଆ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଅମର ମିଶ୍ର ଏହାକୁ ଆୟୋଜନ କରିଥିଲେ। ଉତ୍ସବରେ ଏସ୍‌ଆର ମଲ ମାଲିକ ସୁବାସ ରାଉତ, ସାଇଫିଲ୍ମ ପରାମର୍ଶଦାତ ଲାଲ ମୋହନ ମିଶ୍ର,କେଏଫଡିଏସ୍ ସଭାପତି ରବିନ୍ଦ୍ର କୁମାର ପାତ୍ର ଓ କଳାକାର ଗୋପାଳକୃଷ୍ଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅବିଭକ୍ତ କୋରାପୁଟ ଜିଲାର କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ସାଇ ଫିଲ୍ମର କବାଡିର ସଫଳତା ପରେ ମୁକ୍ତିଲାଭ କରିବାକୁ ଥିବା ଅନ୍ୟ ଏକ ଫିଲ୍ମର ନାଁ ପ୍ରୋଟେକ୍ଟ ଏସ୍‌ଏଫ ୦୦୮ ରଖାଯାଇଛି। ଏହି ଫିଲ୍ମର ଗୀତଗୁଡିକ ଜୟପୁର ବାହାରେ ଶୁଟିଂ କରାଯିବା ପାଇଁ ଯୋଜନା ରଖାଯାଇଛି। ଫିଲ୍ମ ଶୁଟିଂ ଜୟପୁର ସହରରେ ହେବ। କଳାକାରମାନେ ଷ୍ଟେଜ ରିଅଲସଲ କରିଥିଲେ। ସାଇ ଫିଲ୍ମ ପକ୍ଷରୁ ନିର୍ମାଣ ହେଉଥିବା ଫିଲ୍ମରେ ସ୍ଥାନୀୟ କଳାକାରଙ୍କୁ ସ୍ଥାନ ଦିଆଯାଉଛି। ଏଥିରେ କଳାକାର ଅଶୋକ ପାଢ଼ି, ଶିଶିର ଦାସ,ସୁଭଶ୍ରୀ ରଥ, ଜୟନ୍ତ ପଟ୍ଟନାୟକ, ବିଜୟା ପାଣିଗ୍ରାହୀ, ଶୁକ୍ଳା ରାଣୀ, ରାକେଶ ଭଟ୍ଟ ଓ ରବି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନ ଥିବାରୁ ସବୁ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

### କୁଟିକିଆ ପଞ୍ଚାୟତରୁ ସରୁକୋଇ ଗାଁ

■ ଗାଁକୁ ଗୃହ ନିର୍ମାଣ ସାମଗ୍ରୀ ଆଣି ନ ପାରି କରିପାରୁନାହାନ୍ତି ଆବାସ ଯୋଜନାରେ ଘର

ବାଲିଗୁଡା,୧୧।୫
(ସଞ୍ଜୟ କୁମାର ପାଣିଗ୍ରାହୀ)


ବିଡିଓଙ୍କୁ ରାସ୍ତା ସମ୍ପର୍କରେ ଜଣାଇବାକୁ ଆସିଥିବା ଗ୍ରାମବାସୀ।

କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ। କୁଟିକିଆ ପଞ୍ଚାୟତରୁ ସରୁକୋଇ ଗାଁକୁ ରାସ୍ତା ନାହିଁ। ଏନେଇ ବାଲିଗୁଡା ବିଡ଼ିଓଙ୍କୁ ଅଞ୍ଚଳବାସୀ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଗାଁରେ ଥିବା ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଗୃହ ଭାଙ୍ଗିରୁଜି ଗଲାଣି। ଲୋକଙ୍କୁ ଆବାସ ଯୋଜନାରେ ଘର ମିଳୁଛି ମାତ୍ର ସେମାନେଘର କରିପାରୁ ନାହାନ୍ତି। ରାସ୍ତା ନ ଥିବାରୁ ବାଲି, ପଥର ଓ ସିମେଣ୍ଟ ଆଣିବା କଷ୍ଟକର ହୋଇପଡୁଛି। ରୋଗୀ ମେଡିକାଲ ଆସିବରକୁ ମଧ୍ୟ ସମସ୍ୟା ଉପୁଜୁଛି ବୋଲି କୁଟିକିଆ ପଞ୍ଚାୟତ ସରୁକୋଇ ଗ୍ରାମର ୱାର୍ଡ଼ ମେମ୍ବର ସାଉଟି ମଲ୍ଲିକ, ଡିଆରାମ ମଲ୍ଲିକ, ରବିଚନ୍ଦ୍ର ମଲ୍ଲିକ, ଆନେଶ୍ୱର ମଲ୍ଲିକ ବାକେଡା ମଲ୍ଲିକ, ତାନି ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି। ରାସ୍ତା ନ ଥିବାରୁ ସରୁକୋଇ ବାସିନ୍ଦାଙ୍କ ପାଇଁ ଅପହଞ୍ଚ ରହିଛି ମୌଳିକ ସୁବିଧା। ପଞ୍ଚାୟତ ସଦର ମହକୁମାରୁ ମାତ୍ର ୫ କିଲୋମିଟର ରାସ୍ତା ଗଲେ ପଡେ ସରୁକୋଇ। ଗାଁରେ ରହନ୍ତି ୧୦୦ ଆଦିବାସୀ ପରିବାର। ପଞ୍ଚାୟତରେ ଠିକାଦାର ଓ ଅଫିସରଙ୍କୁ ସୁହାଇଲା ପରି ଅର୍ଥ ବିନିଯୋଗ ହେଉଛି। ଫଳରେ ସାଧାରଣ ଲୋକେ ଉପକୃତ ହେଉନାହାନ୍ତି। ଭୁବନେଶ୍ୱରରୁ ଅଧିକାରୀମାନେ ଜିଲାକୁ ଆସିଲେ ସେମାନେ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝୁନାହାନ୍ତି। ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ସମୀକ୍ଷା କରି ଚାଲିଯାଉଛନ୍ତି। କେବଳ ଗାଁକୁ ରାସ୍ତା ଅଭାବରେ ସୀମିତ ନାହିଁ ସମସ୍ୟା। ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛଇ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କାଳବୈଶାଖୀରେ ୨ ଦୋକାନ ଆଜବେଷ୍ଟସ୍ ଉଡ଼ିଲା

ନନ୍ଦପୁର,୧୧।୫
(ତୁଷାର କାନ୍ତ ମହାନ୍ତି)


କାଳ ବୈଶାଖୀରେ ଦୋକାନରୁ ଉଡ଼ିଯାଇଥିବା ଆଜବେଷ୍ଟସ୍ ।

କାଳ ବୈଶାଖୀ ପ୍ରଭାବରେ ରବିବାର ଅପରାହ୍ନରେ ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାକୁ ଲାଗିଥିବା ପାଛଲୁଙ୍ଗ ପଞ୍ଚାୟତ ଶୋଭାପୁଟ ଗ୍ରାମ ଛକରେ ଥିବା ଦୁଇ ମୋବାଇଲ ଓ ଚା ଜଳଖିଆ ଦୋକାନ ଗୃହର ଆଜବେଷ୍ଟସ୍ ଉଡ଼ି ଯାଇଛି। ମୋବାଇଲ ଦୋକାନ ଭିତରେ ବର୍ଷା ଜଳ ପଶି ଏକାଧିକ ନୂଆ ପୁରୁଣା ଫୋନ ଓ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଛି। ସେହିଭଳି ଚା ଜଳଖିଆ ଦୋକାନରେ ପାଣି ପଶି ପ୍ରସ୍ତୁତ ଖାଦ୍ୟ ଓ ଗଚ୍ଛିତ ଥିବା ସାମଗ୍ରୀ ନଷ୍ଟ ହୋଇଥିବା ମୋବାଇଲ ଦୋକାନୀ ରବୀନ୍ଦ୍ର ଖେମୁଣ୍ଡୁ ଓ ଚା ଜଳଖିଆ ଦୋକାନୀ ରାମନା ମୁଦୁଲି କହିଛନ୍ତି। ପାଡୁଆ ପଞ୍ଚାୟତର ରବୀନ୍ଦ୍ର ୧୬ କି.ମି.ଦୂର ଶୋଭାପୁଟ ଛକରେ ମୋବାଇଲ ଦୋକାନ କରିଥିଲେ। ସେହିଭଳି ରାମନା ଓ ତାଙ୍କ ସ୍ତ୍ରୀ ମିଥୁଲା ମିଶି ଚା ଜଳଖିଆ ଦୋକାନ ମାଧ୍ୟମରେ ପରିବାର ପ୍ରତିପୋଷଣ କରୁଥିଲେ। ଉଭୟଙ୍କ ସାମଗ୍ରୀ ନଷ୍ଟ ଯୋଗୁ ଆର୍ଥିକ କ୍ଷତି ହେବା ସହ ବର୍ତ୍ତମାନ ଆଜବେଷ୍ଟସ୍ ଉଡ଼ି ଯିବାରୁ ଦୋକାନ କେମିତି ଖୋଲିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଦୁଇ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଦିଆଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ପାଇ ନନ୍ଦପୁର ତହସିଲ ତରଫରୁ କୁଲାରସିଂ ରାଜସ୍ୱ ନିରୀକ୍ଷକ ପିଙ୍କୁ ବୁରୁଡିଙ୍କୁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି।

# ଆସିକାର ବିଭିନ୍ନ ସ୍ଥାନରେ ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ


ସୁନାମ୍ବ ସାହି ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା।

ଆସିକା ୧୧।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ତଥା ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ନୃସିଂହ ଠାକୁରଙ୍କ ମନ୍ଦିରରେ ରବିବାର ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛଇ। ଆସିକା ଏନଏସିର ସୁନାମ୍ବ ରଥଦାଣ୍ଡ ସାହିରେ ବିଜେ ଅଭୟ ନୃସିଂହ ଠାକୁରଙ୍କ ମନ୍ଦିରରେ ଭୋରରୁ ଦିନ ତମାମ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସକାଳୁ ଠାକୁରଙ୍କ ଦ୍ୱାରଫିଟା ନିତି, ଦ୍ୱାରପୂଜା, ରୋଷ, ହୋମ, ଅବକାଶ, ମଇଲମ, ତଡପ ଲାଗି ଓ ମଙ୍ଗଳଆଳତୀ ପରେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା । ମଧ୍ୟାହ୍ନରେ ବରୁଣ ପୂଜା, ସ୍ୱସ୍ତି ବାଚନ, ସଂକଳ୍ପ, ଗ୍ରହପୂଜା, ଜନ୍ମ ବିଧାନ, ଷୋଡଶ ଉପଚାର ପୂଜା, ଘୃତଯଜ୍ଞ, ଆରତି ହୋଇଥିଲା । ରାତିରେ ଠାକୁରଙ୍କ ବିଜେ ପ୍ରତିମାକୁ ନଗର ପରିକ୍ରମା କରାଯାଇଥିଲା । ସୋମବାର ଭୋରରୁ ମନ୍ଦିର ସମ୍ମୁଖରେ ନିର୍ମିତ ଏକ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ବିଜେ କରାଯାଇ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁ ଦର୍ଶନ କରିବେ। ସୋମବାର ରଥଦାଣ୍ଡ ସାହିରେ ପ୍ରହଲ୍ଲାଦ ନାଟକ ଏବଂ ମଙ୍ଗଳବାର ପୌରାଣିକ ନାଟକ ରାମାୟଣ ମଞ୍ଚସ୍ଥ ହେବ। ସେହିଭଳି ଆସିକା ବ୍ଲକର କାଳଷଣ୍ଢପୁର, ନଳବନ୍ତା, ଖଡଭାଗ, ଜୟପୁର, ବାବନପୁର, ନିରାଳ, ପଥରା ଆଦି ଗ୍ରାମରେ ନୃସିଂହ ଠାକୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମରେ ଏହି ଉତ୍ସବ ପାଳିତ ହୋଇଛି।

# ଗରିବ ବ୍ୟବସାୟୀଙ୍କ ପ୍ରତି ପ୍ରଶାସନ କଠୋର

ଫୁଲବାଣୀ, ୧୧।୫
(ରାକେଶ କୁମାର ରାଉତ)

### ବଡ଼ବଡ଼ିଆଙ୍କ କବ୍‌ଜାରେ ରାସ୍ତା

ଫୁଲବାଣୀ ସହରର ମୁଖ୍ୟ ରାସ୍ତା ଏବେ ବଡ ବଡିଆଙ୍କ କବଜାରେ ରହିଛଇ। ସହରର ପ୍ରମୁଖ ବ୍ୟବସାୟୀମାନେ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ପାଖାପାଖି ୫ ଫୁଟ ରାସ୍ତାକୁ ଅକ୍ତିଆର କରି ରଖିଛନ୍ତି। ଏଥିଯୋଗୁ ସନ୍ଧ୍ୟା ସମୟରେ ଗାଡି ପାର୍କିଂ କରିବାରେ ଅସୁବିଧା ହେଉଛି । ସ୍ଥାନ ଅଭାବରୁ ଗାଡି ରଖିଲେ, ପୋଲିସ ପିସିଆର ଭ୍ୟାନ ଆସି ଗାଡି ଉଠେଇବାକୁ କହୁଛି । ମାତ୍ର ବ୍ୟବସାୟୀ ମାଡି ବସିଥିବା ରାସ୍ତା ପୋଲିସ ନଜରକୁ ଆସୁନି। ଟ୍ରାଫିକ ସମସ୍ୟା ପାଇଁ ଫୁଟପାଥରେ ବସି ବ୍ୟବସାୟ କରୁଥିବା ଗରିବ ଲୋକଙ୍କୁ ଉଠାଯାଉଛି । ଫୁଲବାଣୀ ମୁଖ୍ୟ ସହରରେ ଏଭଳି ଅବସ୍ଥା ଦୀର୍ଘ ବର୍ଷ ଧରି ଲାଗିରହିଛି। ବାରମ୍ବାର ଜନସାଧାରଣ ଏ ନେଇ ପୌର ପରିଷଦ ନିକଟରେ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ କେତେ ଜଣ ସେମାନଙ୍କ ଗାଡି ପାର୍କିଂ କରି ରଖୁଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିଲେ ସୁଦ୍ଧା ପୋଲିସ ପ୍ରଶାସନ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହିଁ।

ସହରର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତା ପଟେ ବଡ ବଡ ଗଛ ରହିଛି। ସେହି ଛାଇରେ ଗରିବ ଲୋକେ ପରିବାପତ୍ର ଆଦି ଛୋଟ ମୋଟ ବ୍ୟବସାୟ କରି ପରିବାର ଚଳାଇ ଆସୁଥିଲେ। ଲୋକେ କିଛି ସମୟ ଛାଇରେ ଠିଆ ହେବା ସହ ସେମାନଙ୍କ ପାଖରୁ ସାମଗ୍ରୀ କିଣୁଥିଲେ । କିଛି ଦିନ ହେବ ପ୍ରଶାସନ ସେମାନଙ୍କୁ ସେଠାରୁ ଉଠାଇ ଦେଇଛଇ। ଫଳରେ ସମ୍ପୃକ୍ତ ବସାୟୀମାନେ ଆଉ ସେହି ଛାଇରେ ବସି ବ୍ୟବସାୟ କରି ପାରୁ ନାହାନ୍ତି। ପ୍ରଶାସନର ଏଭଳି କାର୍ଯ୍ୟକୁ ଗରିବ ଚାଷୀ ଓ ଉଠା ବ୍ୟବସାୟୀମାନେ ନାପସନ୍ଦ କରିଛନ୍ତି। ଯଦି ଆମକୁ ଉଠାଗଲା, ତାହାଲେ ସମସ୍ତଙ୍କ କ୍ଷେତ୍ରରେ ଏଭଳି ପଦକ୍ଷେପ ପ୍ରଶାସନ ଗ୍ରହଣ କରୁ ବୋଲି ସେମାନେ ଦାବି କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାସ୍ତାକଡ଼ରୁ ଉଠା ଦୋକାନୀଙ୍କୁ ହଟାଇଲା ପ୍ରଶାସନ


ପୌର କର୍ମଚାରୀମାନେ ଦୋକାନୀଙ୍କୁ ରାସ୍ତା କଡ଼ରୁ ଉଠାଉଛନ୍ତି।

ସେମିଳିଗୁଡା/ସୁନାବେଡା,୧୧।୫(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପ୍ରଶାସନ ପକ୍ଷରୁ ପୌରାଞ୍ଚଳ ଅଧୀନ ସେମିଳିଗୁଡା ସହର ଦେଇ ଯାଇଥିବା ରାଜ ରାସ୍ତା ଓ ନନ୍ଦପୁର ରାସ୍ତା କଡ଼ର ସମସ୍ତ ବ୍ୟବସାୟୀଙ୍କୁ ରବିବାର ହଟାଯାଇଛି। ଉଭୟ ରାସ୍ତା କଡ଼ରେ ଉଠା ଦୋକାନୀମାନେ ବ୍ୟବସାୟ କରିବା ଦ୍ୱାରା ରାସ୍ତା ସଂକୀର୍ଣ୍ଣ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ଦୋକାନୀଙ୍କୁ ହଟାଇଛି। କିଶୋର ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୌର କର୍ମଚାରୀ ପ୍ରକାଶ ବେନିଆ, ଶୁକଦେବ ପାତ୍ର, ତ୍ରିନାଥ ପରିଡ଼ା, ଦାମୋଦର ମହାନ୍ତି ଏବଂ ୱାଇ.ରମେଶ ପ୍ରମୁଖ ସାମିଲ ହୋଇଥିଲେ।

# ୧୯ରୁ ଯକ୍ଷ୍ମା ରୋଗୀ ଚିହ୍ନଟ ପାଇଁ ସର୍ଭେ


ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି ।

ଭଞ୍ଜନଗର,୧୧।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାରେ ଆସନ୍ତା ୧୯ ତାରିଖରୁ ପୁଣି ୧୦୦ ଦିନ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଚିହ୍ନଟ ପାଇଁ ସର୍ଭେ ହେବ। ଜଗନ୍ନାଥପ୍ରସାଦ ବ୍ଲକ ବରଗାଁ ସ୍ୱାସ୍ଥ୍ୟକେନ୍ଦ୍ର, ବେଲଗୁଣ୍ଠା ଏବଂ ଗୋବରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେ ନେଇ ଶନିବାର ପୃଥକ ଭାବେ ସମୀକ୍ଷା ହୋଇଥିଲା। ଆଲୋଚନାରେ ବରଗାଁ ମେଡିକାଲ ଅଫିସର ଡା. କଲ୍ୟାଣୀ ମହାପାତ୍ର, ବେଲଗୁଣ୍ଠା ମେଡିକାଲର ଡା. ସବିତା ବେହେରା, ଗୋବରା ମେଡିକାଲର ଡା. ବସନ୍ତ ସ୍ୱାଇଁ, ଗୋବରା କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଗା ପ୍ରସାଦ ପଟ୍ଟନାୟକ, ବେଲଗୁଣ୍ଠା ବିଡିଏମ ପବିତ୍ର କୁମାର ପାଣିଗ୍ରାହୀ, ସୁପରଭାଇଜର ଦୁର୍ଗା ପ୍ରସାଦ ପାତ୍ର ପ୍ରମୁଖ ଭାଗ ନେଇଥିଲେ। ଏହା ପୂର୍ବରୁ ଗତ ଡିସେମ୍ବର ୭ରୁ ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ଏହିଭଳି ୧୦୦ ଦିନ ସର୍ଭେ ହୋଇଥିଲା। ସର୍ଭେ ସରିବା ପରେ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସେତେବେଳର ସର୍ଭେ ସମୟରେ ଯେଉଁମାନେ ରହିଯାଇଛନ୍ତି ସେମାନଙ୍କୁ ପୁଣି ଚିହ୍ନଟ କରିବା ଲକ୍ଷ୍ୟ ରଖାଯାଇଛି। ସର୍ଭେ ସମୟରେ ରୋଗୀଙ୍କ ସମ୍ପର୍କୀୟ ଏବଂ ଦୁର୍ବଳ ଲୋକଙ୍କ କଫ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ଥଳେ ଏକ୍ସ-ରେ କରାଯିବ। ଏହାପରେ ଔଷଧ ବଣ୍ଟନ କରାଯିବ। ଏଥିସହ ସେମାନଙ୍କୁ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବ। ନିକ୍ଷ ମିତ୍ର ଭାବେ କିଛି ବଦାନ୍ୟ ବ୍ୟକ୍ତିଙ୍କୁ ବର୍ତ୍ତମାନ ଚୟନ କରାଯାଉଛି। ସେମାନଙ୍କ ଦାନ ଅର୍ଥରେ ରୋଗୀ ଙ୍କୁ ମାଗଣାରେ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଆଯିବ। ଜିଲାର ସମସ୍ତ ସରପଞ୍ଚଙ୍କୁ ନିକ୍ଷ ମିତ୍ର ଯୋଜନାରେ ସାମିଲ ହୋଇ ଜଣେ ଜଣେ ୫ ଜଣ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ ଅନୁରୋଧ କରାଯାଇଛି।

**SAHEED LAXMAN NAYAK MEDICAL COLLEGE & HOSPITAL, KORAPUT**

Walk-in-Interview for the post of Junior Residents on Contractual basis / deputation basis

**WALK-IN-INTERVIEW**

**No.E-82** : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on **14.05.2025 at 10.30 A.M.** in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. **www.slnmch.nic.in**

Sd./- Dean & Principal,
SLNMCH, Koraput

OIPR-10121/11/0034/2526

## ନାଗରିକ କଲ୍ୟାଣ ସଂଘ କାର୍ଯ୍ୟନିର୍ବାହୀ ବୈଠକ

ଜୟପୁର,୧୧।୫(ପବନ ପାଣିଗ୍ରାହୀ)

ଜୟପୁର ନାଗରିକ କମିଟି ଭବନରେ ବରିଷ୍ଠ ନାଗରିକ କଲ୍ୟାଣ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ମୀନକେତନ ଦାଶ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକଙ୍କ ଉନ୍ନତି ଓ ସେମାନଙ୍କ କଲ୍ୟାଣ ନେଇ ଆଲୋଚନା କରାଯାଇଥିଲା। କୋରାପୁଟ ଜିଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଦସ୍ୟ ଓ ଅନ୍ୟ ବରିଷ୍ଠ ନାଗରିକଙ୍କ ମଧ୍ୟରେ ସରକାରଙ୍କ ବାଧ୍ୟତାମୂଳକ ସୁବିଧା ବିଷୟରେ ସଚେତନତା ଆଣିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପାଧ୍ୟକ୍ଷ ସତ୍ୟବାନ ପଣ୍ଡା, ସମ୍ପାଦକ ଅଭିମନ୍ୟୁ ଭଟ୍ଟ ମିଶ୍ର, ଯୁଗ୍ମ ସମ୍ପାଦକ ନରସିଂହ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭୀମସେନ ଅଗ୍ରୱାଲ, ଜି.ଭି.ରାଓ, ନୀଳାଞ୍ଚଳ ପ୍ରଧାନ, ଯାଦବ ସୁବୁଦ୍ଧି, ପରାମର୍ଶଦାତା ଡ. ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କର୍ତ୍ତୃପକ୍ଷଙ୍କଠାରୁ ପଞ୍ଜୀକରଣ ପ୍ରମାଣପତ୍ର ପାଇବା ପରେ ଏହା ପ୍ରଥମ ବୈଠକ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III BHUBANESWAR**

bbsrrandb03@yahoo.com

No.B-118

60Estg.No - Date -

Government of Odisha "e"-Procurement Notice No (05) of 2025-26

Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **14.05.2025 at 11.30 P.M. to 23.05.2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23.05.2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in

**N.B: Subsequent corrigendum / addendum if required shall be available in the website as indicated above.**


Sd./- Superintending Engineer
BBSR (R&B) Division No.III, BBSR

OIPR-34089/11/0028/2526

# ଗଜପତି ଜିଲାର ୭ ବ୍ଲକରେ ନାହିଁ ନେଟ୍‌ୱର୍କ ସୁବିଧା

### ଟାୱାର ରହିଛି, କାର୍ଯ୍ୟକ୍ଷମ ହେଉନି

ପାରଳାଖେମୁଣ୍ଡି,୧୧।୫ (ଗିରିଧାରୀ ପରିଛା)


ଟେଲିଫୋନ ଟାୱାର।

ଭାରତ ଡିଜିଟାଲ ଇଣ୍ଡିଆ ସପ୍ନ ଦେଖୁଛି। ମାତ୍ର ଗଜପତି ଜିଲା ପରି ଆଦିବାସୀ ବହୁଳ ଅଞ୍ଚଳରେ ଲୋକେ ଇଣ୍ଟରନେଟ ସେବା ତ ଦୂରର କଥା, ମୋବାଇଲ ନେଟୱର୍କ ପାଇବାରୁ ବଞ୍ଚିତ ହୋଇରହିଛନ୍ତି। ଜିଲାରେ ଆଜି ମଧ୍ୟ ବହୁ ଅଞ୍ଚଳରେ ମୋବାଇଲ ଟାୱାର ନ ଥିବାର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାର ୭ଟି ବ୍ଲକର ଅନେକ ପଞ୍ଚାୟତ ସ୍ତରରେ ମଧ୍ୟ ସମାନ ଅବସ୍ଥା। ଗୁମ୍ମା,ଗୋସାଣି, ରାୟଗଡା, ମୋହନା, ଆର. ଉଦୟଗିରି, ନୂଆଗଡ ଓ କାଶୀନଗର ବ୍ଲକର ଅନେକ ପଞ୍ଚାୟତ ଅଞ୍ଚଳରେ ମୋବାଇଲ ଟାୱାର ରହିଛି କିନ୍ତୁ ଆଜି ପର୍ଯ୍ୟନ୍ତ ଟାୱାର କାର୍ଯ୍ୟକ୍ଷମ ହୋଇପାରିନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ଟାୱାରଗୁଡିକ ସ୍ଥାପନ ହୋଇଛି ସତ ମାତ୍ର କାର୍ଯ୍ୟକାରୀ ହେଉନି। ଏସମ୍ପର୍କରେ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅଞ୍ଚଳବାସୀ ଲିଖିତ ରୂପେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଲେଣି ଅଞ୍ଚଳବାସୀ। ଗତ ୨୦୧୭ ତିତିଲି ମହାବାତ୍ୟା ସମୟରେ ଯୋଗାଯୋଗର ସମସ୍ତ ସୁବିଧା ଯେତେବେଳେ ବନ୍ଦ ହୋଇଯାଇଥିଲା, ସେସମୟରେ ଜିଲାର ସବୁ ଅଞ୍ଚଳକୁ ନେଟୱର୍କ ସୁବିଧା ଯୋଗାଇ ଦେବାକୁ ପୂର୍ବତନ ରାଜ୍ୟସରକାର ଓ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**OFFICE OF THE NOTIFIED AREA COUNCIL, KARANJIA DIST. - MAYURBHANJ**

No.656/NAC, Date : 08.05.2025

Email ID : karanjian.hud@ori.nic.in

"e" Procurement Notice

Bid Identification No.NAC-KJA-03/2025-26

**No.C-292** : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | **"Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha** | **68.40** | **68,400** | **10,000/-** | **"B"** | **4 (four) Months** |

2. Critical Dates :

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | **Dt.09.05.2025 to dt.17.05.2025 up to 1.00 P.M.** |
| (ii) | Last date & time of bidding on-line | : | **Dt.17.05.2025 upto 1.00 P.M.** |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | **Dt.19.05.2025 during office hours** |
| (iv) | Date & time of Opening of Bids | : | **Dt.20.05.2025 at 11.00 A.M.** |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C

OIPR-13119/11/0014/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପିଙ୍କୁନି
ପରିବାରବର୍ଗ


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିବେଶ ପାଇଁ ବିକଳ୍ପ ଧାତୁ ରୁପା

ଭୁବନେଶ୍ୱର, ୧୧।୫(ଅନୁରାଧା ମହାରଣା)



ଗତ ବର୍ଷକ ମଧ୍ୟରେ ସୁନା ନିବେଶକମାନଙ୍କୁ ବହୁତ ଭଲ ରିଟର୍ନ ଦେଇଛି। ୨୦୨୩ ଅକ୍ଟୋବର ପରଠାରୁ ସୁନାର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ନିବେଶକମାନଙ୍କୁ ଭଲ ଲାଭ ଦେଇଛି। ଅନ୍ୟପକ୍ଷରେ, ରୁପା ମାତ୍ର ୧୫ ପ୍ରତିଶତ ବୃଦ୍ଧି ପାଇଛି। ମାତ୍ର ବିଶେଷଜ୍ଞମାନଙ୍କ କହିବାନୁସାରେ, କେବଳ ମୂଲ୍ୟ ଆଧାରରେ କୌଣସି ଧାତୁକୁ ଏକ ଭଲ ନିବେଶ ବିକଳ୍ପ ଭାବରେ ବିବେଚନା କରିବା ଠିକ୍ ହେବ ନାହିଁ। ଏକ ଅଧ୍ୟୟନ ଅନୁଯାୟୀ, ଯେତେବେଳେ ସୁନା ଏବଂ ରୁପାର ମୂଲ୍ୟରେ ଏକକାଳୀନ ବୃଦ୍ଧି ହୁଏ, ରୁପା ପ୍ରାୟତଃ ଅଧିକ ଲାଭ ଦେଇଥାଏ। ୨୦୦୮ ଡିସେମ୍ବରରୁ ୨୦୧୧ ଏପ୍ରିଲ ପର୍ଯ୍ୟନ୍ତ ରୁପା ମୂଲ୍ୟରେ ୩୫୩.୪ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ସୁନା ମୂଲ୍ୟ ସେହି ସମୟ ମଧ୍ୟରେ ମାତ୍ର ୭୮.୬ ପ୍ରତିଶତ ବୃଦ୍ଧି ପାଇଥିଲା। ଏକ ରିପୋର୍ଟରେ କୁହାଯାଇଛି ଯେ, ଗତ ୨୬ ବର୍ଷ ମଧ୍ୟରେ, ୧୦ଟି ଘଟଣା ଘଟିଛି ଯେଉଁଠାରେ ରୁପା ସୁନାକୁ ପଛରେ ପକାଇ ଦେଇଛି। ଏହାର ଅର୍ଥ ହେଉଛି ଯଦି ମୂଲ୍ୟବାନ ଧାତୁ ମୂଲ୍ୟ ମଜବୁତ ହୁଏ, ତେବେ ରୁପା ନିବେଶ ପାଇଁ ଅଧିକ ଲାଭଦାୟକ ପ୍ରମାଣିତ ହୋଇପାରେ। ସେହିପରି ସୁନା ଓ ରୁପା ଅନୁପାତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ। ଦୀର୍ଘଦିନ ଧରି ଏହି ଅନୁପାତ ହାରାହାରି ୭୦ ରହୁଥିବାବେଳେ ଏହି ଅନୁପାତ ବର୍ତ୍ତମାନ ୧୦୨ ପାଖାପାଖି ଅଛି। ଭବିଷ୍ୟତରେ ରୁପାର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ନଚେତ୍ ସୁନାର ମୂଲ୍ୟ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ଯଦି ସୁନା ଆଉନ୍ସ ପ୍ରତି ୩,୩୩୩ ଡଲାରରେ ସ୍ଥିର ରହେ ଏବଂ ଅନୁପାତ ୭୦କୁ ଫେରିଯାଏ, ତେବେ ରୁପାର ମୂଲ୍ୟ ୪୮ ଡଲାରକୁ ହ୍ରାସ ପାଇବ। ଏହି ଦୃଷ୍ଟିରୁ ରୁପା ବର୍ତ୍ତମାନ ଶସ୍ତା ମନେ ହେଉଛି ଏବଂ ଏହା ଆହୁରି ବୃଦ୍ଧି ପାଇବାର ସୁଯୋଗ ରହିଛି। ଅନ୍ୟପଟେ ରୁପାର ଚାହିଦା ଏବଂ ଯୋଗାଣ ମଧ୍ୟରେ ପାର୍ଥକ୍ୟ ଆଉ ଏକ କାରକ ଭାବେ ବିବେଚନା କରାଯାଉଛି। ୨୦୨୫ରେ ବିଶ୍ୱବ୍ୟାପୀ ରୁପାର ଚାହିଦା କ୍ରମାଗତ ପଞ୍ଚମ ବର୍ଷ ପାଇଁ ଯୋଗାଣକୁ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଏହି ବର୍ଷ ଚାହିଦା ୧.୦୫ ବିଲିୟନ ଆଉନ୍ସ ଯୋଗାଣ ତୁଳନାରେ ୧.୨୦ ବିଲିୟନ ଆଉନ୍ସ ହେବ ବୋଲି ଆଶା କରାଯାଉଛି। ରୁପାର ବଜାର ଆକାର ଛୋଟ, ତେଣୁ ଚାହିଦାରେ ସାମାନ୍ୟ ବୃଦ୍ଧି ମଧ୍ୟ ମୂଲ୍ୟକୁ ଶୀଘ୍ର ବୃଦ୍ଧି କରିପାରେ। ଏହି କାରଣରୁ ବିଶେଷଜ୍ଞମାନେ ରୁପା ପ୍ରତି ଆଶାବାଦୀ ଅଛନ୍ତି। ଯଦିଓ ରୁପାର ଶିଳ୍ପ ଚାହିଦା ନିରନ୍ତର ବୃଦ୍ଧି ପାଉଛି, ତଥାପି ନିବେଶ ଭାବରେ ଏଥିପ୍ରତି ନିବେଶକଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଏହି କାରଣରୁ ଏହାର ମୂଲ୍ୟ ବର୍ତ୍ତମାନ ସେହି ଅନୁପାତରେ ବୃଦ୍ଧି ହୋଇନାହିଁ। କିଛି ବର୍ଷ ପୂର୍ବେ ସୁନା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ରହିଥିଲା। ପରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବହୁ ପରିମାଣରେ ସୁନା କିଣିଲେ ଏବଂ ଏହାର ମୂଲ୍ୟକୁ ଏକ ନୂତନ ଗତି ଦେଲେ। ଯଦି ରୁପାକୁ ମଧ୍ୟ ସମାନ ସମର୍ଥନ ମିଳେ, ତେବେ ଏହା ମଧ୍ୟ ନିବେଶକଙ୍କ ପାଇଁ ଉତ୍କୃଷ୍ଟ ସାବ୍ୟସ୍ତ ହେବ।

# ପ୍ରୋ ଆକ୍ଟିଭ୍ ୱେର୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୧।୫

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରମୁଖ ଗାମେଣ୍ଟର୍ସ ବ୍ରାଣ୍ଡ 'ପ୍ରୋ ଆକ୍ଟିଭ୍ ୱେର୍'ର ଶୁଭାରମ୍ଭ ଶନିବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଆରାମ, ଶକ୍ତି ଏବଂ ଶୈଳୀକୁ ପାଳନ କରୁଥିବା କ୍ରୀଡ଼ା ଜଗତର ଏକ ନୂତନ ଓ ସାହସିକ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ପ୍ରୋ ଆକ୍ଟିଭ୍ ୱେର୍ ରେଞ୍ଜ ଗ୍ରାହକଙ୍କ ପ୍ରତ୍ୟେକ ପଦକ୍ଷେପକୁ ସଶକ୍ତ କରିବା ପାଇଁ ନିର୍ମିତ ହୋଇଛି। ଏପରିକି ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ନୂତନ ବ୍ରାଣ୍ଡରେ ଟିସ୍, ଟ୍ରାକ୍ସ ଏବଂ ସର୍ଟସର ଆକର୍ଷଣୀୟ ଓ ବହୁମୁଖୀ ଲାଇନ ଅପ୍ ସାମିଲ ରହିଛି। ସେହିପରି ଦେଶବ୍ୟାପୀ ୧୦୦ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର)ରେ ବ୍ରାଣ୍ଡର ପ୍ରାରମ୍ଭିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ଦେଶର ପ୍ରତ୍ୟେକ ଖାଦିମ୍ ଆଉଟ୍‌ଲେଟ୍‌କୁ ବିସ୍ତାର କରିବାର ଯୋଜନା ସହ ପ୍ରୋ ଆକ୍ଟିଭ୍ ୱେର୍ ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରିମିୟମ୍ ଆରାମଦାୟକ ସୁବିଧା ଉପଲବ୍ଧ କରାଇବାର ଆମର ପ୍ରତିଶ୍ରୁତି–ସହର ରାସ୍ତାରୁ ଛୋଟ ସହର ପର୍ଯ୍ୟନ୍ତ, ଶୀଘ୍ର ଉଠିବାଠାରୁ ବିଳମ୍ବିତ ରାତିରେ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ।

ଏ ସମ୍ପର୍କରେ ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରିତିକ ରୟ ବର୍ମନ କହିଛନ୍ତି, ଏହା କେବଳ ଏକ ଉତ୍ପାଦର ଶୁଭାରମ୍ଭ ନୁହେଁ, ଏକ ଆନ୍ଦୋଳନ। ପ୍ରତ୍ୟେକ ଭାରତୀୟଙ୍କ ହାତରେ ଏକ ଶକ୍ତିଶାଳୀ, ଷ୍ଟାଇଲିଶ୍ ଓ ପ୍ରତିଦିନର କାର୍ଯ୍ୟଦକ୍ଷତା ପୋଷାକ ପ୍ରଦାନ କରିବା ହେଉଛି ଆମର ମୂଳଲକ୍ଷ୍ୟ।


# ଭୁବନେଶ୍ୱରରେ ଦୁବାଇ ସିଟି କାର୍ନିଭାଲ ଉଦ୍‌ଘାଟିତ

**ଜନ୍ମଦିନ ଶୁଭେଚ୍ଛା**



ଅଂଶୁମାନ ମହାନ୍ତି (ଛୋଟୁ)
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସଙ୍ଗେସଙ୍ଗେ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ– ବାପା, ମା, ଜେଜେବାପା, ଜେଜେ ମା, ଅଜା, ଆଈ, ବଡ଼ବାପା, ବଡ଼ ମା, ସାନବଡ଼ ବାପା, ଅପା, ପିଉସୀ, ମାମୁ, ମାଇଁ, ଭାଇ, ଭଉଣୀ ଓ ବନ୍ଧୁ ପରିଜନ।
ଧ-୫୦୪

**Happy Birthday**



Krishnamayee Pati
(Pinkuni)
May Maa Tarini Bless you with much happiness, long life, good health and fulfill all your dreams in coming days. Wish you a very happy Birthday.
D-506

ଭୁବନେଶ୍ୱର, ୧୧।୫ (ଅଭୟ ଦାଶ)

ପ୍ରଥମ ଥର ପାଇଁ ଓଡ଼ିଶା ବଜାରରେ ଏକ ଭିନ୍ନ ଧରଣର ପ୍ରଦର୍ଶନୀ ତଥା ଦୁବାଇ ସିଟି କାର୍ନିଭାଲ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ଓ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି, ପିଲାମାନଙ୍କ ସହ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ଉଭୟ ରାଜ୍ୟ ଓ ସହରବାସୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ପ୍ରଦର୍ଶନୀରେ ମୋଟ ୧୨୦ ଟି ଷ୍ଟଲ ସାଙ୍ଗକୁ ସେଲ୍‌ଫି ଜୋନ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟାୱାର, ଲଣ୍ଡନ ବ୍ରିଜ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ଡିଜାଇନ କରାଯାଇଛି। ଏପରିକି ଆକର୍ଷଣୀୟ



ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ ଗହଣାରେଞ୍ଜ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ ଡ୍ୟାନ୍ସ, ଡ୍ରାଗନ ଟ୍ରେନ, ଟାୱାର, ନୌକା, ଟୋରା ଟୋରା) ସହିତ ଫନ୍ ଜୋନ ରହିଛି। ସେହିପରି ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ ଏବଂ କଞ୍ଜ୍ୟୁମର ଜୋନ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକ ଆଶା କରିଛନ୍ତି। ଅପରପକ୍ଷରେ ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ଥିଲାବେଳେ ସୁଲଭ ମୂଲ୍ୟରେ ଆଶାୟୀ ଉତ୍ପାଦ ଓ ସାମଗ୍ରୀ ପ୍ରଦର୍ଶନୀରେ ଉପଲବ୍ଧ ରହିଛି।

ଏ ନେଇ ଆର.ସି. ଗ୍ରୁପର ନିର୍ଦ୍ଦେଶକ ରୋହିତ ଚୌରାସିଆ କହିଥିଲେ, ଆମେ ଭାରତର ପ୍ରମୁଖ ସହରରେ ଏହି ପ୍ରଦର୍ଶନୀ ଦୀର୍ଘ ବର୍ଷ ହେବ କରି ଆସିଛୁ। ହେଲେ ପ୍ରଥମ ଥର ପାଇଁ ଓଡ଼ିଶା ବଜାର (ଭୁବନେଶ୍ୱର)କୁ ଆମେ ଆସି ବେଶ୍ ଉତ୍ସାହିତ ଅଛୁ। ଏଠାକାର ଦର୍ଶକ ଓ ଗ୍ରାହକମାନେ ମଧ୍ୟ ବେଶ୍ ଆନନ୍ଦିତ ଏବଂ ଦୁବାଇ ଭଳି ସହରର ଅନୁଭୂତି ଏହି ପ୍ରଦର୍ଶନୀ ଜରିଆରେ ଅନୁଭବ କରିପାରିଛନ୍ତି। ଏଭଳି ଏକ ଥିମ୍ (ଦୁବାଇ ସିଟି କାର୍ନିଭାଲ) ଉଭୟ ଗ୍ରାହକ ଓ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଆମର ଆଶା ରହିଛି।

# ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ

ଭୁବନେଶ୍ୱର, ୧୧।୫
(ଅନୁରାଧା ମହାରଣା)

ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ



ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍‌ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

**Classified Everyday**
0674-2580101, 9692975378

**REAL ESTATE**

**SALE**

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan. D-499

**Healthcare**

Relax, Refresh your body, mind at Saikrupa SPA with best therapies. 7848011468. D-363

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 07.04.2025, I, Kapil Prasada Routa, S/o- Gajendra Routa, resident At/P.O.- Benupur, P.S.- Balianta, Dist.- Khurda, PIN- 752101, declare that I have changed my name from Kapil Prasad Rout (old name) to Kapil Prasada Routa (new name). Henceforth, I shall be known as Kapil Prasad Routa for all purposes. D-502

By virtue of an affidavit sworn before Executive Magistrate, Puri dated- 09.05.2025. I, Rakesh Mishra, Address: At- Goudabad Sahi, P.O.- Puri, P.S.- Puri Town, Dist.- Puri, PIN-752001, Odisha declare that I have changed my daughter name from ARADHYA MISHRA (old name) to ADYASHA MISHRA (new name). Henceforth, she shall be known as ADYASHA MISHRA (new name) for all purposes. D-508

**ମନେ ପଡ଼ନ୍ତି**

୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରମାମଣୀ ମହାପାତ୍ର
ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ: ବୈଶାଖ ପୂର୍ଣ୍ଣିମା ୨୦୦୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୦୭

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



୰ରଜନୀ କାନ୍ତ ମହାପାତ୍ର
ପ୍ଲଟ୍ ନଂ.- ୫, ଶକ୍ତିନଗର, କଟକ,
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)
ଆଜକୁ ୧୭ବର୍ଷ ହୋଇଗଲା ତୁମେ ଆମକୁ ଛାଡ଼ିଯାଇଛ ବୋଲି ବିଶ୍ୱାସ ହେଉନାହିଁ। ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୬୧

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବାସନ୍ତୀ ତ୍ରିପାଠୀ
ହାଉସ୍ ନଂ-୧୬, ରତ୍ନାକର ବାଗ୍-୧, ଟଙ୍କପାଣି ରୋଡ୍ ଭୁବନେଶ୍ୱର- ୭୫୧୦୧୮
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୫୧୦

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୋନାଟାର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୧।୫

ସୋନାଟାର ନୂତନ ଉତ୍ପାଦ ତଥା ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ ଏକ ଷ୍ଟାଇଲିସ୍ ହାତଘଣ୍ଟା ସମ୍ଭାର 'ସୋନାଟା ଗୋଲ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସମ୍ଭାରରେ ରହିଥିବା ପ୍ରତିଟି ହାତଘଣ୍ଟାରେ ଏକ ଅସଲି ୦.୧୫ ଗ୍ରାମ୍‌ର ୨୨ କ୍ୟାରେଟ୍ ତନିସ୍କ ସୁନା କଏନ୍ ରହିଛି, ଯାହାକୁ ଡାଏଲ୍‌ରେ ଯୋଡ଼ାଯାଇଛି। ସେହିଭଳି ସ୍ଲିକ୍ ଡିଜାଇନ୍ କେସ୍‌ଠାରୁ ଆରମ୍ଭକରି ହାଇ ପଲିସ୍ ବ୍ଲାକ୍ ଡାଏଲ୍ ସହ ଯୋଡ଼ି ହୋଇଥିବା ସୁନା କଏନ୍ ଏବଂ ଏକ ଅସଲି ଚମଡ଼ା ଫିତା ଯାହା ସମ୍ଭ୍ରାନ୍ତର ଭାବ ପ୍ରଦାନ କରୁଛି। ସୋନାଟାର ବ୍ରାଣ୍ଡ ହେଡ ପ୍ରତୀକ ଗୁପ୍ତା କହିଛନ୍ତି, ସୋନାଟା ଗୋଲ୍ଡ କେବଳ ଏକ ହାତଘଣ୍ଟା ନୁହେଁ, ଏହା ହେଉଛି ଏକ ଅନୁଭୂତି। ଆମେ ଏଭଳି କିଛି ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ପ୍ରିମିୟମ୍ ଅନୁଭବ ଦେବ ତଥା ଧାରା ଅନୁସାରେ ମଧ୍ୟ ଅସୀମ ହୋଇପାରିବ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ସେବିକାମାନଙ୍କ ସୁସ୍ଥତା-ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ



ଡା. ରାମଚନ୍ଦ୍ର ରାଉତ

''ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ସେବିକା ଦିବସ' (ଇଣ୍ଟରନ୍ୟାଶନାଲ ନର୍ସେସ୍ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର।''



ଆଜି ଅନ୍ତର୍ଜାତୀୟ ସେବିକା ଦିବସ

ଦେହ ଖରାପ ହେଲେ ଆମ୍ଭମାନଙ୍କର ଡାକ୍ତର ଏବଂ ନର୍ସଙ୍କ କଥା ମନେପଡ଼େ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସ ବା ସେବିକାମାନେ ହେଉଛନ୍ତି ସର୍ବବୃହତ କାର୍ଯ୍ୟଶକ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ସଂଖ୍ୟା ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ବହୁତ ଅଧିକ। ବିଶ୍ୱରେ ପାଖାପାଖି ୩କୋଟି ନର୍ସ କାର୍ଯ୍ୟରତ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ପ୍ରାୟ ୪୫ ଲକ୍ଷ କମ୍ ଥିବା ଜଣାଯାଏ। ସେହିପରି ଆମ ଦେଶରେ ପ୍ରାୟ ୩୩ ଲକ୍ଷ ୪୦ ହଜାର ନର୍ସ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ଯଥେଷ୍ଟ କମ୍। କାରଣ ପ୍ରତି ୧୦୦୦ ବ୍ୟକ୍ତିଙ୍କ ପାଇଁ ଏହି ସଂଖ୍ୟା ୩ ହୋଇଥିବା ବେଳେ ଆମ ଦେଶରେ ଏହା ୧.୯ ରହିଛି। ସେହିପରି ଆମ ରାଜ୍ୟରେ ନର୍ସିଂ ଅଫିସର ଓ ପରବର୍ତ୍ତୀ ପଦବୀର ସଂଖ୍ୟା ପାଖାପାଖି ୨୯୦୦୦ ହୋଇଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀର ପାଖାପାଖି ୧୬,୦୦୦ ଅଛନ୍ତି।

ଡାକ୍ତରମାନେ ରୋଗୀଙ୍କ ପାଖରେ ସବୁ ସମୟରେ ରହୁ ନ ଥିବା ବେଳେ ପ୍ରତ୍ୟେକ ରୋଗୀ ପାଇଁ ନର୍ସମାନେ ସବୁ ସମୟରେ ୱାର୍ଡରେ କାର୍ଯ୍ୟ କରୁଥାଆନ୍ତି। ଛଅ ଗୋଟି ବେଡ୍ ନିମନ୍ତେ ଗୋଟିଏ ଶିଫ୍ଟ ପାଇଁ ଗୋଟିଏ ନର୍ସ, ବିଶେଷ ଦୁଇଟି ଶଯ୍ୟା ପାଇଁ ଜଣେ ଏବଂ ସ୍ଥଳ ବିଶେଷରେ ଆଇସିୟୁ/ଭେଣ୍ଟିଲେଟର ସ୍ଥାନରେ ଗୋଟିଏ ଶଯ୍ୟା ପାଇଁ ଜଣେ ନର୍ସ ଆବଶ୍ୟକ ହୋଇଥାଏ। ବିଶେଷ ତାଲିମପ୍ରାପ୍ତ ନର୍ସମାନେ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ହାର୍ଟ, ବ୍ରେନ୍, କିଡ୍ନୀ, ଚକ୍ଷୁ ଓ ଅନ୍ୟାନ୍ୟ ଅଙ୍ଗର ଅପରେଶନରେ ଡାକ୍ତରମାନଙ୍କୁ ସହାୟତା କରିଥାଆନ୍ତି। ଡାକ୍ତରମାନେ ବିଧାନ କରିଥିବା ଚିକିତ୍ସା, ସାଲାଇନ୍, ଇଞ୍ଜେକ୍ସନ, ନେବୁଲାଇଜେଶନ, ଫିଡ଼ିଂ, ଆସ୍ପିରେଶନ ଏବଂ ଆଭି କ୍ୟାନୁଲା ଆଦି ଅନେକ କାର୍ଯ୍ୟ ସେମାନେ କରିଥାଆନ୍ତି। ଡାକ୍ତରମାନଙ୍କର ନିର୍ଦ୍ଦେଶ ଅନୁସାରେ ସେମାନେ ସମୟ ମୁତାବକ ଔଷଧ ମଧ୍ୟ ରୋଗୀଙ୍କୁ ଖୁଆଇ ଥାଆନ୍ତି।

ଏଏନ୍ଏମ୍ମାନେ ପ୍ରାଥମିକ ସ୍ତରରେ ରୋଗ ନ ହେବା ପାଇଁ ଓ ମା'-ଶିଶୁଙ୍କର ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ କରିଥାଆନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କର କଠିନ ପରିଶ୍ରମ ଯୋଗୁ ପାଖାପାଖି ଶତ ପ୍ରତିଶତ ଟିକାକରଣ ଓ ଆନୁଷ୍ଠାନିକ ପ୍ରସବ ହୋଇପାରୁଛି। ଏହାଦ୍ୱାରା ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ବହୁତ କମାଇ ଦିଆଯାଇପାରିଛି ଓ ପ୍ରାୟତଃ ସବୁ ପ୍ରସବ ଡାକ୍ତରଖାନାରେ ହିଁ ହେଉଛି। ଏହା ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହୋଇପାରିଛି।

ଏହା ସହିତ ଗତ ୪ବର୍ଷ ତଳୁ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'ଧାତ୍ରୀ ବିଦ୍ୟା' (ମିଡ୍ ୱାଇଫେରି) ସାଧାରଣ ପ୍ରସବ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଅସ୍ତ୍ରୋପଚାରଜନିତ ଶିଶୁ ପ୍ରସବ ହାରକୁ ଯଥେଷ୍ଟ କମାଯାଇପାରିବାର ଲକ୍ଷ୍ୟ ରଖାଯାଇଛି।

ଏହିସବୁ ବିଷୟ ସହ ଆହୁରି ଅନେକ କଥା ବିଚାରକୁ ନେଲେ ଜଣାଯାଏ ଯେ ନର୍ସମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେମାନଙ୍କର ଭୂମିକା ଅପରିହାର୍ଯ୍ୟ। ଏହାଦ୍ୱାରା ସେମାନଙ୍କୁ ଅନେକ ସମୟରେ କାର୍ଯ୍ୟଚାପ ଦ୍ୱାରା ପ୍ରଭାବିତ ହେବାକୁ ପଡିଥାଏ। ସବୁଠାରୁ ଅଧିକ ସମ୍ମାନ ଓ ଦରମା ସୁଇଜରଲାଣ୍ଡ ପରି ସ୍ୱାସ୍ଥ୍ୟ ବିକଶିତ ଦେଶରେ ଦିଆଯାଇଥାଏ। ଆମ ରାଜ୍ୟରେ ୨୦୧୩ରେ ଦେଶରେ ପ୍ରଥମ କରି ଏକ ସ୍ୱର୍ତ୍ତ ସେବିକା ନିର୍ଦ୍ଦେଶାଳୟ ଗଠନ କରାଯାଇଥିଲା ଏବଂ ଏହାଦ୍ୱାରା ସେମାନଙ୍କର ଆବଶ୍ୟକ କାର୍ଯ୍ୟ ସୁଚାରୁରୂପେ କରାଯାଇପାରୁଛି। ପାଠପଢ଼ା ପାଇଁ ବେତନ ଛୁଟି ଦେବା ଓ ପଦୋନ୍ନତି ବ୍ୟବସ୍ଥାରେ ମଧ୍ୟ ଆମ ଦେଶରେ ଆମ ରାଜ୍ୟ ଅନ୍ୟ ରାଜ୍ୟଠାରୁ ଆଗୁଆ।

ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ ''ଅନ୍ତର୍ଜାତୀୟ ସେବିକା ଦିବସ'' (ଇଣ୍ଟରନ୍ୟାଶନାଲ ନର୍ସେସ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଅଟନ୍ତି ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର। ଅନ୍ତର୍ଜାତୀୟ ସେବିକା ସଂଘ (ଇଣ୍ଟରନ୍ୟାଶନାଲ କାଉନ୍ସିଲ ଫର୍ ନର୍ସେସ୍) ବା ଆଇସିଏନ୍ ୧୯୬୫ରୁ ଏହି ଦିବସକୁ ପାଳନ କରିଆସୁଅଛି। ୧୯୫୩ରେ ସ୍ୱାସ୍ଥ୍ୟ କର୍ମକର୍ତ୍ତା ଡରୋଥି ସୁଦରଲାଣ୍ଡ ତତ୍କାଳୀନ ୟୁଏସ୍ ରାଷ୍ଟ୍ରପତି ଆଇଜେନ୍ହୋମରଙ୍କୁ 'ସେବକା ଦିବସ' ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହା ଅନୁମୋଦନ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ଗ୍ରହଣ କରି ସମଗ୍ର ବିଶ୍ୱରେ ନର୍ସମାନଙ୍କୁ ଗୁରୁତ୍ୱ ଦେଇଥିଲା। ଅନ୍ତର୍ଜାତୀୟ ସେବିକା ପରିଷଦର ଅଧକ୍ଷା ଡା. ପାମେଲା ସିପ୍ରିଆନୋ କହନ୍ତି, '' ଆମ୍ଭେମାନେ ଆମ ନର୍ସମାନଙ୍କର ସ୍ୱାସ୍ଥ୍ୟ ଓ ନିରାମୟ ତଥା ନିରାପତ୍ତା ପାଇଁ ସମର୍ଥନ ଜଣାଇବା ଉଚିତ, କାରଣ ସେମାନେ ଆମ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକାରିତା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।''

ସେବିକାମାନେ ନାନାପ୍ରକାର ଆହ୍ୱାନ-ଶାରୀରିକ, ମାନସିକ, ଭାବାବେଗ ଓ ନୈତିକତା ଆଦିର ସମ୍ମୁଖୀନ ହୋଇଥାଆନ୍ତି। ଏହା ସହିତ ସେମାନଙ୍କର କାର୍ଯ୍ୟସ୍ଥଳର ନିରାପତ୍ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୀର୍ଘ ସମୟ ଏବଂ ରାତ୍ର ସମୟରେ କାର୍ଯ୍ୟ ତଥା ସଦାସର୍ବଦା ଗୁରୁତର ରୋଗୀମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ନର୍ସମାନଙ୍କର ଶରୀର ଓ ମନ ଉପରେ ଚାପ ପକାଇଥାଏ। ରୋଗୀ ଓ ଶଯ୍ୟା ଅନୁଯାୟୀ ନର୍ସମାନଙ୍କର ସଂଖ୍ୟା ଯଥେଷ୍ଟ କମ୍ ଥିବାରୁ ସେମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସହ ଅଧିକ ସମୟ କାମ କରିବାକୁ ପଡିଥାଏ। ସାମାଜିକ ଏବଂ ପାରିବାରିକ ଜୀବନ ମଧ୍ୟ କେତେକ କ୍ଷେତ୍ରରେ ପ୍ରଭାବିତ ହୋଇଥାଏ। ସଂକ୍ରାମକ ରୋଗ ଯେତେ ଯତ୍ନବାନ ହେଲେ ମଧ୍ୟ ସେମାନଙ୍କୁ ଆକ୍ରାନ୍ତ କରିଥାଏ। ଉତ୍ତମ କାର୍ଯ୍ୟଧାରା, ଯୋଗ, ପ୍ରାଣାୟାମ ଦ୍ୱାରା ସେମାନେ ନିଜ ମନକୁ ବିଷାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଅନେକ ସମୟରେ ଡାକ୍ତରୀ ନୈତିକତା ଓ ରୋଗୀର ଗୁପ୍ତ ତଥା ସମ୍ବେଦନଶୀଳ ବିଷୟସବୁକୁ ନିୟମ ଦୃଷ୍ଟିରୁ ଉହ୍ୟ ରଖିବାକୁ ପଡିଥାଏ। କେତେକ ସମୟରେ କିଛି ବ୍ୟକ୍ତିବିଶେଷଙ୍କ ବ୍ୟବହାର ମଧ୍ୟ ଠିକ୍ଠାକ୍ ନ ଥାଏ। ଏହା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଯେ ଆମ୍ଭେମାନେ ସେମାନଙ୍କର କାର୍ଯ୍ୟକୁ ସମ୍ମାନ ଦେବା ଓ ଉତ୍ତମ ଆଚରଣ ତଥା ବ୍ୟବହାର ପ୍ରଦାନ କରିବା। ଅନ୍ୟପକ୍ଷରେ ନର୍ସମାନେ ମଧ୍ୟ ରୋଗୀ ପ୍ରତି ସମ୍ବେଦନଶୀଳ, ଉତ୍ତମ ବ୍ୟବହାର ଓ ଠିକ୍ ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହାଦ୍ୱାରା ରୋଗୀଟିର ଆରୋଗ୍ୟ କମ୍ ସମୟ ମଧ୍ୟରେ ହୋଇଥାଏ।

-ପୂର୍ବତନ ସେବିକା ନିର୍ଦ୍ଦେଶକ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ମାନସିକତାକୁ ସକାରାତ୍ମକ ରଖେ ବ୍ରେକ୍ଫାଷ୍ଟ




ବ୍ରେକ୍ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ବ୍ରେକଫାଷ୍ଟ ଖାଇଲେ ତାହା ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଗରିଷ୍ଠ ଖାଦ୍ୟ ଅପେକ୍ଷା ହାଲୁକା ଖାଦ୍ୟକୁ ଦୈନନ୍ଦିନ ରୁଟିନ୍ରେ ସାମିଲ୍ କରନ୍ତୁ। ପ୍ରତିଦିନ ବ୍ରେକ୍ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯାହାଦ୍ୱାରା ଆପଣଙ୍କୁ ମାନ୍ଦା ମାନ୍ଦା ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ ନାହିଁ। ବ୍ରେକ୍ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସହାୟକ ହେବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍ଫାଷ୍ଟ କରନ୍ତୁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ସାମିଲ କରିପାରିବେ।

## ବ୍ୟାୟାମ ପୂର୍ବରୁ...

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ପରିଚୟ: ଅନ୍ତରୀକ୍ଷ ସଂଧାନେ




ଅଧୁନା ମହାକାଶ ବିଜ୍ଞାନରେ ଅନେକ ବିକାଶ ହେଉଛି। ନୂଆ ନୂଆ ଗ୍ରହ, ନକ୍ଷତ୍ର, ଗାଲାକ୍ସି, ପଲ୍ସାର, କୃଷ୍ଣଗର୍ତ୍ତ ଆଦି ଆବିଷ୍କୃତ ହେଉଛି। ଅନ୍ୟତମ ଜନପ୍ରିୟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁଙ୍କ ଦ୍ୱାରା ରଚିତ 'ଅନ୍ତରୀକ୍ଷ ସଂଧାନେ' ଶୀର୍ଷକ ପୁସ୍ତକରେ ଏହିପରି ୨୮ଟି ବିଷୟରେ ଅନେକ ନୂତନ ଜ୍ୟୋତିର୍ବିଦୀୟ ପିଣ୍ଡ ଓ ମହାକାଶ ଅଭିଯାନ ବିଷୟରେ ବର୍ଣ୍ଣନା କରାଯାଇଛି। ଏଥିରେ ପୁନଶ୍ଚ ଚନ୍ଦ୍ର ଅଭିଯାନ, ଏବର୍ଷ କଲୋମ୍ବୋ ଅଭିଯାନ, ଜେମ୍ସ ୱେବ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଆଷ୍ଟ୍ରୋସାଟ୍, ମହାକାଶ ଉପନିବେଶ ଏବଂ ମହାକାଶ କାର୍ଯ୍ୟକ୍ରମରେ ଭାରତର ସଫଳତା ଆଦି ବିଷୟରେ ବର୍ଣ୍ଣନା କରାଯାଇଛି। ଏହା ସହିତ ଅନ୍ତରୀକ୍ଷରେ ଥିବା କେତେକ ଆକର୍ଷଣୀୟ ବସ୍ତୁପିଣ୍ଡ ଯଥା- କୁଇପର ବଳୟ, ନବମ ଗ୍ରହ, କୃଷ୍ଣଗର୍ତ୍ତ, କୀଟଗର୍ତ୍ତ, ପଲ୍ସାର ଆଦି ସମ୍ବନ୍ଧରେ ମଧ୍ୟ ବିଷଦ ଆଲୋଚନା କରାଯାଇଛି। ଉକ୍ତ ସଚିତ୍ର ପୁସ୍ତକଟିର ପ୍ରତିଟି ବିଷୟ ପାଠିକା-ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ସେ ଏପର୍ଯ୍ୟନ୍ତ ୮୫ଟି ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି ଏବଂ ତାଙ୍କର ବିଜ୍ଞାନ ନିବନ୍ଧ ଧରିତ୍ରୀ ସମେତ ଅନେକ ଖବରକାଗଜ ଓ ପତ୍ରିକାରେ ପ୍ରକାଶିତ ହୋଇସାରିଛି। ବିଶ୍ୱନାଥ ଏଣ୍ଟରପ୍ରାଇଜେସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ମୂଲ୍ୟ ରହିଛି ୧୩୦ଟଙ୍କା। ଯୋଗାଯୋଗ : ବିଶ୍ୱନାଥ ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର

## ଜୀବନଶୈଳୀ ଓ ମେଦବହୁଳତା

ବର୍ତ୍ତମାନ ମେଦବହୁଳତା ଏକ ସାଧାରଣ କଥା ପାଲଟିଗଲାଣି। ବିଶେଷଭାବରେ ଏହାପଛରେ ଅନେକ କାରଣ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କାରଣକୁ ସାମିଲ କରାଯାଇଛି। ତାହା ହେଲା ଜୀବନଶୈଳୀ। ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ଠିକ୍ ବାଟରେ ପରିଚାଳିତ କରିବା ସହଜ କଥା ନୁହେଁ। ତେବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିହାତି ଦରକାର। ଯଦି ଜଣଙ୍କର ଜୀବନଶୈଳୀ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା, ତେବେ ସେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏକ ସର୍ଭେ ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଯେଉଁମାନେ ଏଭଳି ସମସ୍ୟା ସହ ଦୀର୍ଘ ଦିନ ଧରି ଜଡିତ ଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କ ଠାରେ ମେଦବହୁଳତା ଦେଖିବାକୁ ମିଳିଥିଲା। ତେବେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➢କେତେକ ବ୍ୟକ୍ତି ରୋଗର କାରଣ ବିଷୟରେ ଜାଣିଲେ ମଧ୍ୟ ସେଥିପ୍ରତି ଠିକ୍ ଭାବରେ ଦୃଷ୍ଟି ଦେଇ ନ ଥାନ୍ତି। ପରବର୍ତ୍ତୀ ସମୟରେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

➢ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ମାଂସପେଶୀ ଦୃଢ଼ ହୋଇଥାଏ।

➢ଅଧିକ ସମୟ କମ୍ପ୍ୟୁଟର ପାଖରେ ବସି କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ ଏବଂ ଆଖି ପ୍ରଭାବିତ ହୋଇ ନ ଥାଏ।

➢ଆଖୁ ରସରେ ଏଭଳି ତତ୍ତ୍ୱ ରହିଛି ଯାହା ପାଚନ କ୍ରିୟାକୁ ଆହୁରି ଦୃଢ଼ କରିଥାଏ।

➢ନିୟମିତ ମହୁ ଖାଉଥିଲେ ତାହା ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

➢ନିଜକୁ ଟେନସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଭବିଷ୍ୟତରେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➢ନିଜର ଖାଦ୍ୟପେୟ, ଚାଲିଚଳଣି ପ୍ରତି ସତର୍କ ରହିଲେ ଆମେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବା।



# ବ୍ରେନ୍ ଟ୍ୟୁମର: କାରଣ, ଚିକିତ୍ସା



ଡା. ନିତ୍ୟାନନ୍ଦ ସ୍ୱାଇଁ

''ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ।''



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଏହାର ଭିତର ଅଂଶ ଧଳା। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା- ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ଅସୁଖବିସୁଖ ମଧ୍ୟ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେ ରଖିବା, ମନେ ପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୁଣ ଅବସ୍ଥାରୁ।

ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପ୍ରଥମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ। ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ।

ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡିକରେ କ୍ୟାନ୍ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା ଏବଂ ବାନ୍ତି। ଆଖିକୁ ଭଲ ଦେଖାଯାଏନା। କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମଆରଆଇ ସ୍କାନ, ପେଟ ସ୍କାନ, ଇଇଜି, ଆଞ୍ଜିଓଗ୍ରାମ୍, ଭେଣ୍ଟ୍ରିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା। ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଠିକ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

-'ଅଭୀପ୍ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ Bhubaneswar, Monday, May 12/ 2025

# ୧୬ କିମ୍ବା ୧୭ରୁ ହୋଇପାରେ ଆଇପିଏଲ୍

**ନୂଆଦିଲ୍ଲୀ,୧୧।୫(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା କାରଣରୁ ସ୍ଥଗିତ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆସନ୍ତା ୧୬ କିମ୍ବା ୧୭ ତାରିଖରେ ଆରମ୍ଭ ହୋଇପାରେ। ଲିଗ୍‌ର ଫାଇନାଲ ମ୍ୟାଚ୍ କୋଲକାତାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାର ସମ୍ଭାବନା ରହିଛି। ଶନିବାର ସିଜଫାୟାର ଘୋଷଣା ହେବା ପରେ ଗତ ୯ ତାରିଖରୁ ସ୍ଥଗିତ ଥିବା ଟୁର୍ଣ୍ଣାମେଣ୍ଟ ଲାଗି ବାଟ ଫିଟିଛି।

ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ସଦସ୍ୟ ଓ ବିସିସିଆଇ ଅଧିକାରୀ ରବିବାର ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲ ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିସିସିଆଇ ଅଧିକାରୀ ସମାଧାନର ବାଟ ଉପରେ କାମ କରୁଛନ୍ତି। ବିସିସିଆଇ ସମ୍ପାଦକ ଓ ଆଇପିଏଲ୍ ଚେୟାରମ୍ୟାନ ସମସ୍ତ ଫ୍ରାଞ୍ଚାଇଜ ଓ ପ୍ରତ୍ୟେକଙ୍କ ସହ ଆଲୋଚନା କରୁଛନ୍ତି। ଖୁବଶୀଘ୍ର ନିଷ୍ପତ୍ତି ସମ୍ପର୍କରେ ଜଣାପଡ଼ିବ। ଯଥା ଶୀଘ୍ର ଟୁର୍ଣ୍ଣାମେଣ୍ଟକୁ ଆରମ୍ଭ କରିବାକୁ ପ୍ରୟାସ କରାଯାଉଛି। ସେହିଭଳି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ଆଗାମୀ କିଛି ଦିନ ମଧ୍ୟରେ ଆମେ ସମସ୍ତ ଫ୍ରାଞ୍ଚାଇଜ, ବ୍ରଡକାଷ୍ଟର୍ସ, ସ୍ପନସର୍ସ ଓ ବଳକା ମ୍ୟାଚ୍ ଆୟୋଜନ କରିବାକୁ ଥିବା ରାଜ୍ୟ ଆସୋସିଏଶନ ସହ କଥା ହେବୁ। ଆଇପିଏଲ ବର୍ତ୍ତମାନ ଯେଉଁ ପର୍ଯ୍ୟାୟରେ ଅଛି, ଲିଗ୍‌କୁ ପୁନଃ ଆରମ୍ଭ ଲାଗି ତାରିଖ ଧାର୍ଯ୍ୟ କରିବା ପୂର୍ବରୁ ସରକାରଙ୍କ ଅନୁମତି ମଧ୍ୟ ଦରକାର। କିନ୍ତୁ ଆଇପିଏଲ୍ ସୂତ୍ରରୁ କୁହାଯାଇଛି ଯେ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରୁ ଆଇପିଏଲ୍ ଆରମ୍ଭ ହେବ। ଏହି ମ୍ୟାଚ୍ ଗତ ୯ ତାରିଖରେ ଖେଳାଯିବାର ଥିଲା। ସମସ୍ତ ଦଳକୁ ସେମାନଙ୍କ ଖେଳାଳିଙ୍କୁ ଡକାଇବାକୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୧୬ କି ୧୭ ତାରିଖରେ ଲକ୍ଷ୍ନୌରେ ଆରମ୍ଭ ହୋଇପାରେ। ଚୂଡ଼ାନ୍ତ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇବ। ବଳକା ଥିବା ସମସ୍ତ ମ୍ୟାଚ୍ ୪ଟି ଭେନ୍ୟୁରେ ଖେଳାଯିବ। ଦିଲ୍ଲୀ ଓ ଧର୍ମଶାଳାରେ କୌଣସି ମ୍ୟାଚ୍ ଆୟୋଜନ କରାଯିବ ନାହିଁ। ଏହି ଷ୍ଟାଡିୟମରୁ ସମସ୍ତ ସରଞ୍ଜାମ ହଟାଇ ଦିଆଯାଇଛି। ପ୍ଲେଅଫ ପର୍ଯ୍ୟାୟର କ୍ୱାଲିଫାୟର-୧ ଓ ଏଲିମିନେଟର ମ୍ୟାଚ୍‌ର ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। କିନ୍ତୁ ଫାଇନାଲ ମ୍ୟାଚ୍ କୋଲକାତା ବଦଳରେ ଅହମଦାବାଦରେ ଖେଳାଯାଇପାରେ।



### ପଏଣ୍ଟ ଭାଗ କରିପାରନ୍ତି ପଞ୍ଜାବ ଓ ଦିଲ୍ଲୀ

ଗତ ୮ ତାରିଖରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌କୁ ଅଧାରୁ ବାତିଲ କରି ଦେଇଥିଲା। ଏଥିଲାଗି ଉଭୟ ଦଳକୁ ଏକ ଲେଖାଏ ପଏଣ୍ଟ ଦିଆଯିବା ବିଶେଷ ସମ୍ଭାବନା ରହିଛି।

# ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍



ଟ୍ରଫି, ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୧୧।୫(ଅନାଦି କର)**

କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲଠାରେ ଓଡ଼ିଶା ଷ୍ଟେଟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ପକ୍ଷରୁ ତୃତୀୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଯାଜପୁରର ଦୀପ୍ତି ରଞ୍ଜନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସହ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର ମନୀଷ ରଞ୍ଜନ ଦାସ (୪ ପଏଣ୍ଟ) ମିଳିତ ରନରଅପ ହୋଇଛନ୍ତି। ଏଥିସହିତ ୭, ୯, ୧୧, ୧୩ ବର୍ଷରୁ କମ୍ ଓ ବାଳିକା ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ଚାମ୍ପିୟନଶିପ୍‌କୁ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ରାଉରକେଲା ସିଇଓ ସୁଶାନ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍‌ସିପାଲ ସର୍ବେଶ୍ୱର ସାମଲ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ, ଓଏସ୍‌ସିଏର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ନଳିନୀକାନ୍ତ ଆଚାର୍ଯ୍ୟଙ୍କ ଭଉଣୀ ଶିବାଙ୍ଗୀ ଆଚାର୍ଯ୍ୟ ଯୋଗଦେଇଥିଲେ।

# ଦୀପ ରଞ୍ଜନ, ଶୁଭ୍ରଜିତ୍‌ଙ୍କୁ ବ୍ରୋଞ୍ଜ



ପଦକ ସହ ଦୀପରଞ୍ଜନ ଓ ଶୁଭ୍ରଜିତ୍।

**ଭୁବନେଶ୍ୱର,୧୧।୫ (ଅନାଦି କର)**

ସମ୍ମାନଜନକ ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭେଲ ୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଷୋଇ ଓ ଶୁଭ୍ରଜିତ୍ ମହାରଣା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶାର ଦୀପ ରଞ୍ଜନ ୟୁକ୍ରେନର ଓକସାନା କୋଜିନାଙ୍କୁ ସାଥି କରି ମିକ୍ସଡ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ୟୁ୫ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଇଣ୍ଡୋ-ୟୁକ୍ରେନ ଯୋଡ଼ି ସେମିଫାଇନାଲରେ ୧୦-୨୧, ୦୫-୨୧ ଗେମରେ ଭାରତର ଚିରାଗ ବରେଥା ଓ ମନଦୀପ କୌରଙ୍କଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ଭାରତର ବିଟୁ କୁମାରଙ୍କ ସହ ଶୁଭ୍ରଜିତ ମହାରଣା ଯୋଡ଼ି କରି ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ୨୧-୧୭, ୨୧-୧୬ ଗେମ୍‌ରେ ତୁର୍କୀର ମୁସ୍ତାଫା ତୁଗ୍ରା ନୁର ଓ ଫୁଆତ ସୁରାକଲୁଙ୍କୁ ପରାସ୍ତ କରିଥିଲେ। ହେଲେ ସେମିଫାଇନାଲରେ ଭାରତୀୟ ଯୋଡ଼ି ୧୭-୨୧, ୧୧-୨୧ ଗେମ୍‌ରେ କୋରିଆର ଜୁ ଡଙ୍ଗ ଜାଏ ଓ ଶିନ ଖୁଙ୍ଗ ହୁଆନଙ୍କଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛି।

# କୋହଲିଙ୍କୁ ମନାଉଛି ବିସିସିଆଇ

**ନୂଆଦିଲ୍ଲୀ,୧୧।୫:** ବିରାଟ କୋହଲିଙ୍କୁ ଟେଷ୍ଟ ଫର୍ମାଟରେ ଖେଳିବା ଜାରି ରଖିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମନାଇବାକୁ ଉଦ୍ୟମ ଚଳାଇଛି। କିଛି ରିପୋର୍ଟ ମୁତାବକ, କୋହଲି ଲମ୍ବା ଫର୍ମାଟ କ୍ୟାରିୟର ଶେଷ କରିବାକୁ ଚାହାନ୍ତି ଏବଂ ଏ ସମ୍ପର୍କରେ ସେ ବିସିସିଆଇର ଚୟନ କମିଟିକୁ ଜଣାଇ ଦେଇଛନ୍ତି। ଭାରତୀୟ କ୍ରିକେଟ ଜଗତର ଜଣେ ପ୍ରଭାବୀ ବ୍ୟକ୍ତିଙ୍କୁ ହସ୍ତକ୍ଷେପ କରିବାକୁ କୁହାଯାଇଥିବା ବେଳେ କୋହଲି ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଭାରତୀୟ ଦଳର ଅନ୍ୟତମ ସିନିୟର ଖେଳାଳି ରୋହିତ ଶର୍ମା ରେଡ ବଲ କ୍ରିକେଟରୁ ଅବସର ନେଇଥିବାରୁ କୋହଲିଙ୍କୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଛି।

# ଅଷ୍ଟ୍ରେଲିଆରେ ପ୍ରଥମ ତ୍ରିଶତକ ହାସଲକାରୀଙ୍କ ପରଲୋକ

**ମେଲବୋର୍ନ, ୧୧।୫ (ଏପି):** ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ କ୍ରିକେଟରେ ପ୍ରଥମ ତ୍ରିଶତକ ହାସଲ କରିଥିବା ବବ୍ କୋପରଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। କୋପର ୧୯୬୪ରୁ ୧୯୬୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୨୭ ଟେଷ୍ଟ ମ୍ୟାଚ ଖେଳିଲେ। ୧୯୬୬ ଫେବୃଆରୀରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିସି)ରେ ସେ ତାଙ୍କର ପ୍ରସିଦ୍ଧ ଇନିଂସ ଖେଳିଥିଲେ। କ୍ରିଜ୍‌ରେ ସେ ଦୀର୍ଘ ୧୨ ଘଣ୍ଟା ରହି ୫୮୯ ବଲ୍‌ରୁ ୩୦୭ ରନ ସଂଗ୍ରହ କରିଥିଲେ। ବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆରେ ଏହାଥିଲା ଏକମାତ୍ର ତ୍ରିଶତକ। ସେ ସମୟରେ ଏହାଥିଲା ମୋଟ ଉପରେ ୧୦ମ ତ୍ରିଶତକ। ଏମ୍‌ସିସି ମ୍ୟାଚ ପୂର୍ବରୁ ଆଡିଲେଡଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ଦ୍ୱାଦଶ ଖେଳାଳି ଥିଲେ। ଏମ୍‌ସିସି ତାଙ୍କ ହୋମ୍‌ଗ୍ରାଉଣ୍ଡ ହୋଇଥିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା।

# ବିଡ଼ାନାସୀ କ୍ଲବକୁ ହରାଇଲା ଫାଓ ଏକାଡେମୀ




ମ୍ୟାଚ୍ ପୂର୍ବରୁ ଫାଓ ଏକାଡେମୀ ଓ ବିଡ଼ାନାସୀ କ୍ଲବ୍‌ର ଖେଳାଳିମାନେ।

**ଭୁବନେଶ୍ୱର, ୧୧।୫ (ବିଜୟ ରଣା)**

### ୧୭ବର୍ଷରୁ କମ୍ ୟୁଥ୍ ଲିଗ୍

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ବର୍ତ୍ତମାନ ରହିଥିବା କଟକ ଓ ଭୁବନେଶ୍ୱର ଦୁଇ ଡିଭିଜନକୁ ନେଇ ୧୭ ବର୍ଷରୁ କମ୍ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ରବିବାର କଟକ ଡିଭିଜନର ପ୍ରଥମ ମ୍ୟାଚରେ ଫାଓ ଏକାଡେମୀ ୪-୨ ଗୋଲ୍‌ରେ ବିଡ଼ାନାସୀ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଇଶାନ୍ତ କୁଜୁର ବ୍ୟକ୍ତିଗତ (୨୫ତମ ଓ ୩୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ବିଶ୍ୱଜିତ୍ ତନ୍ତୀ (୫୧ତମ) ଓ ସାହିଲ ସୋରେନ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିଡ଼ାନାସୀ ତରଫରୁ ରୋନକ ରୋସନ ସାମଲ (୩୧ତମ) ଓ ସ୍ୱାଧୀନ ମୁର୍ମୁ (୭୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ବେହେରା, ଚିତ୍ତରଞ୍ଜନ ବେହେରା, ବିଶ୍ୱଜିତ୍ ପଢ଼ିହାରୀ ଓ ନିପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମିନୀ, କାର୍ତ୍ତିକେୟନଙ୍କୁ ଚତୁର୍ଥ ସ୍ଥାନ

**ଅଲ୍ ଏନ୍, ୧୧।୫ (ପି.ଟି.)**

### ଏସିଆନ ବ୍ଲିଜ୍ ଚେସ୍

ଭାରତର ଇଣ୍ଟରନ୍ୟାଶନାଲ ମାଷ୍ଟର ପଦ୍ମିନୀ ରାଉତ ଓ ଗ୍ରାଣ୍ଡମାଷ୍ଟର ମୁରଲୀ କାର୍ତ୍ତିକେୟନ ଏଠାରେ ଅନୁଷ୍ଠିତ ଏସିଆନ ବ୍ୟକ୍ତିଗତ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ମହିଳା ଓ ଓପନ୍ ବିଭାଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ରୁଷିଆର ଭାଲେଣ୍ଟିନା ଗୁନିନା (୭.୫ ପଏଣ୍ଟ)ଙ୍କ ଆଗରେ କାଜାଖସ୍ତାନର ଆଲୁଆ ନୁର୍ମାନ ଟାଇଟଲ ବିଜୟୀ ହୋଇଥିଲେ। ପଦ୍ମିନୀଙ୍କ ସହ ଟାଇବ୍ରେକ୍ କରି ଚାଇନାର ୟୁଜିନ ସଙ୍ଗ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓପନ ବିଭାଗରେ ଫିଡେ ପତାକା ଅଧୀନରେ ଖେଳୁଥିବା ରୁଷିଆର ୧୫ବର୍ଷୀୟା ଗ୍ରାଣ୍ଡମାଷ୍ଟର ଇଭାନ ଜେମଲ୍ୟାନସ୍କିଆ ଚାମ୍ପିୟନ ହୋଇଥିଲେ। ସେ ୯ ପଏଣ୍ଟରୁ ୮ ପଏଣ୍ଟ ଅର୍ଜନ କରିଥିଲେ। ଇରାନର ୧୫ ବର୍ଷୀୟା ସିନା ମୋହାଭେଦ୍ (୭.୫) ବେଷ୍ଟ ଟାଇବ୍ରେକ୍ ସ୍କୋର ସହ ରୁଷିଆର ରୁଦିକା ମାକାରିଆନ (୭)ଙ୍କ ଆଗରେ ଦ୍ୱିତୀୟ ହୋଇଥିଲେ। ସେମାନଙ୍କ ପଛକୁ କାର୍ତ୍ତିକେୟନ ଓ ନୀଲେଶ ଶାହା ଯଥାକ୍ରମେ ୪ର୍ଥ ଓ ୫ମ ହୋଇଥିଲେ।

# ଦୀପିକାଙ୍କୁ ବ୍ରୋଞ୍ଜ, ଭାରତକୁ ୭ ପଦକ

**ଶାଙ୍ଘାଇ,୧୧।୫(ପି.ଟି.):** ଭାରତର ସବୁଠୁ ସଫଳ ତୀରନ୍ଦାଜ ଦୀପିକା କୁମାରୀ ଓ ପାର୍ଥ ସାଲୁଙ୍କେ ଆର୍ଚେରୀ ୱାର୍ଲ୍ଡକପ୍ ଷ୍ଟେଜ-୨ରେ ରବିବାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହିତ ଟୁର୍ଣ୍ଣାମେଣ୍ଟରେ ଭାରତ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଏଥିପୂର୍ବରୁ କମ୍ପାଉଣ୍ଡ ତୀରନ୍ଦାଜମାନେ ୫ଟି ପଦକ ଜିତିଥିଲେ। ଦୀପିକା ମହିଳା ରିକର୍ଭ ବ୍ୟକ୍ତିଗତ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଲିମ ଶିହେଅନଙ୍କଠାରୁ ୧-୭ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୩୦ ବର୍ଷୀୟା ୪ ଥରର ଅଲିମ୍ପିଆନ ୭-୩ ବ୍ୟବଧାନରେ କୋରିଆର କାଙ୍ଗ ଚାଏ ୟଙ୍ଗଙ୍କୁ ହରାଇଛନ୍ତି। ପୁରୁଷ ବିଭାଗରେ ୨୧ ବର୍ଷୀୟ ସାଲୁଙ୍କେ ସେମିଫାଇନାଲରେ ଟପ ସିଡ୍ କୋରିଆର କିମ୍ବଦନ୍ତୀ କିମ୍ ଉଜିନଙ୍କଠାରୁ ୧-୭ରେ ପରାଜିତ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ ମ୍ୟାଚ୍‌ରେ ସେ ୬-୪ ବ୍ୟବଧାନରେ ଫ୍ରେଞ୍ଚ ଆର୍ଚର ବାପ୍ଟିଷ୍ଟେ ଆଡିସଙ୍କୁ ପରାସ୍ତ କରିଥିଲେ।

# ମୀନା ସାନ୍ତାଙ୍କୁ ରୌପ୍ୟ ପଦକ


### ଖେଲୋ ଇଣ୍ଡିଆ ୟୁଥ ଗେମ୍ସ

**ଭୁବନେଶ୍ୱର,୧୧।୫ (ଅନାଦି କର)**

ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶାର ମୀନା ସାନ୍ତା ରୌପ୍ୟ ପଦକ ଜିତିଛନ୍ତି। ବାଳିକା ୱେଟଲିଫ୍ଟିଂରେ ସେ ଏହି ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ୫୫ କେଜି ବର୍ଗର ଫାଇନାଲରେ ସେ ମୋଟ ୧୭୭ କେଜି ଭାର ଉତ୍ତୋଳନ କରିଥିଲେ। ଏହି ଇଭେଣ୍ଟରେ ଆସାମର ଏସାଙ୍ଗଫା ଗୋଗୋଇ ମୋଟ ୧୮୩ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିବା ସହ ଜାତୀୟ ୟୁଥ ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଓଡ଼ିଶା ମୀନା ସାନ୍ତାଙ୍କ ନାମରେ ଥିଲା। ସେ ଗତ ବର୍ଷ ଏହି ରେକର୍ଡର ଅଧିକାରୀ ହୋଇଥିଲେ।



ମୀନା ସାନ୍ତା (ମଝି)।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ପୂର୍ବତନ ଭାରତୀୟ ସ୍ପିନର ପ୍ରଜ୍ଞାନ ଓଝାଙ୍କ ସୌଜନ୍ୟମୂଳକ ସାକ୍ଷାତ।

# ତ୍ରିରାଷ୍ଟ୍ରୀୟ ସିରିଜ୍: ଭାରତ ଚାମ୍ପିୟନ

**କଲମ୍ବୋ,୧୧।୫**

ସ୍ମୃତି ମନ୍ଧାନାଙ୍କ ଶତକ ଓ ସ୍ନେହ ରାଣାଙ୍କ ୪ ଉଇକେଟ ସଫଳତା ବଳରେ ଭାରତୀୟ ମହିଳା ଦଳ ୯୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଚାମ୍ପିୟନ ହୋଇଛି। ଭାରତ ଦ୍ୱାରା ପ୍ରଦତ୍ତ ୩୪୩ ରନର ବିଶାଳ ଟାର୍ଗେଟ ଆଗରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ମନ୍ଧାନାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଓ ସିରିଜ୍‌ରେ ମୋଟ ୧୫ ଉଇକେଟ ନେଇଥିବା ସ୍ନେହଙ୍କୁ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ପେସର କ୍ରାନ୍ତି ଗୌଡ଼ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ପ୍ରତିକା ରାୱଲ ଓ ମନ୍ଧାନା ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୭୦ ରନ କରିଥିଲେ। ପ୍ରତିକା ୩୦ (୨ ଚୌକା) ରନ କରି ଆଉଟ୍ ହେବା ପରେ ହର୍ଲିନ ଦେଓଲଙ୍କ ସହ ମିଶି ମନ୍ଧାନା ଦଳୀୟ ସ୍କୋରରେ ୧୨୦ ରନ ଯୋଡ଼ିଥିଲେ। ଇତିମଧ୍ୟରେ ମନ୍ଧାନା ଶତକ ପୂରଣ କରିଥିଲେ। ସେ ୧୦୧ ବଲରେ ୧୧୬ (୧୫ ଚୌକା ଓ ୨ ଛକା) ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଏକାଦଶତମ ଶତକ ଥିଲା। ତାଙ୍କ ପରେ ହର୍ଲିନ ୪୭ (୪ ଚୌକା), ଅଧିନାୟିକା ହରମନପ୍ରୀତ କୌର ୪୧ (୪ ଚୌକା ଓ ୧ ଛକା), ଜେମିମା ରୋଡ୍ରିଗୁଏଜ ୪୪ (୪ ଚୌକା), ଅମନଜୋତ କୌର ୧୮ ଓ ଦୀପ୍ତି ଶର୍ମା ୨୦ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୪୨ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ମଲକି ମଦାରା, ଦେବମି ବିହଙ୍ଗା ଓ ସୁଗନ୍ଧିକା କୁମାରୀ ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚମାରି ଆଟାପାଟୁ ୫୧, ନିଲାକ୍ଷୀ ଡି ସିଲଭା ୪୮, ଭିଶ୍ମି ଗୁଣରତ୍ନେ ୩୬ ଓ ଅନୁଷ୍କା ସଞ୍ଜୀବନୀ ୨୮ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ସ୍ନେହ ରାଣା ୪ ଉଇକେଟ ନେଇଥିବା ବେଳେ ଅମନଜୋତ କୌର ୩ ଉଇକେଟ ନେଇଥିଲେ।




ଶତକ ହାସଲ ପରେ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୩୪୨/୭ (ସ୍ମୃତି ମନ୍ଧାନା-୧୧୬, ହର୍ଲିନ ଦେଓଲ-୪୭, ଜେମିମା ରୋଡ୍ରିଗୁଏଜ-୪୪, ହରମନପ୍ରୀତ କୌର-୪୧, ସୁଗନ୍ଧିକା କୁମାରୀ-୨/୫୯, ଦେବମି ବିହଙ୍ଗା-୨/୬୯)। ଶ୍ରୀଲଙ୍କା ମହିଳା ଦଳ: ୪୮.୨ ଓଭରରେ ୨୪୫/ଅଲଆଉଟ୍ (ଚମାରି ଆଟାପାଟୁ-୫୧, ନିଲାକ୍ଷୀ ଡି' ସିଲଭା-୪୮, ଭିଶ୍ମି ଗୁଣରତ୍ନେ-୩୬, ସ୍ନେହ ରାଣା-୪/୩୮, ଅମନଜୋତ କୌର-୪/୫୪)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ